OCTOBER 13, 2026
TUESDAY, BHUBANESWAR

ଅକ୍ଟୋବର ୧୩, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 41 ବର୍ଷ- ୨ ● ସଂଖ୍ୟା- ୪୧ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ବିଶ୍ୱସ୍ତରୀୟ ହେବ ଶ୍ରୀକ୍ଷେତ୍ର

# ପୁରୀର କାୟାକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ଓଡ଼ିଶାର ଅସ୍ମିତା ଓ ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର : ମୁଖ୍ୟମନ୍ତ୍ରୀ

- ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ସେବାୟତ ଓ ନାଗରିକଙ୍କୁ ମିଳିବ ପ୍ରାଥମିକତା
- ଶ୍ରୀସେତୁ ନିକଟରେ ଥଇଥାନ ହେବେ ବଡଦାଣ୍ଡ ଉଠା ଦୋକାନୀ
- ପାଠାଗାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆଲୋଚନା



ଭୁବନେଶ୍ୱର, ୧୨/୧୦ : ପୁରୀ ଜିଲ୍ଲାର କାୟାକଳ୍ପ ଏବଂ ଶ୍ରୀକ୍ଷେତ୍ରକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ତଥା ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପୁରୀର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଛି।

ଏହି ସମୀକ୍ଷା ବୈଠକରେ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି।ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍‌ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ☞ପୃଷ୍ଠା-୨



ମା' କଟକ ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ

## ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ପବିତ୍ର ଦୁର୍ଗାମାଧବଙ୍କ ଗୁପ୍ତ ଗୁଣ୍ଡିଚା ଯାତ୍ରା

ନାରାୟଣୀ ପୀଠକୁ ବିଜେ କଲେ ଦୁର୍ଗାମାଧବ



ପୁରୀ, ୧୨/୧୦ : ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ନବଦିନବ୍ୟାପୀ ଗୁପ୍ତ ଗୁଣ୍ଡିଚା ଯାତ୍ରା। ଦୁର୍ଗା ମାଧବ ଏକାଠି ରଥାକୃତି ବିମାନରେ ବସି ନାରାୟଣୀ ମନ୍ଦିରକୁ ଯାତ୍ରା କରିଛନ୍ତି। ଶ୍ରୀକ୍ଷେତ୍ର ଶାକ୍ତ ପରମ୍ପରାର ଅନ୍ୟତମ ପ୍ରଧାନ ପୀଠ ହୋଇଥିବା ବେଳେ ଦୁର୍ଗା ଓ ମାଧବ ଏକାଠି ଉପାସନା କରାଯିବାର ବିଧି ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ଏହି ପରମ୍ପରା ଆଧାରରେ ଆଜି ପ୍ରଭୁ ଦୁର୍ଗା ମାଧବ ନନ୍ଦିଘୋଷ ବିମାନରେ ଗୁପ୍ତ ଗୁଣ୍ଡିଚାକୁ ବିଜେ କରିଛନ୍ତି। ପ୍ରଚଳିତ ଲୋକ କଥା ମୁତାବକ, ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁ ☞ପୃଷ୍ଠା-୨

## ଓଡ଼ିଶାର ନୂଆ ରାଜ୍ୟପାଳ ବ୍ରଜମୋହନ ରାମ



୬ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତ

ନୂଆଦିଲ୍ଲୀ, ୧୨/୧୦ : ଦେଶର ପ୍ରଶାସନିକ ଏବଂ ସାମ୍ବିଧାନିକ ସ୍ତରରେ ଏକ ବଡ଼ଧରଣର ରଦବଦଳ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ସୁପାରିଶ କ୍ରମେ ରାଷ୍ଟ୍ରପତି ଭବନ ପକ୍ଷରୁ ଦେଶର ୬ଟି ପ୍ରମୁଖ ରାଜ୍ୟ ପାଇଁ ନୂତନ ରାଜ୍ୟପାଳଙ୍କ ନାମ ଘୋଷଣା କରାଯାଇଛି। ଏହି ନୂତନ ନିଯୁକ୍ତି ପ୍ରକ୍ରିୟାରେ ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଭାରତର ଗୁରୁତ୍ୱପୂର୍ଣ୍ଣ ରାଜ୍ୟଗୁଡ଼ିକ ସାମିଲ ରହିଛନ୍ତି। ଏହି କ୍ରମରେ ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କୁ ନିଯୁକ୍ତ କରାଯାଇଛି। ସେ ରାଜ୍ୟପାଳ ଭବନର ଦାୟିତ୍ୱ ଗ୍ରହଣ କରି ଓଡ଼ିଶାର ସାମ୍ବିଧାନିକ ☞ପୃଷ୍ଠା-୨

ଭୋଟର ତାଲିକା ସଂଶୋଧନ

## ହଟିବ ନକଲି ଓ ମୃତ ଭୋଟରଙ୍କ ନାଁ

# ଏସ୍‌ଆଇଆର୍‌କୁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ସମର୍ଥନ

- ତ୍ରୁଟିମୁକ୍ତ ଭୋଟର ତାଲିକା ପାଇଁ ଏସ୍‌ଆଇଆର୍ ଅତ୍ୟନ୍ତ ଜରୁରୀ: ମୁଖ୍ୟମନ୍ତ୍ରୀ
- କୌଣସି ଯୋଗ୍ୟ ଭୋଟରଙ୍କ ନାଁ ନ କାଟିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧୨/୧୦ : ଭୋଟର ତାଲିକାକୁ ତ୍ରୁଟିମୁକ୍ତ ଓ ସଠିକ୍ କରିବା ପାଇଁ ସତନ୍ତ୍ର ଭୋଟର ତାଲିକା ସଂଶୋଧନ ଏକ ଆବଶ୍ୟକ ତଥା ଗଠନମୂଳକ ପଦକ୍ଷେପ। ଏହା ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଭରସାକୁ ଆହୁରି ମଜବୁତ କରିବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀରେ SIRକୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଢରେ ନିଜର ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ମତରେ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସଠିକ୍ ଭୋଟର ତାଲିକା ଅତ୍ୟନ୍ତ ଜରୁରୀ। ଏଥିସହ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାର ସୁରକ୍ଷିତ ରହିବା ମଧ୍ୟ ଆବଶ୍ୟକ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୋଟର ତାଲିକାରେ ଏକାଧିକ ଥର ନାଁ ରହିବା, ମୃତ ବ୍ୟକ୍ତିଙ୍କ ନାଁ ହଟିନଥିବା ଏବଂ ପୁରୁଣା ଠିକଣା ଭଳି ତ୍ରୁଟି ତାଲିକାର ସଠିକତାକୁ ପ୍ରଭାବିତ କରିପାରେ। SIR ମାଧ୍ୟମରେ ଏଭଳି ଅସଙ୍ଗତି ଚିହ୍ନଟ କରିବା, ନକଲି ବା ଦୋହରା ଏଣ୍ଟ୍ରି ହଟାଇବା, ମୃତ ବ୍ୟକ୍ତିଙ୍କ ରେକର୍ଡ ଅପଡେଟ୍ କରିବା ଏବଂ ଠିକଣା ପରିବର୍ତ୍ତନ ଭଳି ତଥ୍ୟ ସଂଶୋଧନ କରିବା ସମ୍ଭବ ହୋଇଥାଏ। ଏହାସହ ସମସ୍ତ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରେ ରହିବା ନିଶ୍ଚିତ କରିବା ମଧ୍ୟ ଏହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। SIRକୁ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସଂଶୋଧନ ପ୍ରକ୍ରିୟାରେ କୌଣସି ଯୋଗ୍ୟ ଭୋଟରଙ୍କ ନାଁ ଭୁଲ୍‌ରେ ବାଦ୍ ପଡ଼ିବା ଉଚିତ ନୁହେଁ।

ତାଙ୍କ ମତରେ, ନିର୍ବାଚନରେ ସମାନ ପ୍ରତିନିଧିତ୍ୱ, ନିରପେକ୍ଷତା ଓ ପ୍ରତ୍ୟେକ ଭୋଟର ମୂଲ୍ୟର ସୁରକ୍ଷା ପାଇଁ ଭୋଟର ତାଲିକାରେ ସଠିକ୍ ତଥ୍ୟ ରହିବା ଜରୁରୀ। ତେଣୁ ସମଗ୍ର ପ୍ରକ୍ରିୟାକୁ ନିରପେକ୍ଷତା, ସତର୍କତା ଓ ଉପଯୁକ୍ତ ଯାଞ୍ଚ ସହ କାର୍ଯ୍ୟକାରୀ କରିବା ଆବଶ୍ୟକ।ଅନ୍ୟପଟେ, SIRକୁ ନେଇ ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମାଝୀ ଭୋଟର ତାଲିକାର ଶୁଦ୍ଧତା ଓ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାର, ଉଭୟର ଗୁରୁତ୍ୱ ☞ପୃଷ୍ଠା-୨

## ମୃତ ଓ ଜାଲ୍ ଭୋଟରଙ୍କ ନାମ କାଟିବାରେ ଆପତ୍ତି କାହିଁକି ?

### SIRକୁ ନେଇ ବିରୋଧୀଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେଉ: ମନମୋହନ ସାମଲ



ଭୁବନେଶ୍ୱର, ୧୨/୧୦ : ଭୋଟର ତାଲିକାର ସତନ୍ତ୍ର ସଘନ ସଂଶୋଧନ (SIR)କୁ ନେଇ ରାଜ୍ୟ ରାଜନୀତିରେ ତର୍କବିତର୍କ ଜାରି ରହିଥିବା ବେଳେ ବିରୋଧୀ ଦଳଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। SIRକୁ ନେଇ ନବୀନ ପଟ୍ଟନାୟକଙ୍କ ମନରେ କେଉଁଠି ଦ୍ୱନ୍ଦ୍ୱ ରହିଛି, ତାହା ପ୍ରଥମେ ସ୍ପଷ୍ଟ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ମନମୋହନ ସାମଲ କହିଛନ୍ତି, ଯଦି ନବୀନ ବାବୁଙ୍କର ଏହି ପ୍ରକ୍ରିୟାକୁ ନେଇ କୌଣସି ସନ୍ଦେହ ରହିଛି, ତେବେ ସେ ତାହା ସ୍ପଷ୍ଟ ଭାବେ ଜଣାନ୍ତୁ। ଏହାପରେ ତାଙ୍କୁ ଆବଶ୍ୟକ ସ୍ପଷ୍ଟୀକରଣ ଦିଆଯାଇପାରିବ। ଯେଉଁମାନେ SIRକୁ ନେଇ ଯୁକ୍ତି ଉପସ୍ଥାପନ କରୁଛନ୍ତି, ସେମାନେ ତଥ୍ୟ ଓ ଯୁକ୍ତି ଆଧାରରେ ନିଜର ମତ ରଖିବା ଉଚିତ ବୋଲି ସେ କହିଛନ୍ତି। ନିର୍ବାଚନ କମିଶନଙ୍କଠାରୁ କେଉଁ ବିଷୟରେ ସ୍ପଷ୍ଟୀକରଣ ଆବଶ୍ୟକ, ତାହା ପଚାରିବାରେ କୌଣସି ବାଧା ନାହିଁ। ☞ପୃଷ୍ଠା-୨

ଅର୍ଥନୀତିରେ ନୋବେଲ ବିଜେତା

## ରବର୍ଟ ଇ. ହଲ୍ ଓ ମାଇକେଲ୍ ଉଡ୍‌ଫୋର୍ଡଙ୍କୁ ସମ୍ମାନ



ଆର୍ଥିକ ସ୍ଥିରତା ଉପରେ ଗବେଷଣା ପାଇଁ ନୋବେଲ

ଓସ୍‌ଲୋ, ୧୨/୧୦ : ୨୦୨୬ ମସିହା ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଓ ମାଇକେଲ୍ ଉଡ୍‌ଫୋର୍ଡଙ୍କୁ ପ୍ରଦାନ କରାଯିବ। ଅର୍ଥନୀତିକୁ ସ୍ଥିର ରଖିବା ଓ ଆର୍ଥିକ ଉତ୍‌ଥାନ-ପତନର ପ୍ରଭାବ ହ୍ରାସ କରିବାରେ ସହାୟକ ହେଉଥିବା ଗବେଷଣା ପାଇଁ ସେମାନଙ୍କୁ ଏହି ସମ୍ମାନ ମିଳିଛି। ସୋମବାର ସ୍ୱିଡେନ୍‌ର ଷ୍ଟକ୍‌ହୋମଠାରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। ଉଭୟ ଅର୍ଥନୀତିଜ୍ଞଙ୍କ ଗବେଷଣା ଅଣୁ ଅର୍ଥନୀତିର ମୌଳିକ ତତ୍ତ୍ୱକୁ ବ୍ୟାପକ ☞ପୃଷ୍ଠା-୨

## ଆଉ ଜନ୍ତରମନ୍ତରରେ ହେବନି ବିକ୍ଷୋଭ



- ଧାରଣା ପାଇଁ ୩ ନୂଆ ସ୍ଥାନ ଚିହ୍ନଟ
- ଆନ୍ଦୋଳନର ଐତିହାସିକ କେନ୍ଦ୍ର ଜନ୍ତରମନ୍ତର 'ଧାରଣା ଓ ବିକ୍ଷୋଭ ପାଇଁ ନୂଆ ବ୍ୟବସ୍ଥା

ନୂଆଦିଲ୍ଲୀ, ୧୨/୧୦ : ରାଜଧାନୀ ଦିଲ୍ଲୀରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥାନଗୁଡ଼ିକୁ ନେଇ ଏକ ବଡ଼ ପରିବର୍ତ୍ତନ ଘଟିଛି। ଦୀର୍ଘବର୍ଷ ଧରି ରାଜନୈତିକ ଆନ୍ଦୋଳନ, ଜନସ୍ୱାର୍ଥ ଦାବି ଏବଂ ବିଭିନ୍ନ ସଂଗଠନର ପ୍ରତିବାଦର ମୁଖ୍ୟ କେନ୍ଦ୍ର ରହିଆସିଥିବା 'ଜନ୍ତରମନ୍ତର'କୁ ନିର୍ଦ୍ଧାରିତ ପ୍ରଦର୍ଶନ ସ୍ଥଳର ତାଲିକାରୁ ହଟାଯାଇଛି। ଏହାର ବଦଳରେ ଦିଲ୍ଲୀ ପୋଲିସ ପକ୍ଷରୁ ତିନୋଟି ନୂତନ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ରାମଲୀଳା ମୈଦାନ, ବୁରାରି ଗ୍ରାଉଣ୍ଡ ଓ ପୂର୍ବ ଦିଲ୍ଲୀର ସିବିଡି (CBD) ଗ୍ରାଉଣ୍ଡ।ଦିଲ୍ଲୀ ପୋଲିସ ପକ୍ଷରୁ ଜାରି ଷ୍ଟାଣ୍ଡିଂ ଅର୍ଡର ଅନୁଯାୟୀ, ପ୍ରତିବାଦ ଓ ଧାରଣା ପାଇଁ ବିକଳ୍ପ ସ୍ଥାନ ଚିହ୍ନଟ କରିବା ଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ନାଗରିକମାନେ ଯେପରି ନିଜର ମତାମତ ପ୍ରକାଶ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ☞ପୃଷ୍ଠା-୨




ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ସୋର ନାହିଁ କି ଶବ୍ଦ ବି ନାହିଁ
ଆମ ରାଜ୍ୟପାଳ ପରିବର୍ତ୍ତନ
କମ୍ଭମପାଟି ବିଦାୟ ନେଲେ
ଆସିଗଲେ ବ୍ରଜମୋହନ
ନେତା ସବୁ ଏବେ ଟେନସନ
ଆଉ କିଏ କିଏ ରାସ୍ତାରୁ ହଟିବେ
ଅଧାରେ ରହିବ ସପନ

ଓଡ଼ିଶା ବିଜେପିରେ ନୂଆ ରଣନୀତି

# ମୋହନ ମାଝୀଙ୍କୁ ଭେଟିଲେ ସୌଦାନ ସିଂହ

## ତୃଣମୂଳ ସ୍ତରରେ ସଙ୍ଗଠନ ମଜଭୁତ କରିବା ଉପରେ ଜୋର

- ସୌଦାନ ସିଂହଙ୍କ ତିନିଦିନିଆ ଓଡ଼ିଶା ଗସ୍ତ: ତାଙ୍କ ମାର୍ଗଦର୍ଶନରୁ କର୍ମୀଙ୍କୁ ମିଳିବ ଶକ୍ତି
- ୪ ରାଜ୍ୟର ସାଙ୍ଗଠନିକ ଦାୟିତ୍ୱରେ ଶ୍ରୀ ସିଂହ



ଭୁବନେଶ୍ୱର, ୧୨/୧୦ : ଓଡ଼ିଶାରେ ବିଜେପିର ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ମଜଭୁତ କରିବା ଉପରେ ଦଳର ଶୀର୍ଷ ନେତୃତ୍ୱର ଫୋକସ୍। ଏହି କ୍ରମରେ ସୋମବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି ବିଜେପିର ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ (ସଙ୍ଗଠନ) ସୌଦାନ ସିଂହ। ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଜ୍ୟର ବିକାଶ, ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଏବଂ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଭଳି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା।ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ସୌଦାନ ସିଂହଙ୍କ ସହ ଆଲୋଚନା ଫଳପ୍ରଦ ରହିଥିଲା। ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ଆହୁରି ସକ୍ରିୟ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ପ୍ରାଥମିକତା ଦେବା ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ଜନକଲ୍ୟାଣକାରୀ ☞ପୃଷ୍ଠା-୨

## ସୌଦାନ ସିଂହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର, ୧୨/୧୦ : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସହ-ସାଧାରଣ ସମ୍ପାଦକ (ସଂଗଠନ) ସୌଦାନ ସିଂହଙ୍କୁ ଆଜି ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏହି ସାକ୍ଷାତ ଅବସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ☞ପୃଷ୍ଠା-୨



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ପୁରୀର କାୟାକଳ୍ପ ପାଇଁ...

ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ। ପୁରୀ ସହରର ଗୌରବ ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ବିଶେଷ ସଂବେଦନଶୀଳତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହିତ ସ୍ଥାନୀୟ ସେବାୟତ, ବ୍ୟବସାୟୀ ଏବଂ ଆବାସିକ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ, ସେଥିପ୍ରତି ପ୍ରଶାସନ ସଜାଗ ରହିବା ଜରୁରୀ। ପ୍ରତ୍ୟେକଟି ଯୋଜନାର ଶେଷ ଫଳପ୍ରଦତା ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସଂପୃକ୍ତ ଅଧିକାରୀମାନଙ୍କୁ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରିତାରେ କୌଣସି ପ୍ରକାରର ଅବହେଳା, ବିଳମ୍ବ କିମ୍ବା ଅନିୟମିତତାକୁ ଆଦୌ ସହ୍ୟ କରାଯିବ ନାହିଁ। ସମସ୍ତ ବିଭାଗୀୟ ଅଫିସର, ଜିଲ୍ଲାପାଳ ଓ ଏସ.ପି.ଙ୍କୁ କ୍ଷେତ୍ରସ୍ତରରେ ନିଜେ ତଦାରଖ କରି ନିର୍ଦ୍ଧାରିତ ସମୟସୀମା (time-bound execution) ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନାଗୁଡ଼ିକ ଯେପରି କେବଳ କାଗଜପତ୍ରରେ ସୀମିତ ନରହି ପ୍ରତ୍ୟକ୍ଷ ଭାବେ ପୁରୀବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହେବ, ସେହି ନିଷ୍ଠା ଓ ଦାୟିତ୍ୱବୋଧର ସହ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା...

ଶ୍ରୀଜଗନ୍ନାଥ ମା' ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇନଥିବାରୁ ଏହି ଗୁଣ୍ଡିଚା ଯାତ୍ରାରେ ମା'ଙ୍କୁ ନେଇ ଗୁପ୍ତ ଗୁଣ୍ଡିଚା ଯାତ୍ରା କରିଛନ୍ତି। ତେଣୁ ଆଜି ମା'ଙ୍କ ସହ ଦୁର୍ଗା ମାଧବଙ୍କୁ ବିମାନରେ ଶୋଭାଯାତ୍ରାରେ ନେଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ଯାତ୍ରା କରିଥିଲେ। ପରମ୍ପରା ଅନୁଯାୟୀ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଦୁର୍ଗା ମାଧବଙ୍କ ଗୁପ୍ତ ଗୁଣ୍ଡିଚା ଯାତ୍ରାର ଶୁଭାରମ୍ଭ ହୁଏ। ଶାରଦୀୟ ପୂଜା ଅବସରରେ ସର୍ବତ୍ର ମା' ଦୁର୍ଗାଙ୍କୁ ପୂଜା କରାଯାଉଥିବା ବେଳେ ଶ୍ରୀମନ୍ଦିରରେ ଦୁର୍ଗା ମାଧବ ଏକତ୍ର ପୂଜା ପାଇବାର ବିଧି ପ୍ରଚଳିତ ହୋଇଆସୁଛି। ଷୋଳପୂଜାର ପ୍ରଥମ ୮ଦିନ ଦୁର୍ଗା ମାଧବ ଶ୍ରୀମନ୍ଦିର ପରିସରରେ ପୂଜା ପାଉଥିବା ବେଳେ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଦଶହରା ପର୍ଯ୍ୟନ୍ତ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ଯାତ୍ରା କରିବେ। ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ଭଣ୍ଡାର ଘର ଦ୍ୱାରରେ ଗତ ୮ଦିନ ଧରି ରୁନ୍ଧା ହୋଇ ବିଜେ କରିଥିବା ଦୁର୍ଗାମାଧବ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପ ନିକଟ ବିମାନ ରଥକୁ ବିଜେ କରିଥିଲେ। ନାରାୟଣୀଙ୍କ ପୀଠରେ ଦୁର୍ଗାମାଧବଙ୍କୁ କର୍ପୂର ଜଳ ଲାଗି, ମାଣ୍ଡୁଅ ଭୋଗ କରି ବନ୍ଦାପନା ନୀତି କରାଯାଇଥିଲା। ପରେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପରେ ବାହୁଡ଼ା ବିଜେ କରିଛନ୍ତି।

## ଓଡ଼ିଶାର ନୂଆ ରାଜ୍ୟପାଳ...

ମୁଖିଆ ଭାବେ କାର୍ଯ୍ୟ ନିର୍ବାହ କରିବେ। ରାଜ୍ୟର ବିକାଶ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ସୁଚାରୁରୂପେ ଚଳାଇବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ।

ସେହିପରି ଦକ୍ଷିଣ ଭାରତର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ ନୂଆ ରାଜ୍ୟପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ନେତା ଓମ୍ ପ୍ରକାଶ ମାଥୁରଙ୍କୁ କେରଳର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା ବେଳେ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ତାମିଲନାଡୁର ନୂଆ ରାଜ୍ୟପାଳ ହୋଇଛନ୍ତି। ଏହା ସହିତ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକର ରାଜ୍ୟପାଳ ଭାବେ ମନୋନୀତ କରାଯାଇଛି।ଅପରପକ୍ଷରେ ଉତ୍ତରାଖଣ୍ଡ ଓ ସିକ୍କିମରେ ମଧ୍ୟ ନୂତନ ରାଜ୍ୟପାଳଙ୍କ ନାମ ଘୋଷଣା ହୋଇଛି। ଧଲ୍ ସିଂ ବିସେନଙ୍କୁ ଉତ୍ତରାଖଣ୍ଡର ରାଜ୍ୟପାଳ ଭାବେ ଦାୟିତ୍ୱ ସମ୍ଭାଳିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହି ନୂତନ ନିଯୁକ୍ତିଗୁଡ଼ିକ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ କାର୍ଯ୍ୟକାରୀ ହେବ। ସମ୍ପୃକ୍ତ ରାଜ୍ୟଗୁଡ଼ିକର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିମାନେ ଏହି ନୂତନ ରାଜ୍ୟପାଳମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ।

## ଏସ୍ଆଇଆର୍‌କୁ ମୁଖ୍ୟମନ୍ତ୍ରୀଙ୍କ...

ଉପରେ ଜୋର ଦେଇଛନ୍ତି। ସଠିକ୍ ଭୋଟର ତାଲିକା କେବଳ ଏକ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ତେବେ SIRର ସଫଳତା ପାଇଁ ତ୍ରୁଟି ସଂଶୋଧନ ସହ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ଅଧିକାରର ସୁରକ୍ଷା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ।

## ମୃତ ଓ ଜାଲ୍ ଭୋଟରଙ୍କ ନାମ...

ସ୍ପଷ୍ଟୀକରଣ ମାଗିଲେ କିଏ ଦେବାକୁ ମନା କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ଶାସନ ସମୟରେ ବାରମ୍ବାର SIR ହୋଇଥିବା ବେଳେ ବର୍ତ୍ତମାନର ସରକାର ସମୟରେ ମାତ୍ର ଥରେ ଏହି ପ୍ରକ୍ରିୟା ହୋଇଛି ବୋଲି ମନମୋହନ ଦାବି କରିଛନ୍ତି। ତାଙ୍କ ମତରେ, ଭୋଟର ତାଲିକାରୁ ମୃତ ଓ ଜାଲ୍ ଭୋଟରଙ୍କ ନାମ ବାଦ୍ ଦେବା SIRର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ। ତେବେ ଏପରି ନାମ କଟାଯିବାକୁ ନେଇ ଆପତ୍ତି ଥିଲେ, ତାହାର କାରଣ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏହା ସହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ବିଜେପି ରାଜ୍ୟ ସଭାପତି। ରାହୁଲ ଗାନ୍ଧୀ ନିଜେ ଭୋଟର ତାଲିକା ସଂଶୋଧନ ହେବା ଆବଶ୍ୟକ ବୋଲି କହୁଥିଲେ। ତେବେ ଏବେ ସେହି ସଂଶୋଧନ ପ୍ରକ୍ରିୟାକୁ ନେଇ ତାଙ୍କର ଆପତ୍ତି କାହିଁକି ବୋଲି ମନମୋହନ ସାମଲ ପ୍ରଶ୍ନ କରିଛନ୍ତି। SIRକୁ ନେଇ ବିରୋଧୀ ଦଳଗୁଡ଼ିକ ନିଜର ଆଶଙ୍କା ଓ ଆପତ୍ତି ସ୍ପଷ୍ଟ କରିବା ସହ ଯୁକ୍ତିଯୁକ୍ତ ଭାବେ ମତ ରଖିବା ଉଚିତ ବୋଲି ମନମୋହନ ସାମଲ କହିଛନ୍ତି।

## ରବର୍ଟ ଇ. ହଲ୍ ଓ ମାଇକେଲ୍...

ଅର୍ଥନୀତିର ସ୍ଥିରତା ସହ ଯୋଡ଼ିଛି। ଏହାଦ୍ୱାରା ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଓ ଆର୍ଥିକ ମାନ୍ଦାବସ୍ଥା ଭଳି ଆହ୍ୱାନର ମୁକାବିଲା ଅଧିକ ଦକ୍ଷତାର ସହ କରିପାରିବେ। ସମୟୋଚିତ ମୁଦ୍ରାନୀତି ଓ ରାଜସ୍ୱନୀତି ମାଧ୍ୟମରେ ଅର୍ଥନୀତିର ଅସ୍ଥିରତା ହ୍ରାସ କରିବାରେ ସେମାନଙ୍କ ଗବେଷଣା ବିଶେଷ ସହାୟକ ହୋଇଛି। ରବର୍ଟ ଇ. ହଲ୍ ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବାବେଳେ ମାଇକେଲ୍ ଉଡ୍‌ଫୋର୍ଡ ନ୍ୟୁୟର୍କସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ। ଏହି ପୁରସ୍କାରର ଆନୁଷ୍ଠାନିକ ନାମ 'ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ସ୍ମୃତିରେ ଅର୍ଥନୀତି ବିଜ୍ଞାନରେ ସ୍ୱେରିଜେସ୍ ରିକ୍ସବ୍ୟାଙ୍କ ପୁରସ୍କାର'। ୧୯୬୮ ମସିହାରେ ସ୍ୱିଡେନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ଏହାର ପ୍ରଚଳନ କରିଥିଲା। ଚଳିତ ବର୍ଷ ଏହି ପୁରସ୍କାରର ଅର୍ଥରାଶି ୧ କୋଟି ୨୦ ଲକ୍ଷ ସ୍ୱିଡିସ୍ କ୍ରୋନା, ଯାହା ଉଭୟ ବିଜେତାଙ୍କ ମଧ୍ୟରେ ସମାନ ଭାବେ ବଣ୍ଟନ କରାଯିବ।

## ଆଉ ଜନ୍ତରମନ୍ତରରେ ହେବନି...

କରିପାରିବେ, ସେଥିପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବା କମିଟିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କମିଟିର ସୁପାରିସ ଆଧାରରେ ଜନ୍ତରମନ୍ତରକୁ ତାଲିକାରୁ ବାଦ୍ ଦେଇ ତିନୋଟି ନୂଆ ସ୍ଥାନକୁ ସାମିଲ କରାଯାଇଥିବା କୁହାଯାଉଛି। ତେବେ ଏହି ସ୍ଥାନଗୁଡ଼ିକରେ ପ୍ରଦର୍ଶନ ପାଇଁ ଅନୁମତି, ସର୍ତ୍ତାବଳୀ ଓ ଅନ୍ୟାନ୍ୟ ନିୟମ ସମ୍ପର୍କରେ ବିସ୍ତୃତ ତଥ୍ୟ ପରବର୍ତ୍ତୀ ମାନକ କାର୍ଯ୍ୟପଦ୍ଧତି ମାଧ୍ୟମରେ ସ୍ପଷ୍ଟ ହେବ। ଜନ୍ତରମନ୍ତର କେବଳ ଏକ ପ୍ରଦର୍ଶନ ସ୍ଥଳ ନୁହେଁ, ବରଂ ଦେଶର ବିଭିନ୍ନ ଜନଆନ୍ଦୋଳନର ଏକ ପରିଚିତ ପ୍ରତୀକ। ବିଶେଷକରି ୨୦୧୧ ମସିହାରେ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ପରେ ଏହି ସ୍ଥାନ ଦେଶବ୍ୟାପୀ ଚର୍ଚ୍ଚାକୁ ଆସିଥିଲା। ବିଭିନ୍ନ ସାମାଜିକ ସଂଗଠନ, କର୍ମଚାରୀ ସଂଘ ଓ ରାଜନୈତିକ ଦଳ ଏଠାରେ ନିଜ ଦାବି ଉପସ୍ଥାପନ କରିଆସୁଥିଲେ। ଏହା ପୂର୍ବରୁ ୧୯୮୮ ମସିହାରେ କୃଷକ ନେତା ମହେନ୍ଦ୍ର ସିଂ ଟିକାୟତଙ୍କ ନେତୃତ୍ୱରେ ବୋଟ୍ କ୍ଲବ୍ ଅଞ୍ଚଳରେ ବଡ଼ କୃଷକ ଆନ୍ଦୋଳନ ହୋଇଥିଲା। ପରବର୍ତ୍ତୀ ସମୟରେ ସେହି ଅଞ୍ଚଳରେ ପ୍ରତିବାଦ ଉପରେ କଟକଣା କଡ଼ାକଡ଼ି ହେବା ପରେ ଜନ୍ତରମନ୍ତର ଆନ୍ଦୋଳନକାରୀଙ୍କ ପାଇଁ ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ ହୋଇଥିଲା।ଜନ୍ତରମନ୍ତରକୁ ନିର୍ଦ୍ଧାରିତ ପ୍ରଦର୍ଶନ ସ୍ଥଳର ତାଲିକାରୁ ହଟାଇବା ନିଷ୍ପତ୍ତି ପରେ ଦିଲ୍ଲୀରେ ଆନ୍ଦୋଳନ ଓ ବିକ୍ଷୋଭର ରୂପରେଖ କିପରି ବଦଳିବ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନୂଆ ସ୍ଥାନଗୁଡ଼ିକରେ ପ୍ରଦର୍ଶନ କରିବା ପାଇଁ କେଉଁ ପ୍ରକାର ଅନୁମତି ଆବଶ୍ୟକ ହେବ ଏବଂ କେଉଁ ସର୍ତ୍ତ ଲାଗୁ ହେବ, ତାହା SOP ଜାରି ହେବା ପରେ ସ୍ପଷ୍ଟ ହେବ।ଏହି ପରିବର୍ତ୍ତନ ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ବ୍ୟବସ୍ଥା ଓ ଆନ୍ଦୋଳନକାରୀଙ୍କ ଗତିବିଧି ଉପରେ କି ପ୍ରଭାବ ପକାଇବ, ତାହା ଉପରେ ଏବେ ସମସ୍ତଙ୍କ ନଜର।ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ପାଇଁ ନୂଆ ବ୍ୟବସ୍ଥା କରିଛି ଦିଲ୍ଲୀ ପୋଲିସ। ଜନ୍ତରମନ୍ତରକୁ ନିର୍ଦ୍ଧାରିତ ପ୍ରତିବାଦ ସ୍ଥଳର ତାଲିକାରୁ ହଟାଇ ରାମଲୀଳା ଗ୍ରାଉଣ୍ଡ, ବୁରାରି ଗ୍ରାଉଣ୍ଡ ଓ ପୂର୍ବ ଦିଲ୍ଲୀର CBD ଗ୍ରାଉଣ୍ଡକୁ ନୂଆ ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ଦିଲ୍ଲୀ ପୋଲିସର ୧୧ ଅକ୍ଟୋବରର ଷ୍ଟାଣ୍ଡିଂ ଅର୍ଡର ଅନୁଯାୟୀ ଏହି ପରିବର୍ତ୍ତନ କରାଯାଇଛି। ନୂଆ ସ୍ଥାନଗୁଡ଼ିକରେ ପ୍ରଦର୍ଶନ ପାଇଁ ବିସ୍ତୃତ ନିୟମାବଳୀ ପରେ ଜାରି ହେବ। ଜନ୍ତରମନ୍ତରକୁ ନିର୍ଦ୍ଧାରିତ ପ୍ରତିବାଦ ସ୍ଥଳର ତାଲିକାରୁ ହଟାଯାଇଛି। ଦିଲ୍ଲୀ ପୋଲିସର ୧୧ ଅକ୍ଟୋବର ୨୦୨୬ ତାରିଖର ଷ୍ଟାଣ୍ଡିଂ ଅର୍ଡରରେ ଏହି ନିଷ୍ପତ୍ତି ଉଲ୍ଲେଖ ରହିଛି। ତିନୋଟି ବିକଳ୍ପ ସ୍ଥାନ ଚିହ୍ନଟ ହୋଇଛି। ରାମଲୀଳା ଗ୍ରାଉଣ୍ଡ, ବୁରାରି ଗ୍ରାଉଣ୍ଡ ପୂର୍ବ ଦିଲ୍ଲୀର CBD ଗ୍ରାଉଣ୍ଡ,ନୂଆ SOP ପରେ ଜାରି ହେବ। ନୂଆ ପ୍ରଦର୍ଶନ ସ୍ଥଳଗୁଡ଼ିକରେ ଧାରଣା ଓ ବିକ୍ଷୋଭ ପାଇଁ ବିସ୍ତୃତ ନିୟମାବଳୀ ପରେ ପ୍ରକାଶ କରାଯିବ ବୋଲି ରିପୋର୍ଟରେ କୁହାଯାଇଛି।

## ମୋହନ ମାଝୀଙ୍କୁ ଭେଟିଲେ...

ଯୋଜନାର ଲାଭ ଯେପରି ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ଓଡ଼ିଶାର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ମତବିନିମୟ ହୋଇଥିଲା। ସୌଦାନ ସିଂହଙ୍କ ମାର୍ଗଦର୍ଶନରୁ କର୍ମୀଙ୍କୁ ମିଳିବ ଶକ୍ତିସୌଦାନ ସିଂହଙ୍କର ଦୀର୍ଘ ସାଙ୍ଗଠନିକ ଅଭିଜ୍ଞତା ଓ ମାର୍ଗଦର୍ଶନ ରାଜ୍ୟର ଦଳୀୟ କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ତୃଣମୂଳ ସ୍ତରରେ ଦଳର ଉପସ୍ଥିତିକୁ ଆହୁରି ବ୍ୟାପକ କରିବା ଏବଂ ସଂଗଠନ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖିବା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ଓଡ଼ିଶା ସହ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସାଂଗଠନିକ ଦାୟିତ୍ୱ ପାଇବା ପରେ ସୌଦାନ ସିଂହ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଭୁବନେଶ୍ୱରକୁ ତାଙ୍କ କାର୍ଯ୍ୟକଳାପର କେନ୍ଦ୍ର ଭାବେ ରଖାଯାଇଛି। ଏହି ଗସ୍ତ ସମୟରେ ସେ ରାଜ୍ୟ ବିଜେପିର ପଦାଧିକାରୀ, ବିଧାୟକ ଓ ମନ୍ତ୍ରୀମାନଙ୍କ ସହ ବୈଠକ କରିବେ। ଆଗାମୀ ସ୍ଥାନୀୟ ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସୌଦାନ ସିଂହଙ୍କ ଏହି ଗସ୍ତ ଓ ରାଜ୍ୟ ନେତୃତ୍ୱ ସହ ଆଲୋଚନାକୁ ଓଡ଼ିଶାରେ ବିଜେପି ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ସ୍ଥାନୀୟ ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସୌଦାନ ସିଂହଙ୍କ ଏହି ଗସ୍ତ ଓ ରାଜ୍ୟ ନେତୃତ୍ୱ ସହ ଆଲୋଚନାକୁ ଓଡ଼ିଶାରେ ବିଜେପି ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

## ସୌଦାନ ସିଂହଙ୍କୁ ସୌଜନ୍ୟମୂଳକ...

ଯୋଜନାର ସୁଫଳ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ଏବଂ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଶ୍ରୀ ସିଂହଙ୍କ ସହ ଆଲୋଚନା କରିଥିଲେ ମନ୍ତ୍ରୀ ଶ୍ରୀ ପାତ୍ର। ଏହି ଅବସରରେ ଶ୍ରୀ ସିଂହଙ୍କ ଦୀର୍ଘ ରାଜନୈତିକ ଅଭିଜ୍ଞତା, ସାଂଗଠନିକ ଦକ୍ଷତା ଓ ମାର୍ଗଦର୍ଶନ କାର୍ଯ୍ୟକର୍ତ୍ତାମାନଙ୍କୁ ନୂତନ ପ୍ରେରଣା ଓ ଶକ୍ତି ଯୋଗାଇବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ନିଜ ପ୍ରତିକ୍ରିୟାରେ ଆଶାବ୍ୟକ୍ତ କରିଛନ୍ତି।

# ବିନା ଜେଇରେ ରାସ୍ତା କାମରେ ବଡ଼ ଦୁର୍ନୀତି

ରାଜନଗର,୧୨/୧୦(କାମାକ୍ଷା ପ୍ରସାଦ ସାଇଁ)ବିକଶିତ ଗାଁ ବିକଶିତ ଓଡିଶା ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କୁରୁଣ୍ଟି ଗାଁର ପଚ୍ଛପଟ କଂକ୍ରିଟ ରାସ୍ତା ଫାଟି ଦୁଇଫାଳ ହୋଇଥିବାରୁ ଲୋକେ ଯିବାଆସିବା କରିବା କଷ୍ଟକର ହୋଇପଡ଼ିଥିଲା, ଲୋକଙ୍କ ଅଭିଯୋଗ ପରେ ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ସେହି ପୁରୁଣା ରାସ୍ତା ଉପରେ ପୁନର୍ବାର ସାଢେ ତିନି ଲକ୍ଷରୁ ଉର୍ଦ୍ଧ ଟଙ୍କାରେ ଜେଇ ବିଷ୍ଣୁ ସାହୁ ନାମରେ ୱାର୍କ ଅର୍ଡର ହୋଇ ଠିକାଦାରଙ୍କ ଦ୍ୱାରା ଢ଼ଳେଇ ହେଉଛି କିନ୍ତୁ ଦୁଃଖର କଥା ଜେଇ ବିଷ୍ଣୁ ସାହୁଙ୍କ ବିନା ଅନୁପସ୍ଥିତରେ ଏହି ରାସ୍ତା ନିର୍ମାଣ ହୋଇଛି। ଯେଉଁଠୁ ରାସ୍ତା ନିର୍ମାଣ ହେବା କଥା ସେଠୁ କରାନଯାଇ ତାହାର ୫୦ ରୁ ୬୦ ଫୁଟ ରାସ୍ତା ଛାଡି ଦେଇ ଅଧାରୁ କାମ କରାଯାଇଛି। ଜେଇ ବିଷ୍ଣୁ ସାହୁ ଙ୍କୁ ଏଭଳି ନିମ୍ନ ମାନର କାମ କାହିଁକି ହେଉଛି,ରାସ୍ତା ଅଧାରୁ କାହିଁକି କରାଯାଉଛି ଓ କାମ ପାଖରେ କାହିଁକି ଜେଇ ଅନୁପସ୍ଥିତ ରହିଛନ୍ତି ସେ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଆଉ ଗୋଟିଏ ଟେଣ୍ଡର ହୋଇ ସେହି ଅଧା ଛଡା ଯାଇଥିବା ରାସ୍ତା ନିର୍ମାଣ କରାଯିବ ହେଲେ ନିମ୍ନ ମାନର କାମ ଏବଂ



◆ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାରୁ ମାଡ଼

◆ ମାଡ଼ ମାରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜନଗର ଥାନାରେ ଏତଲା

◆ ରାସ୍ତା କାମର ଯାଞ୍ଚ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ପିଟିସନ

କାହିଁକି ଉପସ୍ଥିତ ନାହାଁନ୍ତି ସେ କଥାର ଉତ୍ତର ନ ଦେଇ ଜେଇ ଫୋନ କାଟିଦେଇଥିଲେ। ଅନ୍ୟ ପଟେ ମେଣ୍ଟାଲ ବଦଳରେ ଛୋଟ ଗୋଡି ଓ ଧସା ବାଲିରେ ରାସ୍ତା ନିର୍ମାଣ ହେଉଥିବାରୁ ଜଗନ୍ନାଥ ମହାରଥା ନାମକ ବ୍ୟକ୍ତି ଏହି କାମକୁ ବିରୋଧ କରିବାରୁ ସର୍ବ ସମ୍ମୁଖରେ ଘଟଣା ସ୍ଥଳରେ ପ୍ରଭାତ କୁମାର ପ୍ରଧାନ ନାମକ ବ୍ୟକ୍ତି ତାଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହିତ ଚାପୁଡ଼ା ପରେ ଚାପୁଡ଼ା ଏବଂ ଗୋଇଠା ମାରି ସେଠାରୁ ବିଦା କରିଦେଇଥିଲେ, ପରେ ସେହି ବାଟ ଦେଇ ଅପରାହ୍ନ ୩ ଘଟିକା ସମୟରେ ଜଗନ୍ନାଥ ମହାରଥା ଯାଉଥିବା ସମୟରେ ପ୍ରଭାତ କୁମାର ପ୍ରଧାନ ତାଙ୍କୁ ଜୀବନରୁ ମାରିଦେବାର ଉଦେଶ୍ୟ ରଖି ଏକ ପଥରରେ ତାଙ୍କୁ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ, ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ସେହିଠାରେ ଜଗନ୍ନାଥ ମହାରଥା ପଡି ଯାଇଥିଲେ ସ୍ଥାନୀୟ ଲୋକ ତାଙ୍କ ଘରକୁ ଖବର ଦେଲା ପରେ ତାଙ୍କର ବଡ଼ ଭାଇ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟ ପଟେ ଜଗନ୍ନାଥ ମହାରଥା ସମସ୍ତ ଘଟଣାକୁ ଲିଖିତ ଆକାରରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି,ରାଜନଗର ଥାନା ଜଗନ୍ନାଥ ମହାରଥାଙ୍କ ଅଭିଯୋଗକୁ ଗ୍ରହଣ କରି ଅଭିଯୋଗରେ ଏକ କେଶ ରୁଜୁ କରି ଅଭିଯୁକ୍ତ ପ୍ରଭାତ କୁମାର ପ୍ରଧାନଙ୍କ ନାମରେ ଦଫା ୧୨୬(୨), ୨୯୬, ୧୧୫(୨) ଲଗା ଯାଇଛି। ଅନ୍ୟ ପଟେ କଂକ୍ରିଟ ରାସ୍ତା ନିମ୍ନ ମାନର କାହିଁକି ହେଲା, ଜେଇ ଅନୁପସ୍ଥିତ କାହିଁକି ରହିଲେ, ଏହି କାମର ସମସ୍ତ ଅଟକ ମୂଲ୍ୟ ଭଲ ଭାବରେ କରାଯାଇଛି କି ନାହିଁ, ସମସ୍ତ ମେଟେରିଅଲ କାମରେ ଲାଗିଛି କି ନାହିଁ,କାମର ଥିକନେସ କଣ ଏହି ସବୁ ଘଟଣାର ତଦନ୍ତ ପାଇଁ ନେସନାଲ କ୍ରାଇମ ଫରେନସିକ ବ୍ୟୁରୋ ରାଜ୍ୟ ସମ୍ପାଦକ ପ୍ରମୋଦ ବଳ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପିଟିସନ ଦାୟର କରିଛନ୍ତି।

# ବୋଲଗଡ଼ରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିର



ବୋଲଗଡ ୧୨/୧୦(ଅକ୍ଷର ଓଡିଶା ) ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ପଞ୍ଚାୟତ ସମିତି ଅଧିକାରୀଣି ସୁମନ ସୁଧ କୁଣ୍ଡୁଙ୍କ ଆବାହକତ୍ୱରେ ସୋମବାର ଦିନ ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧାଜିଲ୍ଲା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଖୋର୍ଦ୍ଧାଜିଲ୍ଲା ଆରକ୍ଷୀ ଅଧିକାରୀ ,ସହକାରୀ ଜିଲ୍ଲାପାଳ ଭୁବନେଶ୍ୱରୀ କହଁର,ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ, ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ,ଖୋର୍ଦ୍ଧା ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଓ ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଅଭିଯୋଗ କାର୍ଯ୍ୟକ୍ରମରେ ସମୁଦାୟ ୬୮ଟି ଲିଖିତ ଆପତ୍ତି ଅଭିଯୋଗ ପତ୍ର ପଞ୍ଜୀକରଣ ହୋଇ ଥିଲା । ସେଥି ମଧ୍ୟରୁ ୫୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ, ୧୬ଟି ଗ୍ରାମ୍ୟ ସମସ୍ୟା, ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇବା ପାଇଁ ଅଭିଯୋଗ, ଗୋଟିଏ ରାଜ୍ୟ ରେଡ଼କ୍ରସ ଆର୍ଥିକ ସହାୟତା ପାଇଁ ଲିଖିତ ଅଭିଯୋଗ , ୭ଟି ଲିଖିତ ଅଭିଯୋଗ ତତ୍କାଳ ଫଇସଲା କରାଯାଇଥିଲା ! ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ବିଡିଓ ଡ଼.ରତିକାନ୍ତ ମିଶ୍ର ଓ ମୁଖ୍ୟ କିରାଣୀ ଆଲୋକ କୁମାର ଜେନା ପ୍ରମୁଖ ସମସ୍ତ ଲିଖିତ ଅଭିଯୋଗ ଗୁଡିକୁ ପଞ୍ଜୀକରଣ କରି ପରିଚାଳନା କରିଥିଲେ । ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ, ବିଦ୍ୟୁତ, ଜଳସେଚନ, ଗ୍ରାମ୍ୟ ଉର୍ନ୍ନୟନ, ଗ୍ରାମ୍ୟ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ସୁରକ୍ଷା , ମତ୍ସ୍ୟ ଓ ପଶୁ ପାଳନ, ଜନସୁରକ୍ଷା, ହରିଜନ ଓ ଆଦିବାସୀ କଲ୍ୟାଣ, ମିଶନ ଶକ୍ତି, ଭିର୍ନ୍ନ କ୍ଷମ ଓ ସାମାଜିକ ସୁରକ୍ଷା, ଶିଶୁ ଓ ମହିଳା କଲ୍ୟାଣ, ଓ ମୃତିକା ସଂରକ୍ଷଣ ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କର ସମସ୍ୟା ସମାଧାନ କରିଥିଲେ।

# ଦିନେ ଯାହାଙ୍କ କଣ୍ଠରେ ଝୁମୁଥିଲା ପଶ୍ଚିମ ଓଡ଼ିଶା, ଆଜି ସେ ଶଯ୍ୟାଶାୟୀ



ସାଥ ଦେଲେ ଯୁବସମାଜସେବୀ ଦୀପା ବାରିକ

ସୁବର୍ଣ୍ଣପୁର, ୧୨/୧୦(ସଂଗ୍ରାମ ମହାପାତ୍ର ) ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ପ୍ରକାଶ ଜାଲ ଦୁର୍ଘଟଣାରେ ଗୁରୁତର ଆହତ ହେବା ପରଠାରୁ ଦୀର୍ଘ ବର୍ଷ ଧରି ଶଯ୍ୟାଶାୟୀ। ତାଙ୍କୁ ଆର୍ଥିକ ସହାୟତା ଓ ଭିନ୍ନକ୍ଷମ ପ୍ରମାଣପତ୍ରରେ ବର୍ଦ୍ଧିତ ପ୍ରତିଶତ ପ୍ରଦାନ ପ୍ରକ୍ରିୟାରେ ସହଯୋଗ ପାଇଁ ଗତ ଜାନୁଆରୀରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜନଶୁଣାଣି ମାଧ୍ୟମରେ ନିବେଦନ କରିଥିଲେ ପଶ୍ଚିମ ଓଡ଼ିଶା ର ଟ୍ୱିଟର ଝିଅ ଦୀପା ବାରିକ । କିନ୍ତୁ ଦୀର୍ଘ ଦଶ ମାସର ଅପେକ୍ଷା ପରେ ମିଳିଥିବା ଉତ୍ତର କେବଳ ଔପଚାରିକତା ଭଳି ମନେ ହେଉଛି। ତହସିଲଦାରଙ୍କ ଭୂମିକା ନାହିଁ ବୋଲି କହିଦେଲେ ସମସ୍ୟାର ସମାଧାନ ହୁଏ ନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ, ଆମର ଆକୁଳ ନିବେଦନ ଦୟାକରି ପ୍ରକାଶ ଜାଲଙ୍କ ଦୁଃଖକୁ ହୃଦୟର ସହ ଅନୁଭବ କରନ୍ତୁ। ତାଙ୍କ ଅବସ୍ଥାର ତୁରନ୍ତ ତଦନ୍ତ କରାଇ ନିୟମାନୁସାରେ ଆର୍ଥିକ ସହାୟତା, ଚିକିତ୍ସା ସହଯୋଗ ଓ ଭିନ୍ନକ୍ଷମ ପ୍ରମାଣପତ୍ରରେ ବର୍ଦ୍ଧିତ ପ୍ରତିଶତ ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ଜନଶୁଣାଣି କେବଳ ଅଭିଯୋଗର ଉତ୍ତର ନୁହେଁ, ଅସହାୟଙ୍କ ଜୀବନରେ ଆଶା ଜଳାଇବାର ମାଧ୍ୟମ ହେଉ। ଆସନ୍ତୁ, ଜଣେ ଅସହାୟ କଳାକାରଙ୍କ ପାଇଁ ଆମେ ସ୍ୱର ଉଠାଇବା। ତାଙ୍କର ନୀରବ ଯନ୍ତ୍ରଣା ସରକାରଙ୍କ କର୍ଣ୍ଣ ରେ ପହଁଚୁ ଏହା ହିଁ ଆମର ଲକ୍ଷ୍ୟ ।

# ପାରିଶ୍ରମିକ ପୁନର୍ବିଚାର ସମ୍ପର୍କରେ ୧୦ ଦଫା ଦାବିପତ୍ର ପ୍ରଦାନ

କେନ୍ଦୁଝର ସଦର ୧୨/୧୦: (ମନୋଜ କୁମାର ପଟେଲ) ରାଜ୍ୟରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ କାର୍ଯ୍ୟଭାର ଏବଂ ପାରିଶ୍ରମିକ ସମ୍ପର୍କରେ ପୁନର୍ବିଚାର କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଛି ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍, କେନ୍ଦୁଝର ଶାଖା ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦାବିପତ୍ରରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ କାର୍ଯ୍ୟଭାର ତୁଳନାରେ ପାରିଶ୍ରମିକ ବୃଦ୍ଧି, କାର୍ଯ୍ୟର ସ୍ଥାୟୀତ୍ୱ ଏବଂ ସେମାନଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ।ସଂଘ ପକ୍ଷରୁ ଆଇସିଡିଏସ୍ (ICDS) ଯୋଜନାରେ କାର୍ଯ୍ୟରତ କର୍ମୀ ଓ ସହାୟିକାଙ୍କ ପାରିଶ୍ରମିକ ବୃଦ୍ଧି ସହ ଅବସରକାଳୀନ ସୁବିଧା, ନିଯୁକ୍ତି ସମ୍ବନ୍ଧୀୟ ସମସ୍ୟା ଏବଂ ଅନ୍ୟାନ୍ୟ ମୌଳିକ ଦାବିଗୁଡ଼ିକର ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ୫୫ ବର୍ଷ ବୟସ ଅଙ୍ଗନବାଡି କର୍ମୀଙ୍କ କାର୍ଯ୍ୟଦକ୍ଷତା ପ୍ରତିବର୍ଷ ସମୀକ୍ଷା ପୁନଃ ବିଚାର କରିବା, ସୁପର ଭାଇଜର ପଦୋନ୍ନତି ପ୍ରତିବର୍ଷ କରିବା, ବକେୟା ଥିବା ୟୁନିଫର୍ମ ରାଶି ତୁରନ୍ତ ପ୍ରଦାନ କରିବା। ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଶିଶୁଙ୍କ ପୁଷ୍ଟିସାଧନ, ପ୍ରାକ୍-ପ୍ରାଥମିକ ଶିକ୍ଷା, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ଯତ୍ନ ସମେତ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ତେଣୁ ସେମାନଙ୍କ ଦୀର୍ଘଦିନର ସମସ୍ୟାଗୁଡ଼ିକୁ ବିଚାରକୁ ନେଇ ଯଥାଶୀଘ୍ର ଦାବି ପୂରଣ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଆଜିର ଏହି ଦାବି ଉପସ୍ଥାପନ କରିବା ପାଇଁ ବିରାଟ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଅଙ୍ଗନବାଡି କର୍ମୀ ଓ ସହାୟକ ଯୋଗ ଦେଇ ନିଜର ହକ୍ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।




# କୁଚିଣ୍ଡାରେ ଜନ ଅଭିଯୋଗ ଶୁଣାଣି

କୁଚିଣ୍ଡା, ୧୨/୧୦ ( ଚତୁର୍ଭୁଜ ଜୟପୁରିଆ ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସଭାଗୃହଠାରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏବଂ କୁଚିଣ୍ଡା ଉପଜିଲ୍ଲାପାଳ ସରଭ୍ଵନନ୍ ସ. ଯୋଗଦେଇ ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ଶୁଣାଣି କରିଛନ୍ତି।ଏହି ଶିବିରରେ ମୋଟ ୭୨ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା, ଯେଉଁଥିରେ ୬୬ ଟି ବ୍ୟକ୍ତିଗତ ଏବଂ ୬ ଟି ସାମୂହିକ/ଗୋଷ୍ଠୀଗତ ଅଭିଯୋଗ ସାମିଲ ଥିଲା। ଆସିଥିବା ସମସ୍ତ ସମସ୍ୟାଗୁଡ଼ିକର ଶୀଘ୍ର ଏବଂ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋପ ବ୍ଲକ ଜନଅଭିଯୋଗ ଶୁଣାଣିରେ ଚାଷୀଙ୍କ ବିକ୍ଷୋଭ

## କେନାଲ ପାଣି ନ ପହଞ୍ଚିବାରୁ ବିଷ ବୋତଲ ଧରି ଆତ୍ମହତ୍ୟା ଧମକ

ଗୋପ, ୧୨|୧୦:(ସନ୍ତୋଷ କୁମାର ଭୋଳ) ଗୋପ ବ୍ଲକର ଶତାଧିକ ହେକ୍ଟର ଚାଷଜମିକୁ କେନାଲ ପାଣି ନପହଞ୍ଚିବା ଏବଂ ଧାନ ଫସଲ ନଷ୍ଟ ହେବା ଆଶଙ୍କାକୁ ନେଇ ସୋମବାର ଗୋପ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ଚାଷୀ ଏକତ୍ରିତ ହୋଇ ପ୍ରଶାସନ ଓ ଜଳସମ୍ପଦ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ କେନାଲରେ ପାଣି ଛାଡ଼ିବାକୁ ଦାବି କରିଥିଲେ। ଏପରିକି କେତେକ ଚାଷୀ ବିଷ ବୋତଲ ଧରି ଆତ୍ମହତ୍ୟା ଧମକ କରିବାରୁ ପରିସ୍ଥିତି ଗୁରୁତର ହୋଇପଡ଼ିଥିଲା।

ସୂଚନା ଅନୁଯାୟୀ, ଗୋପ ବ୍ଲକ ଅଧୀନ ଅଣ୍ଡାରଇଛାପୁର, ଗଣେଶ୍ୱରପୁର, ଗୋପ ଓ ନାଗପୁର, ଡ଼ଭାର , ନୁଆଖୋଲମରା ଆଦି ପଞ୍ଚାୟତର ଶହ ଶହ ଚାଷୀ ଧାନ ଚାଷ ପାଇଁ ମୁଖ୍ୟତଃ କେନାଲ ଜଳ ଉପରେ ନିର୍ଭରଶୀଳ। ମାତ୍ର ଗୋପ ମାଇନର ଓ ନିମାପଡ଼ା କେନାଲର ଶେଷମୁଣ୍ଡ ଅଞ୍ଚଳକୁ ପାଣି ପହଞ୍ଚୁ ନଥିବାରୁ ଶତାଧିକ ହେକ୍ଟର ଚାଷଜମି ଶୁଖିବାକୁ ବସିଛି। ଆବଶ୍ୟକ ସମୟରେ ପାଣି ନମିଳିଲେ ଧାନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଚାଷୀଙ୍କ କହିବାନୁସାରେ, ସମସ୍ୟା ସମ୍ପର୍କରେ ପୂର୍ବରୁ ବାରମ୍ବାର ପ୍ରଶାସନ ଓ ସମ୍ପୃକ୍ତ ଜଳସମ୍ପଦ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କେନାଲର ଶେଷମୁଣ୍ଡ ଜମିକୁ ପାଣି ପହଞ୍ଚିପାରି ନାହିଁ। ଫଳରେ ସୋମବାର ଜନଅଭିଯୋଗ ଶୁଣାଣିକୁ ଆସିଥିବା ଚାଷୀମାନଙ୍କ ଅସନ୍ତୋଷ ତୀବ୍ର ରୂପ ନେଇଥିଲା। ସେମାନେ ହୋହଲ୍ଲା କରିବା ସହ ତୁରନ୍ତ ପାଣି ଯୋଗାଣ ପାଇଁ ଦାବି କରିଥିଲେ। ଏହି ସମୟରେ କେତେକ ଚାଷୀ ହାତରେ ବିଷ ବୋତଲ ଧରି ଆତ୍ମହତ୍ୟା ଉଦ୍ୟମ କରିବାରୁ ଉପସ୍ଥିତ ପୁଲିସ ତତ୍ପର ହୋଇଥିଲା। ଗୋପ ପୁଲିସ ଚାଷୀମାନଙ୍କୁ ବୁଝାସୁଝା କରି ସେମାନଙ୍କ ହାତରୁ ବିଷ ବୋତଲ ଛଡ଼ାଇ ନେଇଥିଲା। ଫଳରେ ଏକ ବଡ଼ ଅଘଟଣ ଏଡ଼ାଇ ଯାଇଥିଲା। ପରିସ୍ଥିତିକୁ ନେଇ ଜନଅଭିଯୋଗ ଶୁଣାଣିରେ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ଚାଷୀମାନଙ୍କ ସହ ଆଲୋଚନା କରି ୨ ଦିନ ମଧ୍ୟରେ କେନାଲର ଶେଷମୁଣ୍ଡ ଚାଷଜମି ପର୍ଯ୍ୟନ୍ତ ପାଣି ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଏନେଇ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି, ପୁରୀର ଚାଷୀ ପ୍ରତିନିଧି ତଥା ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସାଇଁ(ଲୁଲୁ) କହିଛନ୍ତି, ‘‘ଗୋପ ମାଇନର ଓ ନିମାପଡ଼ା କେନାଲର ଶେଷମୁଣ୍ଡ ଅଞ୍ଚଳକୁ ତୁରନ୍ତ ପାଣି ନପହଞ୍ଚିଲେ ଶତାଧିକ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ପ୍ରଶାସନ ଏହାକୁ ଜରୁରୀ ସମସ୍ୟା ଭାବେ ଗ୍ରହଣ କରି ଚାଷୀଙ୍କ ଜମିକୁ ପାଣି ପହଞ୍ଚାଉ।’’ ସେ ଆହୁରି କହିଛନ୍ତି ଯେ, ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପାଣି ନପହଞ୍ଚିଲେ ଚାଷୀମାନେ ଆଗାମୀ ଦିନରେ ବ୍ୟାପକ ଗଣଆନ୍ଦୋଳନ କରିବାକୁ ବାଧ୍ୟ ହେବେ।





# ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ 'ଉତ୍ସାହ' ଓ 'ମହକ' ଉତ୍ସବ ଅନୁଷ୍ଠିତ




ଢେଙ୍କାନାଳ,୧୨/୧୦(ସୁଶାନ୍ତ କୁମାର ପାଣୀ): ଜିଲ୍ଲା ଶିଶୁ ସୁରକ୍ଷା ଶାଖା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଢେଙ୍କାନାଳରେ ଦୁଇ ଦିନ ବ୍ୟାପୀ 'ଉତ୍ସାହ' ଏବଂ 'ମହକ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଗତ ୧୦ ଓ ୧୧ ତାରିଖରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ତିନୋଟି ଶିଶୁ ଯତ୍ନ ଅନୁଷ୍ଠାନ – ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଆଦୃତା ଶିଶୁ ସଦନ ଓ ବିଶ୍ୱକୁନ୍ତଳା ଶିଶୁ ଗୃହର ଅନ୍ତେବାସୀମାନେ ଅଂଶଗ୍ରହଣ କରିଥିଲେ।ପ୍ରଥମ ଦିନରେ ଷ୍ଟାଡିୟମରେ ଫୁଟବଲ, କ୍ୟାରମ, ଦୌଡ଼, ଡିଆଁ ଓ ଚେସ୍ ଭଳି କ୍ରୀଡ଼ା ପ୍ରତିଯୋଗିତା ହୋଇଥିବାବେଳେ ଦ୍ୱିତୀୟ ଦିନରେ ଜିଲ୍ଲା ବିଜ୍ଞାନ କେନ୍ଦ୍ରରେ ଚିତ୍ରାଙ୍କନ, ଜଣା-ଅଜଣା, ତର୍କ, ସଙ୍ଗୀତ, ଟାଲେଣ୍ଟ ଶୋ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ବିଜୟୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କୁ ରାଜ୍ୟସ୍ତରୀୟ 'ମହକ' ଓ 'ଉତ୍ସାହ' ମହୋତ୍ସବ ପାଇଁ ଚୟନ କରାଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ପରେଶ ପଟ୍ଟନାୟକ କହିଥିଲେ ଯେ, କ୍ରୀଡ଼ା ଓ ପ୍ରତିଭା ପ୍ରଦର୍ଶନ ମାଧ୍ୟମରେ ଶିଶୁମାନେ ନିଜ ଭବିଷ୍ୟତ ଗଢ଼ି ପାରିବେ।ଅନ୍ୟତମ ଅତିଥି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଗୋଲକ ବିହାରୀ ପାଣିଗ୍ରାହୀ, ସଭ୍ୟ ଜିତେନ୍ଦ୍ର ପାଣି, ସଭ୍ୟା ଭାନୁମତୀ ପାଣି ଏବଂ ବରିଷ୍ଠ ସମାଜସେବୀ ଅମୀୟ ଚାନ୍ଦ ମାର୍ଗଦର୍ଶନ କରିଥିଲେ।ପ୍ରତିଯୋଗିତାରେ ବିଚାରକ ଭାବେ ପରେଶ ପଟ୍ଟନାୟକ, ଡଃ ପୁଷ୍ପଲତା ରଥ, ନରେଶ ମହାରଣା, ବିନ୍ଦୁର ରାଉଳ, ସୁଶାନ୍ତ ଦାସ, ସବିତା ଧୀର ଓ ମଧୁସ୍ମିତା ସାହୁ ଦାୟିତ୍ୱ ତୁଲାଇଥିଲେ।କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଅନୁରାଧା ଗୋସ୍ୱାମୀ ପରିଚାଳନା କରିଥିବାବେଳେ ଶିଶୁ ସହାୟତା ହେଲ୍ପଲାଇନ ଓ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଡିପିଆଇଆଇଟି ପକ୍ଷରୁ 'ତେଜସ୍' କର୍ମଶାଳା ଅନୁଷ୍ଠିତ

# ତୃଣମୂଳ ସ୍ତରରେ ଉଦ୍ୟୋଗିକତାକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

ଢେଙ୍କାନାଳ,୧୨/୧୦(ସୁଶାନ୍ତ କୁମାର ପାଣୀ): ତୃଣମୂଳ ସ୍ତରରେ ଉଦ୍ୟୋଗିକତା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଓ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ , ଷ୍ଟାର୍ଟଅପ୍ ଇଣ୍ଡିଆ ପକ୍ଷରୁ 'ତେଜସ୍' କର୍ମଶାଳା ଢେଙ୍କାନାଳ ସରକାରୀ ପଲିଟେକ୍ନିକ୍‌ର ଇ-ଷ୍ଟୁଡିଓରେ ଅନୁଷ୍ଠିତ ହୋଇଯାଇଛି।ଷ୍ଟାର୍ଟଅପ୍ ଓଡ଼ିଶା, ସରକାରୀ ପଲିଟେକ୍‌ନିକ୍ ଢେଙ୍କାନାଳ, ସିନର୍ଜୀ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଉଦ୍ୟୋଗ ପ୍ରତିଷ୍ଠା, ଷ୍ଟାର୍ଟଅପ୍‌ର ବିକାଶ, ଆର୍ଥିକ ପରିଚାଳନା, ବୌଦ୍ଧିକ ସମ୍ପତ୍ତି ଅଧିକାର ଏବଂ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା।କର୍ମଶାଳାକୁ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ ଶିବାଶିଷ କାନୁନ୍‌ଗୋ ଓ ସିନର୍ଜୀ ଇନଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ବିନୋଦ ଦାଶ ଉଦ୍‌ଘାଟନ କରିଥିଲେ। ସରକାରୀ ପଲିଟେକ୍‌ନିକ୍‌ର ବରିଷ୍ଠ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଷ୍ଟାର୍ଟଅପ୍ ଇଣ୍ଡିଆର ସହକାରୀ



ପ୍ରବନ୍ଧକ ରୋହନ ସଚଦେବା ଜାତୀୟ ସ୍ତରରେ ଷ୍ଟାର୍ଟଅପ୍ ସୁଯୋଗ ସମ୍ପର୍କରେ, ଷ୍ଟାର୍ଟଅପ୍ ଓଡ଼ିଶାର ମିଶନ ଆସୋସିଏଟ୍ ଡ. ରଶ୍ମି ରଞ୍ଜନ ବେହେରା ରାଜ୍ୟ ଷ୍ଟାର୍ଟଅପ୍ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଏଆଇସି-ଏନଆଇଟି ଫାଉଣ୍ଡେସନର ସିଇଓ ଦୁର୍ଗା ପ୍ରସାଦ ଗୌଡ଼ ଢେଙ୍କାନାଳରେ ନବସୃଜନର ସମ୍ଭାବନା, ଏସ୍‌ଟିପିଆଇର ଅତିରିକ୍ତ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ବେହେରା ଆଇଟି କ୍ଷେତ୍ରର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଫୋନ୍‌ପେର ଏଏସ୍‌ଏମ୍ ପ୍ୟାରୀମୋହନ ସାହୁ ଆର୍ଥିକ ପରିଚାଳନା ଏବଂ ଏନ୍‌ଆର୍‌ଡିସିର ଡ. ହରେରାମ ସାହୁ ବୌଦ୍ଧିକ ସମ୍ପତ୍ତି ଅଧିକାର ଓ ବାଣିଜ୍ୟିକୀକରଣ ଉପରେ ଆଲୋକପାତ କରିଥିଲେ।କର୍ମଶାଳାରେ ସ୍ଥାନୀୟ ଷ୍ଟାର୍ଟଅପ୍ ଉଦ୍ୟୋଗୀ, ଆଶାୟୀ ଉଦ୍ୟୋଗୀ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇ ଡିପିଆଇଆଇଟି ସ୍ୱୀକୃତି, ଇନ୍‌କ୍ୟୁବେସନ୍ ସହାୟତା ଏବଂ ବିଭିନ୍ନ ସୁଯୋଗ ସମ୍ପର୍କରେ ଅବଗତ ହୋଇଥିଲେ। ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ@୨୦୪୭ ଲକ୍ଷ୍ୟ ପୂରଣ ଦିଗରେ 'ତେଜସ୍' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା।

# ସନ୍ତୁପୁରରେ ସାଧନା କେନ୍ଦ୍ର ସ୍ତରୀୟ 'ସୁରଭି' ଶିଶୁ ମହୋତ୍ସବ



ଗଁଦିଆ,୧୨/୧୦(ବେତୁଜୀ ପ୍ରସାଦ): ଶିଶୁଙ୍କ ମନରେ ଲୁଚି ରହିଥିବା ପ୍ରତିଭାର ବିକାଶ ସହ ସେମାନଙ୍କ ଅନ୍ତର୍ନିହିତ କଳା, ସୃଜନଶୀଳତା ଓ ଦକ୍ଷତାକୁ ଉଜାଗର କରିବା ଲକ୍ଷ୍ୟରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ସନ୍ତୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସାଧନା କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ସାଧନା କେନ୍ଦ୍ର ଅନ୍ତର୍ଗତ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୧୦ଟି ବିଭାଗରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ପାଇଁ ମନୋନୀତ କରାଯାଇଥିଲା। ସନ୍ତୁପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଛାୟା ପ୍ରକାଶ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଗଁଦିଆ ବିଆରସିସି ସୁବାଷ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ଦିବାସିନୀ ସାମଲ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟ ନନ୍ଦ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିଶୁମାନଙ୍କ ପ୍ରତିଭା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରକୃତି ବନ୍ଧୁ ମନୋଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ମଲ୍ଲିକ, ଚକ୍ରଧର ଜେନା ଓ ସୋନାଲି ସାମଲ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶିଶୁଙ୍କ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସର ବୃଦ୍ଧି ଓ ଭବିଷ୍ୟତରେ ସଫଳତାର ପଥ ପ୍ରସ୍ତୁତ କରିବା ଦିଗରେ 'ସୁରଭି' ଭଳି କାର୍ଯ୍ୟକ୍ରମ ଏକ ଉତ୍କୃଷ୍ଟ ମଞ୍ଚ ସାଜିଛି। ଏହି ମହୋତ୍ସବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆଗକୁ ବଢ଼ିବାର ପ୍ରେରଣା ସୃଷ୍ଟି କରିଛି।

## କଲେଜ ନିର୍ବାଚନକୁ ନେଇ ବିଜେଡିର ପ୍ରସ୍ତୁତି

# ପ୍ରଚାର ମଇଦାନରେ ବିସିଜେଡି ପ୍ରାର୍ଥୀ



କାମାକ୍ଷାନଗର,୧୨/୧୦(ସୁମନ୍ତ ଜେନା)ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ରସଂସଦ ନିର୍ବାଚନକୁ ନେଇ କାମାକ୍ଷାନଗର କଲେଜରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ନିର୍ବାଚନରେ ବିସିଜେଡି ପ୍ରାର୍ଥୀଙ୍କ ବିଜୟ ପାଇଁ ବିଜେଡି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଥିବା ବେଳେ ପ୍ରାର୍ଥୀମାନେ କଲେଜ କ୍ୟାମ୍ପସରେ ଜୋରଦାର ପ୍ରଚାର ଚଳାଇଛନ୍ତି।ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହଚରଣ ସାହୁ ଯୋଗଦେଇ ନିର୍ବାଚନୀ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ବିସିଜେଡିର ସମସ୍ତ ପ୍ରାର୍ଥୀ କିପରି ବିପୁଳ ଭୋଟରେ ବିଜୟୀ ହେବେ, ସେନେଇ ବୈଠକରେ ଆଲୋଚନା ହୋଇଥିଲା।ଏହି ବୈଠକରେ ନିର୍ବାଚନ ଲଢୁଥିବା ବିସିଜେଡିର ସମସ୍ତ ପ୍ରାର୍ଥୀ, ଦଳୀୟ କାର୍ଯ୍ୟକର୍ତ୍ତା ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ଶତାଧିକ ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ନେଇ ପ୍ରାର୍ଥୀମାନେ କ୍ୟାମ୍ପସରେ ପ୍ରଚାର ଚଳାଇଛନ୍ତି। ଆଗାମୀ ନିର୍ବାଚନରେ ଛାତ୍ରଛାତ୍ରୀଙ୍କ ସମର୍ଥନ ଓ ସହଯୋଗରେ ବିସିଜେଡି ବାଜିମାତ କରିବ ବୋଲି ପ୍ରାର୍ଥୀମାନେ ଆଶାବ୍ୟକ୍ତ କରିଛନ୍ତି। ଏହାକୁ ନେଇ କାମାକ୍ଷାନଗର କଲେଜ କ୍ୟାମ୍ପସରେ ନିର୍ବାଚନୀ ମାହୋଲ ସରଗରମ ହୋଇଉଠିଛି।

# କପିଳାସ ରାସ୍ତାରେ ୮ ଘଣ୍ଟା ଯାନବାହନ ଚଳାଚଳ ବନ୍ଦ

ଗଁଦିଆ, ୧୨/୧୦(ବେତୁଜୀ ପ୍ରସାଦ): ନିଯୁକ୍ତି ପରୀକ୍ଷାର୍ଥୀଙ୍କ ଚାଲିବା ପରୀକ୍ଷାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଆସନ୍ତା ୧୩ ଅକ୍ଟୋବର ୨୦୨୬ ମଙ୍ଗଳବାର ଦିନ ଭୋର୍ ୪ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନିରୁପମା ହୋଟେଲ, କପିଳାସଠାରୁ ବାଣିଆ ଓ ସୋରିଷପଦା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରାସ୍ତାରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ବନ୍ଦ ରହିବ। ଢେଙ୍କାନାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ପକ୍ଷରୁ ମୋଟର ଯାନ ଆଇନ, ୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ଆଦେଶ ଜାରି ହୋଇଛି। ଏହି କଟକଣା ପରିସରରେ ଦୁଇଚକିଆ, ତିନିଚକିଆ, ଚାରିଚକିଆ ଯାନ ସମେତ ମାଲବାହୀ ଗାଡ଼ି ଓ ବସ୍ ଆଦି ଅନ୍ତର୍ଭୁକ୍ତ ରହିଛି। ଏକ୍ସାଇଜ୍ କନଷ୍ଟେବଲ୍, ଫରେଷ୍ଟର୍ ଓ ଫରେଷ୍ଟ ଗାର୍ଡ ନିଯୁକ୍ତି ପ୍ରକ୍ରିୟାରେ ପ୍ରାର୍ଥୀମାନଙ୍କ ଚାଲିବା ପରୀକ୍ଷା ସମୟରେ ଯାନବାହନ ଭିଡ଼ ଏଡ଼ାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯାତାୟାତ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବିକଳ୍ପ ରାସ୍ତା ମଧ୍ୟ ନିର୍ଦ୍ଦେଶ କରାଯାଇଛି। ଢେଙ୍କାନାଳରୁ ଭୁବନ ଅଭିମୁଖେ




ଯାଉଥିବା ଗାଡ଼ିଗୁଡ଼ିକ କାଇମାଟି ଛକ, ଜୋରନ୍ଦା ଛକ, ମାଧପୁର ଛକ ଓ ବିଧାରପୁର ଛକ ଦେଇ ଯାତାୟାତ କରିପାରିବେ। ସେହିପରି ଟାଙ୍ଗୀ-ଚୌଦ୍ୱାର ପଟୁ ଢେଙ୍କାନାଳ ଆସୁଥିବା ଗାଡ଼ିଗୁଡ଼ିକ ସୋରିଷପଦା, ରାମେଇ, ଗୁଣ୍ଡୁରାପାସି ଓ ବିଧାରପୁର ରାସ୍ତା ଦେଇ ଯାତାୟାତ କରିପାରିବେ। ଏହି ବିକଳ୍ପ ରାସ୍ତା ବିପରୀତ ଦିଗରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହି କଟକଣା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଉପଯୁକ୍ତ ସ୍ଥାନରେ ଟ୍ରାଫିକ୍ ସଙ୍କେତ ଓ ବ୍ୟାରିୟର ଲଗାଇବା ସହ ବ୍ୟାପକ ପ୍ରଚାର ପ୍ରସାର ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ିଚାଳକ ଓ ଯାତ୍ରୀମାନେ ନିର୍ଦ୍ଧାରିତ ସମୟରେ କଟକଣାକୁ ଦୃଷ୍ଟିରେ ରଖି ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଢେଙ୍କାନାଳ ଶ୍ରୀକରଣ ସମାଜ ବାର୍ଷିକ ଅଧିବେଶନ ୨୦୨୬

ଢେଙ୍କାନାଳ, ୧୨।୧୦ (ବିଜ୍ଞାନ ମହାନ୍ତି ) ଶ୍ରୀକରଣ ସମାଜର ବାର୍ଷିକ ଅଧିବେଶନ ଗତ ରବିବାର ସ୍ଥାନୀୟ ଗୋପୀନାଥ ଗାର୍ଡେନ ଠାରେ ଅକ୍ଷୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତା ତଥା ୪୨ ଜଣ ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବ ବୈଠକର ବିବରଣୀ ଲଳିତ ପଟ୍ଟନାୟକ ପାଠ କରିଥିଲେ ଓ ଏହା ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ପରେ ବିଭିନ୍ନ ପ୍ରସ୍ତାବ ଆଲୋଚନାରେ ଦୀପ୍ତିମୟ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ,



କଲ୍ୟାଣ କାନୁନଗୋ, ନିମାଇଁ ମହାନ୍ତି, ଅବିନାଶ ପଟ୍ଟନାୟକ, ଯୋଗୀ ମହାନ୍ତି, ଅମିତ କାନୁନଗୋ, ହୃଦୟ ମହାନ୍ତି ଓ ବିଶ୍ୱାସ ପଟ୍ଟନାୟକ ଅଂଶ ଗ୍ରହଣ କରିଥିଲେ। ଶ୍ରୀକରଣ ଓ କରଣ ସମାଜ ମିଶ୍ରଣ ସମ୍ପର୍କରେ ତା ୧୯.୯.୨୦୨୫ ରିଖ ବୈଠକ ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯାହାକି ସମସ୍ତ ସଭ୍ୟମାନେ କରଣ ବଂଶଜ ବୋଲି ସ୍ୱୀକାରୋକ୍ତି ଦେବେ।ବୈଠକରେ ଅନ୍ୟମାନଙ୍କ ମଧ୍ୟରୁ ହେମନ୍ତ ପଟ୍ଟନାୟକ, ନିରୋଦ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ତିର୍ଥ ପଟ୍ଟନାୟକ, ବିଜୟାନନ୍ଦ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ନଳିନୀ ପଟ୍ଟନାୟକ, ବାଣେଶ୍ୱର ପଟ୍ଟନାୟକ, ନଚିକେତା ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ଅରୁଣ ଭୂଷଣ ମହାନ୍ତି, ଡା. ଅଭିନନ୍ଦନ, ଅଜାତଶତ୍ରୁ ପଟ୍ଟନାୟକ, ସବ୍ୟସାଚୀ ପଟ୍ଟନାୟକ, ବାଦଲ ବିହାରୀ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।ଏତଦ୍ ବ୍ୟତୀତ ଯେଉଁ ପ୍ରତିଷ୍ଠାତା ସଭ୍ୟମାନେ ବୟସାଧିକ୍ୟ ଓ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଯୋଗୁଁ ଶ୍ରୀକରଣ ସମାଜ ବୈଠକକୁ ଆଉ ଆସିପାରୁ ନାହାନ୍ତି ସେମାନଙ୍କୁ ତାଙ୍କ ବାସଗୃହରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

ଖଜୁରିଆ କଟା ୧୨/୧୦(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍,ବଳରାମପ୍ରସାଦ ପଂଚାୟତ ଅନ୍ତର୍ଗତ ଆର୍ତ୍ତସନ୍ତରାକାଟେଣୀ ଠାରେ ବିଶ୍ୱ ଯୁବ କେନ୍ଦ୍ର, ଜଷ୍ଟ ରାଇଟ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ତରଫରୁ ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଉକ୍ତ ବୈଠକରେ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ନାଏକ,ମମତା ପୃଷ୍ଟି, ଆଶା ସୁଷମା ସାହୁ ବିଦ୍ୟାଳୟର ଶିକ୍ଷୟତ୍ରୀ ଫୁଲନ ମିଶ୍ର,ସ୍ୱୟଂ ସହାୟକ ଗୋଷ୍ଠୀ ସୀମା ନାଏକ,ଏବଂ କମିଟି ର ସଦସ୍ୟ,ସଦସ୍ୟା ଉପସ୍ଥିତ ଥିଲେ। କର୍ଯ୍ୟକ୍ରମ ରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ବିଶ୍ୱ ଯୁବ କେନ୍ଦ୍ରର ମନସ୍ମିତା ନାୟକ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା ବାଲ୍ୟ ବିବାହ ପାଇଁ ଝିଅ ଉପରେ ପଡୁଥିବା ଶାରୀରିକ, ମାନସିକ, ତଥା ଆର୍ଥିକ ଚାପ ଶିକ୍ଷା ତଥା ଆତ୍ମ ନିର୍ଭରଶୀଳତା ଅଭାବ ସାମାଜିକ କୁପରିଣାମ ବାଲ୍ୟ ବିବାହ କ୍ଷେତ୍ରରେ ଆୟୋଜିନକ।ରି, ଯୋଗ ଦେଇଥିବା ଅତିଥି, ବିଭିନ୍ନ ସହଯୋଗୀ ଙ୍କୁ ଦଣ୍ଡ ବିଧାନ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ବାଲ୍ୟ ବିବାହ ରୋକିବା ସହ ଶିଶୁ ମାନଙ୍କୁ ଶିକ୍ଷା ର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ନାମ ଲେଖାଇବା ଓ ସଚେତନତା ଅଭିଯାନ ରେ ଆୟୋଜନ କରାଯାଇଛି। ବିଦ୍ୟାଳୟରୁ ବାହାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମଲେଖା ଓ ନିୟମିତ ଉପସ୍ଥାନ ନିଶ୍ଚିନ୍ତ କରିବା ପାଇଁ ବିଶ୍ୱ ଯୁବ କେନ୍ଦ୍ର, ଶିକ୍ଷକ ଓ ଅଭିଭାବକଙ୍କ ସହିଯୋଗ ନିଆଯାଉଛ।ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ମାନଙ୍କ ଉପରେ ହେଉଥିବା ଯୌନ ନର୍ଯାତନା ଉପରେ ଆଲୋଚନା କରାଯାଇଥିଲା। ସର୍ବ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରଗଲା।

## ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ତରଫରୁ ବିକ୍ଷୋଭ

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ଢେଙ୍କାନାଳ, ୧୨/୧୦ (ବିଜ୍ଞାନ ମହାନ୍ତି)ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ ସଭାନେତ୍ରୀ ଯଶସ୍ୱିନୀ ରାଉତଙ୍କ ନେତୃତ୍ୱରେ ଗାନ୍ଧୀ ମନ୍ଦିର ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ମଣିପୁର ଇନର ସାଂସଦ ଅଙ୍ଗୋମଚା ବିମଲ ଆକୋଇଜାମଙ୍କ ଜେଏନୟୁରେ ଛାତ୍ରୀଙ୍କ ପ୍ରତି ଅସଦାଚରଣ ଓ ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।ଏହି ଅବସରରେ ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କଂଗ୍ରେସ ଦଳ କିପରି ନାରୀ ଓ ମା'ଙ୍କୁ ସମ୍ମାନ ଦେଉଛି ତାହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ରାହୁଲ ଗାନ୍ଧୀଙ୍କୁ ଆକ୍ଷେପ କରି ଆଗାମୀ ଦିନରେ ଏହା କଂଗ୍ରେସ ଦଳ ପ୍ରତି ହଙ୍ଗା ପଡିବ ବୋଲି କହିଥିଲେ।ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଯୋଗଦେଇ ବିଜେପି କିପରି ନାରୀ ଓ ମହିଳାଙ୍କୁ ସମ୍ମାନ ଦେଉଛି, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଏଥିରୁ ଶିଖିବାକୁ ଉପଦେଶ ଦେଇଥିଲେ। ଏହି ଘଟଣାକୁ ନେଇ ରାହୁଲ ଗାନ୍ଧୀ କାହିଁକି ଏପର୍ଯ୍ୟନ୍ତ ଚୁପ୍ ଅଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରତ୍ନପ୍ରଭା ପଣ୍ଡା, ପ୍ରଭାରୀ ଭାରତୀ ସାଇଁ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଉଲ୍ଲି ନାୟକ, ନିବେଦିତା ରାଉତ, ସଂଯୁକ୍ତା ହୋତା, ରୁନୁବାଳା ରାଉତ, ଜିଲ୍ଲା ସମ୍ପାଦିକା ମଞ୍ଜୁଲତା ସାହୁଙ୍କ ସମେତ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚର ଦିତୀୟ ବାର୍ଷିକ ଉତ୍ସବ ଉଦଯାପିତ

ଖଜୁରିଆକଟା ୧୨/୧୦(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସ୍ତରୀୟ ଶବଭରଶ୍ୱଙ୍ଗବକ୍ସ ମକ୍ଷଙ୍କଭ ଠାରେ ଦୁଇ ଦିନ ଧରି ଚାଲିଥିବା ବରିଷ୍ଠ ନାଗରିକ ମଞ୍ଚର ଦିତୀୟ ବାର୍ଷିକ ମହୋତ୍ସବ ସୋମବାର ଦିନ ଉଦଯାପିତ ହୋଇଯାଇଛି. ଏହି ଉତ୍ସବରେ ଆଜି ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପୌରହିତ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ଉତ୍ସବରେ ଢେଙ୍କାନାଳ ର ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ଜିଲା ଦୌରାଜଜ ତଥା ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦ ର ସଭାପତି ଦୁର୍ଗା ଚରଣ ମିଶ୍ର ଯୋଗ ଦେଇଥିଲେ. ବିଶିଷ୍ଟ ସମ୍ମାନୀତ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ତଥା ଜିଲା ଯୋଜନା ବୋର୍ଡ ର ଅଧ୍ୟକ୍ଷା ସୀମାରାଣୀ ନାୟକ ତଥା ସମ୍ମାନୀତ ଅତିଥି ଭାବରେ କିଶୋର ଚନ୍ଦ୍ର ମିଶ୍ର , କୃଷ୍ଣ ଚନ୍ଦ୍ର ଆଏଚ ଯୋଗଦେଇଥିଲେ. ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ସାରିବା ପରେ ର ସଭ୍ୟ ମାନଙ୍କୁ ନେଇ ରାଷ୍ଟ୍ର ଗାନ କରାଯାଇଥିଲା, ବରିଷ୍ଠ ନାଗରିକ ମଞ୍ଚ ର ସମ୍ପାଦକ ବିନୟ କୁମାର ସାମଲ ଓ ସମ୍ପାଦକ ରାଜେନ୍ଦ୍ର କୁମାର ପାଳ ଙ୍କ ଦ୍ୱାରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ. ମୁଖ୍ୟ ଅତିଥି ଏଭଳି ଆୟୋଜନ ଏବଂ ବହୁ ସଂଖ୍ୟାରେ ଏକତ୍ରୀତ ହେବା ଦେଖି ଆଚାର୍ଯ୍ୟ ହେବା ସହ ଭୂୟସୀ ପ୍ରଶଂସା କରିଥିଲେ . ମୁଖ୍ୟବକ୍ତା ଦୁର୍ଗା ଚରଣ ମିଶ୍ର କହିଥିଲେ କି ବର୍ତମାନ ସୁଦ୍ଧା ପାଖାପାଖି ୨୫୦୦୦ ରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଭତ୍ତା ନ ପାଇ ବଡ ଦୁର୍ଦ୍ଦିନରେ ଚଳୁଥିବା ଏବଂ ହିନ୍ଦୋଳ ଉପଖଣ୍ଡ ର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି ମାତ୍ର ସରକାର ଙ୍କ ଯଥେଷ୍ଟ ସହଯୋଗ ନଥିବାରୁ ଆଜିର ଯୁବପିଢ଼ି ଦାଦନ ଖଟିବାକୁ ଚାଲିଯାଉଛନ୍ତି ଫଳରେ ତାଙ୍କର ବୃଦ୍ଧ ବାପା ମାଆ ଅସହାୟ ହୋଇ ପଡିବା ଦେଖି ଚିନ୍ତା ପ୍ରକଟ କରିଛନ୍ତି, ବିଶିଷ୍ଟ ସମ୍ମାନିତ ଅତିଥି ବିଧାୟିକା ସୀମା ରାଣୀ ନାୟକ ମୁଖ୍ୟ ବକ୍ତା ଙ୍କର ପ୍ରସଙ୍ଗକୁ ସ୍ୱୀକାର କରି କିଭଳି ଭବରେ ଆପଣ ମାନଙ୍କର ସହଯୋଗ ମିଳିଲେ ଏହାକୁ ସମାଧାନ କରିବା ପାଇଁ ଚେଷ୍ଟା କରିବିବୋଲିକହିଥିଲେ. ପ୍ରଭାତ ରେ ଯୋଗ ଶିକ୍ଷା ମଣିପାଳ ଡାକ୍ତର ଖାନାର ଚାକ୍ଷୁ ବିଭାଗ, ଅସ୍ଥି ସଲ୍ୟ ବିଭାଗ, ଚର୍ମ ରୋଗ ବିଶେଷଜ୍ଞ,ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମାନେ ନିଶୁଳ୍କ ରୋଗୀ ଚିକିତ୍ସା କରିବା ସହିତ ମାଗଣାରେ ଔଷଧ ଦେଇଥିଲେ. 'ଅପରାହ୍ନ ର ସୂର୍ଯ୍ୟ ' ପତ୍ରିକା ମୁଖ୍ୟ ଅତିଥି ଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା, ଅପରାହ୍ଣ ରେ ସମାଜ ସେବୀ ଗଙ୍ଗାଧର ସାମଲ ଅତିଥି ଭାବରେ ଯୋଗ ଦେଇ ନାଗରିକ ମଞ୍ଚକୁ ଉତ୍ସାହିତ କରିଥିଲେ. ରତିକାନ୍ତ ଗଣନାୟକ ମଞ୍ଚ ପରିଚାଳନା କରିଥିଲା ବେଳେ ବରିଷ୍ଠ ନାଗରିକ ଲକ୍ଷ୍ମୀଧର ସାହୁ,ତ୍ରିଲୋଚନ ସେନାପତି, ବ୍ରହ୍ମାନନ୍ଦ ପ୍ରଧାନ ତଥା ସଭ୍ୟା ସଭ୍ୟ ମିଳିତ ଭାବରେ ଉତ୍ସବକୁ ଆଗେଇ ନେଇଥିଲେ .ଏଥିରେ ପ୍ରାୟ ୭୦୦ ରୁ ଉର୍ଦ୍ଧ ସଭ୍ୟ ଯୋଗ ଦେଇଥିଲେ. ମଞ୍ଚର ସମ୍ପାଦକ ବିନୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ ।

# କାମାକ୍ଷାନଗରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ



କାମାକ୍ଷାନଗର,୧୨/୧୦ (ସୁମନ୍ତ ଜେନା): କାମାକ୍ଷାନଗର ଏନ୍‌ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଷ୍ଣୁ ପ୍ରସାଦ ମହାଲିକଙ୍କ ସମେତ ବରିଷ୍ଠ ଆଇନଜୀବୀ ଧରମାନନ୍ଦ ମଲିକ, କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ଆଳତୁମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବନଲତା ସାହୁ, ବିଜ୍ଞାନ ପ୍ରକଳ୍ପ ନିର୍ଦ୍ଦେଶକ ସନାତନ ପଟ୍ଟନାୟକ ଓ ସିଆରସିସି ରାଜେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ର ଛାତ୍ରୀ

ଖଜୁରିଆ କଟା ୧୨/୧୦(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରଙ୍କ ପ୍ରଯୋଜିତ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ପାଖରେ ପ୍ରଦିପ ପ୍ରଜ୍ଜ୍ୱଳନ କରାଯାଇଥିଲା ଏବଂ ପରେ ମଞ୍ଚର ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା । ସୁରଭି କାର୍ଯ୍ୟର ସଭାପତିତ୍ୱ କରୁଥିଲେ ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସିଂହ । ମୁଖ୍ୟ ଅତିଥି ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚେୟାରମ୍ୟାନ ଜ୍ୟୋତି ଶଙ୍କର ନାୟକ, ମୁଖ୍ୟବକ୍ତା କୋରହିଗାଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପ୍ରାଥମିକ ରାଜ୍ୟ ଶିକ୍ଷକ ସଂଘର ଉପସଭାପତି ବିରଞ୍ଚି ନାରାୟଣ ଦାଶ ଏବଂ କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିଲେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଶୋକ କୁମାର ସାହୁ । ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ,ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଖୁଣ୍ଟୁଝରି ଉନ୍ନୀତ ବିଦ୍ୟାଳୟ,କୋରେହିଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ,ଚନ୍ଦନମଣ୍ଡପ ପ୍ରାଥମିକ ବିଦ୍ୟାଳୟ,ଇନ୍ଦିପୁର ଉଚ୍ଚ ବିଦ୍ୟାଳୟ, ଇନ୍ଦିପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଣ୍ଡୁରାପସି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ କ୍ଷ ଏଥିରେ ରଚନା, ଚିତ୍ରାଙ୍କନ,ବକ୍ତୃତା ନାଚ, ଗୀତ ପ୍ରତିଯୋଗିତା କରାଯାଇଥିଲା ଏବଂ କୃତିତ୍ୱ ଅର୍ଜ୍ଜନ କରି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର,ଖାତା ପେନ ଦେଇ ପୁରସ୍କୃତ ଓ ଉତ୍ସାହିତ କରାଯାଇଥିଲା ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ

ଶାନ୍ତି, ନବସୃଜନ ଏବଂ ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସ୍ନେହ, ସଦ୍ଭାବନା ଏବଂ ଗଭୀର ରଣନୀତିକ ଭାଗିଦାରୀକୁ ସ୍ୱୀକୃତି ଦେଇ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୫ରୁ ୨୬ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଇସ୍ରାଏଲ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ବରିଷ୍ଠ ମନ୍ତ୍ରୀ ଏବଂ ଅଧିକାରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ମଧ୍ୟ ଆସିଥିଲେ। ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ଇସ୍ରାଏଲ ଗସ୍ତ ଏବଂ ୨୦୧୮ରେ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ଭାରତ ଗସ୍ତକୁ ଉଭୟ ପକ୍ଷ ସ୍ମରଣ କରିଥିଲେ। ଏହା ମିଳିତ ଭାବରେ ସହଭାଗୀତା ଏବଂ ସହଯୋଗର ଏକ ନୂତନ ଯୁଗର ମୂଳଦୁଆ ସ୍ଥାପନ କରିଥିଲା। ନେତାମାନେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସାଇବର, କୃଷି, ଜଳ ପରିଚାଳନା, ସ୍ୱାସ୍ଥ୍ୟ, ଉଦ୍ୟୋଗ, ପ୍ରତିରକ୍ଷା, ସୁରକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ଭାରତ-ଇସ୍ରାଏଲ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ବିପୁଳ ପ୍ରଗତି ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଆପୋସ ସହମତି ଭିତ୍ତିରେ ରଣନୀତିକ ଭାଗିଦାରୀକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଥିଲେ ''ଶାନ୍ତି, ନବସୃଜନ ଏବଂ ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ସହଭାଗୀତା।''

ଦୁଇ ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଓ ଉଦ୍ୟୋଗ ମାଧ୍ୟମରେ ଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପାଇଁ ପାରସ୍ପରିକ ଆକାଂକ୍ଷାକୁ ଆଧାର କରି ଏକ ଦୃଢ଼ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ଲାଗି ସେମାନଙ୍କର ସମାନ ଦୃଷ୍ଟିକୋଣକୁ ଦୋହରାଇଛନ୍ତି। ନେତାମାନେ ସ୍ୱୀକାର କରିଛନ୍ତି ଯେ ଭାରତ ଏବଂ ଇସ୍ରାଏଲୀ କ୍ଷମତା ପରସ୍ପରର ସମ୍ପୂର୍ଣ୍ଣ ଭାବରେ ପରିପୂରକ। ଇସ୍ରାଏଲ ହେଉଛି ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଏକ ବିଶ୍ୱ ମହାଶକ୍ତି। ଅନ୍ୟପଟେ ଭାରତ ପ୍ରତିଭା, ଉତ୍ପାଦନ ଉତ୍କର୍ଷତା ଏବଂ ଉଦ୍ୟୋଗ ଶକ୍ତିର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ। ଦୁଇ ପ୍ରଧାନମନ୍ତ୍ରୀ ଏଆଇ, ସାଇବର ସୁରକ୍ଷା, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଜୈବ ପ୍ରଯୁକ୍ତିବିଦ୍ୟା, କୃଷି ଓ ଜଳ ପରିଚାଳନା, ପ୍ରତିରକ୍ଷା ପ୍ଲାଟଫର୍ମ ଏବଂ ମହାକାଶ ଅନୁସନ୍ଧାନରେ ଭାରତ ଏବଂ ଇସ୍ରାଏଲର ଅଗ୍ରଗତିକୁ ଏକୀକୃତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଛନ୍ତି। ଏହି ଭାଗିଦାରୀ ଭାରତର 'ଆତ୍ମନିର୍ଭର ଏବଂ ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ, ଯାହା ଉଭୟ ଦେଶର ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଏବଂ ସହଭାଗୀ ପ୍ରଗତିର ପରବର୍ତ୍ତୀ ଧାରାକୁ ଗତିଶୀଳ କରିବ। ନୀତିଗତ ପ୍ରାଥମିକତାକୁ ସାକାର ଫଳାଫଳରେ ପରିଣତ କରିବା ପାଇଁ ସହଭାଗୀ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ, ଦୁଇ ଦେଶର ପ୍ରଧାନମନ୍ତ୍ରୀ ନିରନ୍ତର ସହଯୋଗ ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୁନିଶ୍ଚିତ କରିବା ନିମନ୍ତେ ସରକାର, ବ୍ୟବସାୟ ଏବଂ ଲୋକ ସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ବ୍ୟବସ୍ଥାଗୁଡ଼ିକୁ ଆନୁଷ୍ଠାନିକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଧୈର୍ଯ୍ୟ ଓ ସଫଳତା




**ନେତ୍ରାନନ୍ଦ ମହାକୁଳ**
**ସଂଗୀତ ସାଧକ ଓ ସମାଜ ସଂସ୍କାରକ, ଦେବଗଡ**


ଜୀବନ ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାର ପଥ ସବୁବେଳେ ସମତଳ ନୁହେଁ। କେଉଁଠି ସଫଳତାର ସବୁଜ ମାଟି, କେଉଁଠି ବିଫଳତାର କଣ୍ଟକ, କେଉଁଠି ଆଶାର ଆଲୋକ, ଆଉ କେଉଁଠି ନିରାଶାର ଅନ୍ଧକାର। ଜୀବନର ଏହି ଉତ୍ଥାନ ପତନ ମଧ୍ୟରେ ଯିଏ ନିଜକୁ ସ୍ଥିର ରଖିପାରେ, ସେ ହିଁ ଶେଷରେ ସଫଳତାର ଶିଖରକୁ ପହଞ୍ଚିପାରେ। ଏହି ଯାତ୍ରାରେ ଧୈର୍ଯ୍ୟ ହେଉଛି ସବୁଠାରୁ ବଡ଼ ଶକ୍ତି। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନପଡ଼ିବା, ବିଫଳତାରେ ହତାଶ ନହେବା, ସମୟ ଲାଗିଲେ ମଧ୍ୟ ନିଜ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବାର ମାନସିକ ଶକ୍ତିକୁ ଧୈର୍ଯ୍ୟ କୁହାଯାଏ। ସଫଳତା ହଠାତ୍ ମିଳୁଥିବା କୌଣସି ଉପହାର ନୁହେଁ। ଏହା ଦୀର୍ଘ ପ୍ରୟାସ, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଧୈର୍ଯ୍ୟର ଫଳ।

ଧୈର୍ଯ୍ୟର ଅର୍ଥ ନିଷ୍କ୍ରିୟ ଭାବେ ବସି ରହିବା ନୁହେଁ। ଧୈର୍ଯ୍ୟ ହେଉଛି ଅପେକ୍ଷା କରିବା ସହିତ ନିରନ୍ତର ପ୍ରୟାସ କରିବା। ଜଣେ ବ୍ୟକ୍ତି ନିଜ ଲକ୍ଷ୍ୟ ପାଇଁ କାମ କରୁଛି, କିନ୍ତୁ ତୁରନ୍ତ ଫଳ ମିଳୁନାହିଁ। ସେହି ସମୟରେ ଯଦି ସେ ଚେଷ୍ଟା ଛାଡ଼ି ଦିଏ, ତେବେ ସଫଳତା ତାଠାରୁ ଦୂରେଇଯିବ। କିନ୍ତୁ ସେ ଯଦି ନିଜ ଭୁଲରୁ ଶିଖି ପୁଣିଥରେ ଚେଷ୍ଟା କରେ, ତେବେ ତାହାର ସଫଳତାର ସମ୍ଭାବନା ବଢ଼ିଯାଏ। ତେଣୁ ଧୈର୍ଯ୍ୟ ହେଉଛି ପ୍ରୟାସକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୀବନ୍ତ ରଖିବାର ଶକ୍ତି।

ପ୍ରକୃତି ଆମକୁ ଧୈର୍ଯ୍ୟର ଅନେକ ଶିକ୍ଷା ଦିଏ। ଏକ ଛୋଟ ବୀଜ ମାଟି ତଳେ ପୋତାଯାଇ ତୁରନ୍ତ ବୃକ୍ଷ ହୋଇଯାଏ ନାହିଁ। ତାହାକୁ ମାଟି ଭିତରେ ଅନେକ ସମୟ ରହିବାକୁ ପଡ଼େ। ପାଣି, ଆଲୋକ ଓ ପୋଷଣ ପାଇବା ପରେ ଧୀରେ ଧୀରେ ଏହା ଅଙ୍କୁରିତ ହୁଏ, ଚାରା ହୁଏ ଓ ଦିନେ ଏକ ବିଶାଳ ବୃକ୍ଷରେ ପରିଣତ ହୁଏ। ମଣିଷର ସଫଳତା ମଧ୍ୟ ଏହିପରି। ଛୋଟ ଚେଷ୍ଟା ଦିନକୁ ଦିନ ସଂଚିତ ହୋଇ ଏକ ବଡ଼ ସଫଳତାର ରୂପ ନିଏ। ଆମେ ଫଳକୁ ଦେଖୁ, କିନ୍ତୁ ସେହି ଫଳ ପଛରେ ଥିବା ଦୀର୍ଘ ଅପେକ୍ଷା ଓ ନିରନ୍ତର ପରିଶ୍ରମକୁ ଅନେକ ସମୟରେ ଦେଖୁନାହୁଁ।

ଛାତ୍ରଜୀବନରେ ଧୈର୍ଯ୍ୟର ମହତ୍ତ୍ୱ ଅତ୍ୟଧିକ। ପରୀକ୍ଷାରେ ଭଲ ଫଳ ପାଇବା ପାଇଁ ଗୋଟିଏ ଦିନ ପଢ଼ିଲେ ହେବ ନାହିଁ। ନିୟମିତ ଅଧ୍ୟୟନ, ପୁନରାବୃତ୍ତି, ଅଭ୍ୟାସ ଓ ସମୟର ସଠିକ ବ୍ୟବହାର ଆବଶ୍ୟକ। କେତେବେଳେ ଜଣେ ଛାତ୍ର ଅନେକ ପରିଶ୍ରମ କରିବା ସତ୍ତ୍ୱେ ଆଶାନୁରୂପ ଫଳ ପାଇନଥାଏ। ସେହି ସମୟରେ ନିରାଶ ହୋଇ ପଢ଼ା ଛାଡ଼ିଦେବା ସମାଧାନ ନୁହେଁ। ନିଜ ଦୁର୍ବଳତାକୁ ଚିହ୍ନଟ କରି ଅଧିକ ଅଭ୍ୟାସ କରିବା ହେଉଛି ସଠିକ ପଥ। ଯିଏ ବିଫଳତା ପରେ ମଧ୍ୟ ଚେଷ୍ଟା ଜାରି ରଖେ, ତାହାର ସଫଳତା ଦିନେ ନିଶ୍ଚିତ ଭାବେ ଆସିଥାଏ।

ବିଫଳତା ଧୈର୍ଯ୍ୟର ସବୁଠାରୁ ବଡ଼ ପରୀକ୍ଷା। ସଫଳତା ସମୟରେ ଧୈର୍ଯ୍ୟ ରଖିବା ସହଜ, କିନ୍ତୁ ବିଫଳତା ସମୟରେ ନିଜକୁ ସ୍ଥିର ରଖିବା କଷ୍ଟକର। ଜୀବନରେ ବିଫଳତା ଆସିବା ଅସ୍ୱାଭାବିକ ନୁହେଁ। ପ୍ରତ୍ୟେକ ବିଫଳତା ଆମକୁ ଏକ ନୂଆ ଶିକ୍ଷା ଦିଏ। ଯେଉଁ ବିଫଳତାକୁ ଆମେ ଶେଷ ବୋଲି ଭାବୁଛୁ, ସେହି ବିଫଳତା ଅନେକ ସମୟରେ ଆଗାମୀ ସଫଳତାର ପ୍ରଥମ ପାଇଦାନ ହୋଇଥାଏ। ତେଣୁ ବିଫଳତାକୁ ଭୟ କରିବା ନୁହେଁ, ବିଫଳତାରୁ ଶିଖିବା ଆବଶ୍ୟକ।

ଇତିହାସରେ ଅନେକ ସଫଳ ବ୍ୟକ୍ତିଙ୍କ ଜୀବନ ଧୈର୍ଯ୍ୟର ଅଦ୍ଭୁତ ଉଦାହରଣ। ବୈଜ୍ଞାନିକ, ଶିଳ୍ପୀ, ଲେଖକ, କ୍ରୀଡ଼ାବିତ, ସମାଜସେବୀ ଓ ରାଜନୈତିକ ନେତାଙ୍କ ଜୀବନରେ ବହୁ ବିଫଳତା ଆସିଛି। କିନ୍ତୁ ସେମାନେ ନିଜ ଲକ୍ଷ୍ୟକୁ ଛାଡ଼ିନାହାନ୍ତି। ଅନେକ ଆବିଷ୍କାର ପଛରେ ଦୀର୍ଘ ପରୀକ୍ଷା ଓ ବିଫଳତା ରହିଛି। ଅନେକ ମହାନ ଲେଖକଙ୍କ ପ୍ରଥମ ରଚନା ପ୍ରତ୍ୟାଖ୍ୟାନ ହୋଇଛି। ଅନେକ କ୍ରୀଡ଼ାବିତ ପ୍ରଥମେ ପରାଜୟର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଧୈର୍ଯ୍ୟ ସେମାନଙ୍କୁ ପୁଣି ଉଠିବାର ଶକ୍ତି ଦେଇଛି।

ଧୈର୍ଯ୍ୟ ସହିତ ଆତ୍ମବିଶ୍ୱାସର ଗଭୀର ସମ୍ପର୍କ ରହିଛି। ଯିଏ ନିଜ ଉପରେ ବିଶ୍ୱାସ କରେ, ସେ ବିପରୀତ ପରିସ୍ଥିତିରେ ମଧ୍ୟ ଆଗକୁ ବଢ଼ିପାରେ। ଆତ୍ମବିଶ୍ୱାସ ନଥିଲେ ଛୋଟ ବାଧା ମଧ୍ୟ ବଡ଼ ପର୍ବତ ପରି ଲାଗେ। କିନ୍ତୁ ଆତ୍ମବିଶ୍ୱାସୀ ବ୍ୟକ୍ତି ବାଧାକୁ ଏକ ସୁଯୋଗ ଭାବେ ଗ୍ରହଣ କରେ। ଧୈର୍ଯ୍ୟ ତାକୁ ସମୟ ଦିଏ ଏବଂ ଆତ୍ମବିଶ୍ୱାସ ତାକୁ ଆଗକୁ ବଢ଼ିବାର ସାହସ ଦିଏ।

ଆଜିର ଦ୍ରୁତ ଜୀବନରେ ଧୈର୍ଯ୍ୟର ଅଭାବ ଏକ ବଡ଼ ସମସ୍ୟା। ଆମେ ସବୁକିଛି ତୁରନ୍ତ ଚାହୁଁଛୁ। ତୁରନ୍ତ ସଫଳତା, ତୁରନ୍ତ ପରିଚୟ, ତୁରନ୍ତ ଧନ ଓ ତୁରନ୍ତ ଫଳ ଆମର ଆଶା ହୋଇଯାଇଛି। କିନ୍ତୁ ପ୍ରକୃତ ସଫଳତାର କୌଣସି ତୁରନ୍ତ ପଥ ନାହିଁ। ସାମୟିକ ସଫଳତା ଓ ସ୍ଥାୟୀ ସଫଳତା ମଧ୍ୟରେ ବହୁତ ତଫାତ ରହିଛି। ସ୍ଥାୟୀ ସଫଳତା ପାଇଁ ସମୟ, ଅଭିଜ୍ଞତା, ଶୃଙ୍ଖଳା ଓ ଧୈର୍ଯ୍ୟ ଆବଶ୍ୟକ

ଧୈର୍ଯ୍ୟ ଆମକୁ ସମସ୍ୟା ସମାଧାନ କରିବାର ଶକ୍ତି ମଧ୍ୟ ଦିଏ। କୌଣସି ସମସ୍ୟା ଆସିଲେ ତୁରନ୍ତ ଭାବପ୍ରବଣ ନିଷ୍ପତ୍ତି ନେବା ଅନେକ ସମୟରେ କ୍ଷତିକାରକ ହୋଇପାରେ। କିଛି ସମୟ ଶାନ୍ତ ରହି ପରିସ୍ଥିତିକୁ ବୁଝିବା, ବିଭିନ୍ନ ବିକଳ୍ପ ଭାବିବା ଓ ତାପରେ ନିଷ୍ପତ୍ତି ନେବା ହେଉଛି ଧୈର୍ଯ୍ୟର ପରିଚୟ। ଧୈର୍ଯ୍ୟଶୀଳ ବ୍ୟକ୍ତି ସମସ୍ୟାରେ ଭାଙ୍ଗି ପଡ଼େ ନାହିଁ, ବରଂ ସମସ୍ୟାରୁ ସମାଧାନର ପଥ ଖୋଜେ।

ପେଶାଜୀବନରେ ମଧ୍ୟ ଧୈର୍ଯ୍ୟର ଆବଶ୍ୟକତା ଅଧିକ। ଚାକିରି କିମ୍ବା ବ୍ୟବସାୟରେ ଆରମ୍ଭରୁ ସବୁକିଛି ସଫଳ ହୁଏ ନାହିଁ। କେବେ ପଦୋନ୍ନତି ବିଳମ୍ବ ହୁଏ, କେବେ ଆଶାନୁରୂପ ସୁଯୋଗ ମିଳେ ନାହିଁ, କେବେ ନିଜ ପରିଶ୍ରମର ଯଥୋଚିତ ସ୍ୱୀକୃତି ମିଳେ ନାହିଁ। ଏପରି ସମୟରେ ହତାଶ ହୋଇ ନିଜ ଦକ୍ଷତା ଉପରେ ସନ୍ଦେହ କରିବା ଉଚିତ ନୁହେଁ। ନିଜ କାର୍ଯ୍ୟର ଗୁଣବତ୍ତା ବଢ଼ାଇବା, ନୂଆ କୌଶଳ ଶିଖିବା ଓ ସୁଯୋଗ ପାଇଁ ଅପେକ୍ଷା କରିବା ଆବଶ୍ୟକ। ସମୟ ସବୁବେଳେ ଏକାପରି ରହେ ନାହିଁ।

ଧୈର୍ଯ୍ୟର ଅର୍ଥ ଅନ୍ୟାୟକୁ ସହିବା ନୁହେଁ। ଏହା ମଧ୍ୟ ବୁଝିବା ଦରକାର। ଯେଉଁଠାରେ ଅନ୍ୟାୟ ହେଉଛି, ସେଠାରେ ନ୍ୟାୟ ପାଇଁ ସ୍ୱର ଉଠାଇବା ଆବଶ୍ୟକ। ଧୈର୍ଯ୍ୟ ଆମକୁ ଭାବପ୍ରବଣ ପ୍ରତିକ୍ରିୟାରୁ ଦୂରେଇ ଯୁକ୍ତିସଙ୍ଗତ ଓ ସଠିକ ପଦକ୍ଷେପ ନେବାର ଶକ୍ତି ଦିଏ। ଅର୍ଥାତ୍ ଧୈର୍ଯ୍ୟ ଦୁର୍ବଳତା ନୁହେଁ, ଏହା ଏକ ମାନସିକ ଶକ୍ତି।

ଜୀବନରେ ସଫଳତା ପାଇବା ପାଇଁ ଲକ୍ଷ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ଲକ୍ଷ୍ୟ ନଥିଲେ ଧୈର୍ଯ୍ୟ ମଧ୍ୟ ଦିଗହୀନ ହୋଇଯାଏ। ତେଣୁ ପ୍ରଥମେ ନିଜ ଲକ୍ଷ୍ୟ ନିର୍ଦ୍ଧାରଣ କରିବା, ତାହା ପାଇଁ ଯୋଜନା କରିବା, ଛୋଟ ଛୋଟ ପଦକ୍ଷେପ ନେବା ଏବଂ ପ୍ରତିଦିନ ନିଜ ପ୍ରଗତିକୁ ମୂଲ୍ୟାୟନ କରିବା ଆବଶ୍ୟକ। ଛୋଟ ସଫଳତାକୁ ଉତ୍ସବ କରିବା ଓ ଛୋଟ ବିଫଳତାରୁ ଶିଖିବା ଦ୍ୱାରା ଦୀର୍ଘ ଯାତ୍ରା ସହଜ ହୋଇଥାଏ।

ଶେଷରେ କୁହାଯାଇପାରେ, ସଫଳତା ଏକ ଦୌଡ଼ ନୁହେଁ, ଏହା ଏକ ଯାତ୍ରା। ଏହି ଯାତ୍ରାରେ କେବେ ଆମେ ଆଗକୁ ବଢ଼ିବା, କେବେ ପଛକୁ ଫେରିବା, କେବେ ରାସ୍ତା ହରାଇବା ଓ ପୁଣି ନୂଆ ରାସ୍ତା ଖୋଜିବା। କିନ୍ତୁ ଯିଏ ନିଜ ଲକ୍ଷ୍ୟକୁ ଭୁଲେ ନାହିଁ ଏବଂ ବିପରୀତ ପରିସ୍ଥିତିରେ ମଧ୍ୟ ନିଜ ପ୍ରୟାସ ଜାରି ରଖେ, ତାହାର ପାଇଁ ସଫଳତା ଦିନେ ନିଶ୍ଚିତ ହୋଇଥାଏ। ଧୈର୍ଯ୍ୟ ଆମକୁ ଅପେକ୍ଷା କରିବା ଶିଖାଏ, ପରିଶ୍ରମ ଆମକୁ ଆଗକୁ ନେଇଯାଏ, ଆତ୍ମବିଶ୍ୱାସ ଆମକୁ ଶକ୍ତି ଦିଏ ଏବଂ ବିଫଳତା ଆମକୁ ଶିଖାଏ। ଏହି ଚାରିଟି ଶକ୍ତି ଏକାଠି ହେଲେ ସଫଳତାର ଦ୍ୱାର ଖୋଲିଯାଏ।

ଜୀବନର ପ୍ରତ୍ୟେକ ଅନ୍ଧକାର ପରେ ଆଲୋକ ଆସେ, ପ୍ରତ୍ୟେକ ରାତି ପରେ ସକାଳ ଆସେ ଏବଂ ପ୍ରତ୍ୟେକ ପ୍ରୟାସର ଦିନେ ନା ଦିନେ ଫଳ ମିଳେ। ତେଣୁ ବିଫଳତା ଆସିଲେ ଭାଙ୍ଗି ପଡ଼ିବା ନୁହେଁ, ସମୟ ଲାଗିଲେ ହତାଶ ହେବା ନୁହେଁ ଏବଂ ଅନ୍ୟମାନଙ୍କ ସଫଳତା ଦେଖି ନିଜ ଯାତ୍ରାକୁ ଛୋଟ ଭାବିବା ନୁହେଁ। ପ୍ରତ୍ୟେକ ମଣିଷର ସଫଳତାର ସମୟ ଅଲଗା। ଆମର କାମ ହେଉଛି ନିଜ ଯାତ୍ରାକୁ ସତ୍ୟନିଷ୍ଠା, ପରିଶ୍ରମ ଓ ଧୈର୍ଯ୍ୟ ସହିତ ଜାରି ରଖିବା। କାରଣ ଧୈର୍ଯ୍ୟ ଯେଉଁଠାରେ ଥାଏ, ସେଠାରେ ଆଶା ଜୀବନ୍ତ ରହେଁ ଆଶା ଯେଉଁଠାରେ ଥାଏ, ସେଠାରେ ପ୍ରୟାସ ଜାରି ରହେଁ ଏବଂ ଯେଉଁଠାରେ ନିରନ୍ତର ପ୍ରୟାସ ରହେ, ସେଠାରେ ସଫଳତା ଦିନେ ନା ଦିନେ ନିଶ୍ଚିତ ଭାବେ ଆସିଥାଏ।

# ନାରୀ ସଶକ୍ତି




ଡଃ ସଫଳାଦାସ
ବାଦାମବାଡ଼ି , ପ୍ରଶାନ୍ତି ଶିକ୍ଷାଶ୍ରମ
୮୯୧୭୪୬୫୩୬୭


ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ। ନାରୀ, ପରିବାର 'ହୃଦୟ' ସମାଜର ନିର୍ମାତା ପ୍ରଥମ ଗୁରୁ। ନାରୀ ସଶକ୍ତି କରଣର ମୂଳଲକ୍ଷ୍ୟ ସତ୍ୟ,ଧର୍ମ, ଶାନ୍ତି, ପ୍ରେମ, ଅହିଂସା।

ନାରୀ ସଶକ୍ତି କରଣ ଆମେ ଯେତେବେଳେ Empouevment କହୁଛେ ସେତେବେଳେ କେବଳ ଟଙ୍କା କିମ୍ବା ପଦ ପଦବୀକୁ ବୁଝାଏ ନାହିଁ। ପ୍ରକୃତ ରେ ନାରୀ ସଶକ୍ତି କରଣ ହେଉଛି ନିଜର ମୂଲ୍ୟ ବୁଝିବା। ଶିକ୍ଷିତ ହେବା, ନିଜ ନିଷ୍ପତି ନେବାର କ୍ଷମତା, ଆର୍ଥିକ ଭାବରେ ସାବଲମ୍ବୀ ହେବା, ନିଜର ଅଧିକାର, କର୍ତ୍ତବ୍ୟ କୁ ଜାଣିବା, ଆତ୍ମ ବିଶ୍ୱାସୀ ହେବା। ନିଜର ନୈତିକତା ଓ ଆଧାତ୍ମିକତା କୁ ବୁଝିବା।

ନାରୀ ଶିକ୍ଷା ର ଅର୍ଥ ନୁହେଁ କେବଳ ଡିଗ୍ରୀ ନୁହେଁ। ଜ୍ଞାନ ସହିତ ଆତ୍ମ ବିଶ୍ୱାସ ଓ ମାନବୀୟ ମୂଲବୋଧର ବିକାଶ କୁ ବୁଝାଏ। ପିଲାଟିଏ ଜନ୍ମ ହେଲାପରେ ପ୍ରଥମେ ମାଆକୁ ଦେଖେ ମାଆକୁ ଚିହ୍ନେ ଭାଷା ଶୁଣେ ମାଆର ଆଚରଣକୁ ଦେଖେ। ତେଣୁ ଜଣେ ଶିକ୍ଷିତ, ସଂସ୍କାର ବାନ ମାଆ ଏକ ପରିବାର ନୁହେଁ ଏକ ପିଢ଼ି କୁ ଗଢିପାରେ। ଜଣେ ନାରୀ ଶିକ୍ଷତ ହେଲେ କେବଳ ପରିବାର ରେ ପଡେନି ତାହା ସମାଜ ରେ ମଧ୍ୟ ପଡେ।

ନାରୀର ସବୁଠାରୁ ବଡ ଶକ୍ତି ପ୍ରେମ, ଧୈର୍ଯ୍ୟ, ଦୟା, କରୁଣ ସହନଶୀଳତା। ନାରୀଟିଏ ଯେତେବେଳେ ପ୍ରେମ ଓ ସେବାର ପରିବେଶ ସୃଷ୍ଟିକରେ ନିଜେ ଶକ୍ତି ଶାଳୀ ହେଇଯାଏ। ଶିକ୍ଷା ହେଉଛି ସଶକ୍ତି କରଣର ପ୍ରଥମ ପାହାଚ. ।ଝିଅ ଟି ଶିକ୍ଷିତ ହେଲା ପରେ ନିଜ ଜୀବନର ଲକ୍ଷ୍ୟ ଧାରଣ କରିପାରେ। ନିଜ ପରିବାର କୁ ଭଲ ଭାବରେ ଗଢିପାରେ।

ନାରୀ ସାବଲମ୍ବୀ ଦ୍ୱାରା ନିଜ କ୍ଷମତା ଅନୁସାରେ ଶିକ୍ଷା, ବ୍ୟବସାୟ, କୃଷି ଚାକିରୀ କଳା ବି ଜ୍ଞାନ ପ୍ରଯୁଜ୍ୟ କ୍ଷେତ୍ର ରେ ଆଗକୁ ବଢିବା। ଖାଲି ଅର୍ଥ ଦ୍ୱାରା ସଶକ୍ତି କରଣ ସମ୍ପୂର୍ଣ ହୁଏ ନାହିଁ। ନାରୀ ସଶକ୍ତି କରଣରେ ପରିବାର ସମାଜର ଭୂମିକା ଗୁରୁତ୍ୱ ପୂର୍ଣ୍ଣ। ନାରୀକୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇ ଦେବା ଶକ୍ତି, ସାହସ ମନରେ ଭରିଦେବା ନାରୀ ନିଶ୍ଚିତ ଭାବରେ ସେହ୍ନ ପ୍ରେମ ବ ନ୍ଧନରେ ପରିବାର କୁ ବାନ୍ଧି ବା ସହ ସମାଜ, ଦେଶ ରାଷ୍ଟ୍ର ରେ ପ୍ରେମର ଗୁଚ୍ଛ ରୋପଣ କରି ପାରେ।

# ମଣିଷ ବଡ଼ ନା ମୋବାଇଲ୍ ବଡ଼ ?




**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**
**ବିଡାନାସୀ, କଟକ, ଓଡ଼ିଶା**
**୭୦୦୮୪୭୮୯୮୬**


ଆଜିର ସମୟରେ ମଣିଷର ହାତରେ ଥିବା ମୋବାଇଲ୍ଟି କେବଳ ଏକ ଯନ୍ତ୍ର ନୁହେଁଁ ଏହା ଯେପରି ଆମ ଜୀବନର ଏକ ଅଦୃଶ୍ୟ ସାଥୀ। ସକାଳୁ ଆଖି ଖୋଲିବାଠାରୁ ରାତିରେ ଆଖି ବନ୍ଦ କରିବା ପର୍ଯ୍ୟନ୍ତ ମୋବାଇଲ୍ ଆମ ସହିତ ରହୁଛି। ଖବରଠାରୁ ଶିକ୍ଷା, ବ୍ୟବସାୟଠାରୁ ମନୋରଞ୍ଜନସବୁକିଛି ଆଜି ଆମ ହାତ ପାହାନ୍ତିରେ। କିନ୍ତୁ ଏହି ସୁବିଧାର ଭିଡ଼ ଭିତରେ ଏକ ଗୁରୁତର ପ୍ରଶ୍ନ ଧୀରେ ଧୀରେ ମୁଣ୍ଡ ଟେକୁଛିଆମେ କି ମୋବାଇଲ୍‌କୁ ବ୍ୟବହାର କରୁଛୁ, ନା ମୋବାଇଲ୍ ଆମକୁ ବ୍ୟବହାର କରୁଛି ?

କେବେ ମୋବାଇଲ୍ ଥିଲା ଆବଶ୍ୟକତା, ଆଜି ଏହା ଅଭ୍ୟାସ। କେବେ ଏହା ଦୂରର ମଣିଷକୁ ନିକଟ କରୁଥିଲା, ଆଜି ଅନେକ ସମୟରେ ପାଖରେ ବସିଥିବା ମଣିଷକୁ ଦୂରେଇ ଦେଉଛି। ଗୋଟିଏ ଘରେ ଚାରିଜଣ ଲୋକ ଥାଇପାରନ୍ତି, କିନ୍ତୁ ଚାରିଜଣଙ୍କ ଦୃଷ୍ଟି ଚାରିଟି ସ୍କ୍ରିନ୍‌ରେ। ମୁହଁ ମୁହଁରେ କଥାବାର୍ତ୍ତା କମିଯାଉଛି, କିନ୍ତୁ ଚାଟ୍‌ରେ କଥା ବଢୁଛି। ହସ ଘରେ ନୁହେଁ, ଇମୋଜିରେ ଦେଖାଯାଉଛି।

ସମ୍ପର୍କର ଏହି ନୂଆ ରୂପ ମଧ୍ୟ ଚିନ୍ତାର ବିଷୟ। ସୋସିଆଲ୍ ମିଡିଆ ମଣିଷକୁ ମଣିଷ ସହିତ ଯୋଡ଼ିଛି, କିନ୍ତୁ ସେହି ସମ୍ପର୍କର ଗଭୀରତା ସବୁବେଳେ ସତ୍ୟ ନୁହେଁ। ଗୋଟିଏ ଫଟୋ, ଦୁଇଟି ମିଠା କଥା ଏବଂ ନିୟମିତ ଚାଟ୍‌ରୁ ଅନେକେ ସମ୍ପର୍କକୁ ଜୀବନର ସତ୍ୟ ବୋଲି ଭାବିନେଉଛନ୍ତି। କିନ୍ତୁ ଡିଜିଟାଲ୍ ପରିଚୟ ଓ ବାସ୍ତବ ଚରିତ୍ର ମଧ୍ୟରେ ଆକାଶପାତାଳ ତଫାତ ଥାଇପାରେ। ତେଣୁ ଭରସା କରିବା ପୂର୍ବରୁ ବିଚାର କରିବା ଆବଶ୍ୟକ।

ଆଜିର ଯୁବପିଢ଼ି ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛିତୁଳନାର ମାନସିକତା। ସୋସିଆଲ୍ ମିଡିଆରେ ଅନ୍ୟମାନଙ୍କ ଭଲ ମୁହୂର୍ତ୍ତ ଦେଖି ଆମେ ନିଜ ଜୀବନକୁ ଛୋଟ ଭାବିବା ଆରମ୍ଭ କରୁଛୁ। କାହାର ନୂଆ ଗାଡ଼ି, କାହାର ବିଦେଶ ଯାତ୍ରା, କାହାର ସଫଳତା, କାହାର ଆଡ଼ମ୍ବରପୂର୍ଣ୍ଣ ଜୀବନଏସବୁ ଦେଖି ଆମେ ଭୁଲିଯାଉଛୁ ଯେ ସୋସିଆଲ୍ ମିଡିଆରେ ଦେଖାଯାଉଥିବା ଜୀବନ ସମ୍ପୂର୍ଣ୍ଣ ଜୀବନ ନୁହେଁ।

ସ୍କ୍ରିନ୍‌ରେ ହସୁଥିବା ପ୍ରତ୍ୟେକ ମୁହଁ ଖୁସି ନୁହେଁ।

ଏହି ସରଳ ସତ୍ୟଟି ଆମେ ଭୁଲିଯାଉଛୁ।

ମୋବାଇଲ୍‌ର ଅତ୍ୟଧିକ ବ୍ୟବହାର ଆମ ପରିବାରିକ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି। ପୂର୍ବରୁ ଖାଇବା ଟେବୁଲ୍‌ରେ ପରିବାରର ସମସ୍ତେ ଦିନର ଘଟଣା ଆଲୋଚନା କରୁଥିଲେ। ଆଜି ଅନେକ ଘରେ ଖାଇବା ଟେବୁଲ୍‌ରେ ମଧ୍ୟ ମୋବାଇଲ୍ ରହୁଛି। ମାଆ ପଚାରୁଛନ୍ତି, ''ଖାଇଲୁ କି ?'' ପୁଅ କିମ୍ବା ଝିଅର ଉତ୍ତର ଆସୁଛି''ହଁ।'' କିନ୍ତୁ ତାଙ୍କ ଆଖି ସ୍କ୍ରିନ୍‌ରୁ ଉଠୁନାହିଁ। ଏହା କେବଳ ଏକ ଦୃଶ୍ୟ ନୁହେଁଁ ଏହା ବଦଳୁଥିବା ପରିବାରିକ ସମ୍ପର୍କର ଚିତ୍ର।

ତଥାପି ମୋବାଇଲ୍‌କୁ ଦୋଷ ଦେଇ ସବୁ ସମସ୍ୟାର ସମାଧାନ ହେବ ନାହିଁ। ମୋବାଇଲ୍ ନିଜେ ଭଲ କିମ୍ବା ଖରାପ ନୁହେଁ। ଆମେ ଏହାକୁ କିପରି ବ୍ୟବହାର କରୁଛୁ, ସେଥିରେ ଏହାର ଭଲମନ୍ଦ ନିର୍ଭର କରେ। ଜଣେ ଛାତ୍ର ମୋବାଇଲ୍‌ରେ ଅନଲାଇନ୍ ଶିକ୍ଷା ନେଇପାରେ, ନୂଆ ଜ୍ଞାନ ହାସଲ କରିପାରେ। ଜଣେ ଯୁବକ ନିଜ ବ୍ୟବସାୟକୁ ଡିଜିଟାଲ୍ ମାଧ୍ୟମରେ ବଢ଼ାଇପାରେ। ଜଣେ ଲେଖକ ନିଜ ଚିନ୍ତାକୁ ହଜାର ହଜାର ଲୋକଙ୍କ ପାଖରେ ପହଞ୍ଚାଇପାରେ।

ତେଣୁ ଆବଶ୍ୟକ ହେଉଛି ଡିଜିଟାଲ୍ ଶୃଙ୍ଖଳା। ଦିନର କିଛି ସମୟ ମୋବାଇଲ୍‌ଠାରୁ ଦୂରେ ରହିବା, ପରିବାର ସହିତ ସାକ୍ଷାତ୍ କଥା ହେବା, ପୁସ୍ତକ ପଢ଼ିବା, ପ୍ରକୃତି ସହିତ ସମୟ ବିତାଇବାଏସବୁ ଆମ ଜୀବନରେ ପୁଣି ଫେରିବା ଦରକାର। ଶିଶୁମାନଙ୍କୁ କେବଳ ମୋବାଇଲ୍ ଦେଇ ଚୁପ୍ କରାଇବା ନୁହେଁଁ ସେମାନଙ୍କ ସହିତ ସମୟ ବିତାଇବା ଦରକାର। ଯୁବପିଢ଼ିକୁ କେବଳ ''ମୋବାଇଲ୍ ଛାଡ଼'' ବୋଲି କହିଲେ ହେବନାହିଁଁ ତାଙ୍କୁ ଜୀବନର ଅନ୍ୟ ଆନନ୍ଦଗୁଡ଼ିକ ସହିତ ପରିଚିତ କରାଇବାକୁ ପଡ଼ିବ। ଆମେ ଏମିତି ଏକ ସମାଜ ଗଢ଼ିବା ଦରକାର, ଯେଉଁଠି ଲାଇକ୍ ଠାରୁ ଭଲପାଇବା ବଡ଼, ଫଲୋଅର୍‌ଠାରୁ ସମ୍ପର୍କ ବଡ଼ ଏବଂ ଭର୍ଚୁଆଲ୍ ଲୋକପ୍ରିୟତାଠାରୁ ବାସ୍ତବ ଚରିତ୍ର ବଡ଼।

ମଣିଷର ମୂଲ୍ୟ ତାଙ୍କ ମୋବାଇଲ୍‌ର ଦାମରେ ନୁହେଁ, ତାଙ୍କ ଚରିତ୍ରରେ। ତାଙ୍କର ମହତ୍ତ୍ୱ ଫଲୋଅର୍ ସଂଖ୍ୟାରେ ନୁହେଁ, ସେ କେତେ ଜୀବନକୁ ଭଲ କରିପାରିଲେ ସେଥିରେ। ଆଜି ଆମକୁ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବାକୁ ପଡ଼ିବମୋବାଇଲ୍ ମୋ ଜୀବନକୁ ସହଜ କରୁଛି, ନା ମୋ ଜୀବନକୁ ନିୟନ୍ତ୍ରଣ କରୁଛି ? ଉତ୍ତର ଯଦି ଆମେ ସଚେତନ ଭାବେ ଖୋଜିପାରିବା, ତେବେ ପ୍ରଯୁକ୍ତି ଆମର ଦାସ ହେବ ନାହିଁଁ ବରଂ ଆମର ସହଯୋଗୀ ହେବ। ମନେ ରଖିବାମୋବାଇଲ୍ ଆମ ହାତରେ ରହିବା ଦରକାର, ଆମ ଜୀବନ ମୋବାଇଲ୍‌ର ହାତରେ ନୁହେଁ।

# ଗିରଫଦାରୀରେ ଅଧିକାରର ହନନ ନ ହେଉ




**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
୯୪୩୮୪୮୫୦୯୪


ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସୁପ୍ରମ୍‌କୋର୍ଟ ଏକସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ମାନ୍ୟବର କୋର୍ଟ ପୋଲିସପ୍ରଶାସନକୁ ଏ ପ୍ରସଙ୍ଗରେ ମଧ୍ୟ ଚେତାଇ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱଳଭୁୟାଂ ଏବଂ ବିଚାରପତି ଅତୁଲ ଏସ୍ ଚନ୍ଦରକର ଙ୍କ ପୀଠ ଜସକରଣ ଜିତ ସିଂହ ବନାମ ପଞ୍ଜାବ ରାଜ୍ୟ ସରକାର ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨(୧) ଅନୁସାରେ ଯଦି ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ଲିଖିତଭାବେ ଉପଲବ୍ଧ କରାଯାଏନାହିଁ ତେବେ ଏହି ଗିରଫଦାରୀ ଅବୈଧ ଏବଂ ଅଣସାମ୍ବିଧାନୀକ ଅଟେ। ଏପରିକି ଏଭଳି ନିର୍ଦ୍ଦେଶର ଉଲଂଘନ ଗିରଫ ହୋଇଥିବା ବ୍ୟକ୍ତିର ତୁରନ୍ତ ଖଲାସହେବାର କାରଣ ହୋଇଥାଏ। ଏହାର ସିଧାସଳଖ ଅର୍ଥ ହେଉଛି ଅଭିଯୁକ୍ତ କୁ ଗିରଫ କରିବା ପୂର୍ବରୁ ପୋଲିସ ସଂପୃକ୍ତ ଅଭିଯୁକ୍ତ କୁ ଲିଖିତ ଭାବେ ଗିରଫ କରାଯିବାର କାରଣ ଉପଲବ୍ଧ କରାଇବେ। ଅନ୍ୟଥା ଏହା ଅଣ ସାମ୍ବିଧାନିକ ଅଟେ। ମାନ୍ୟବର କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଲିଖିତ ଭାବେ କାରଣ ଉପଲବ୍ଧ ନ କରାଇ ଗିରଫ କରାଗଲେ ଗିରଫ କରିଥିବା ପୋଲିସ ଅଧିକାରୀ ଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ମାନ୍ୟବର କୋର୍ଟଙ୍କ ପୀଠ ସମ୍ବିଧାନର ଅନୁଚ୍ଛେଦ୨୨(୨)ର କଥା ଉଲ୍ଲେଖ କରି କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିକୁ ୨୪ ଘଣ୍ଟା ମଧ୍ୟରେ ନିକଟତମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ସାମନରେ ହାଜର କରାଯିବା ଆବଶ୍ୟକ ଏବଂ ଏହା ଅଭିଯୁକ୍ତର ଅଧିକର ଅଟେ।

ଅନକେ ଏକଥା ଜାଣିନଥିବେ,ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ସମୟରେ ଭାରତୀୟ ସମ୍ବିଧାନର ସଂରକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଅନେକ ମାମଲାରେ ସାଧାରଣ ନାଗରିକଙ୍କର ମୂଳ ଅଧିକାର ର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟ ଶୁଣାଉଛନ୍ତି। ସେହିଭଳି ନିକଟରେ ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକଐତିହାସିକ ରାୟ ଶୁଣାଇଛନ୍ତି। ଜସକରଣ ଜିତ ସିଂହ ଙ୍କୁ ପସ୍କୋଆଇନ୍ ୨୦୧୨ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁସାରେ ଗିରଫ କରାଯାଇଥିଲା ।ଯତବଳେ ପୋଲିସ ଜସକରଣ ଜିତ ସିଂହଙ୍କୁ ମାଜିଷ୍ଟ୍ରେଟ ଙ୍କ ସମ୍ମୁଖରେ ହାଜର କରାଇଲେ ସେତବଳେ ମିହିର ଶାହା ବନାମ ମହାରାଷ୍ଟ୍ର ରାଜ୍ୟସରକାର (୨୦୨୫) ର ନିର୍ଣ୍ଣୟ ଅନୁସାରେ ମାଜିଷ୍ଟ୍ରେଟ ଜସକରଣ ଙ୍କ ଗିରଫ ଅବୈଧ କହି ତାଙ୍କୁ ତୁରନ୍ତ ଖଲାସ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାଜିଷ୍ଟ୍ରେଟ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଥିଲେ ଯେ ପୋଲିସ ଜସକରଣ ସିଂହଙ୍କୁ ଗିରଫ କଲାବଳେ ଲିଖିତ ଭାବେ ଗିରଫର କାରଣ ଦର୍ଶାଇ ନଥିଲେ। ଏହି ମାମଲାପୁଣି ପହଞ୍ଚିଥିଲା ପଞ୍ଜାବ-ହରିୟାଣା ହାଇକୋର୍ଟ ରେ। ପଞ୍ଜାବ-ହରିୟାଣା ହାଇକୋର୍ଟ ତଳ କୋର୍ଟଙ୍କ ଆଦେଶ ଉପରେ ପ୍ରତିବନ୍ଧ ଲଗାଇଦେଲେ, ଫଳରେ ଜସକରଣ ସିଂହ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ମାନ୍ୟବର ସୁପ୍ରିମକୋର୍ଟ ବା ଦେଶର ସର୍ବୋଚ୍ଚନ୍ୟାୟାଳୟ ମାମଲାର ବିଚାର କରି କହିଥିଲେ ଯେ ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ସରଳ ଭାଷାରେ ଲିଖିତ ଭାବେ ଦେବା ବାଧ୍ୟତାମୂଳକ। ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏହି ଅଧିକାରର ହନନକୁ ବରଦାସ୍ତ କରା ଯାଇପାରିବ ନାହିଁ।

ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନିଷ୍ପତ୍ତି ଅନୁସାରେ ଗିରଫ କରାନଯିବାର କାରଣ ନଜଣାଇବା କାରଣରୁ ଯଦି ଅଭିଯୁକ୍ତ ଖଲାସ ହୋଇଯାଏ ଏବଂ ତାହା ପରେ ଯଦି ତଦନ୍ତକରୀ ସଂସ୍ଥା ଅଭିଯୁକ୍ତଙ୍କୁ ହାଜତ କୁ ନେଇ ପଚରା ଉଚୁରା କରିବାରୁ ଚାହାଁନ୍ତି ତେବେ ଗିରଫ କରାଯିବାର ଆଧାର ଲିଖିତ ଭାବେ ଅଭିଯୁକ୍ତକୁ ଜଣାଇବାକୁ ପଡ଼ିବ। ଏହାପରେ ଅଭିଯୁକ୍ତ ଙ୍କୁ ହାଜତକୁ ନେବା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ଆବେଦନରେ ପୁନଃ ଗିରଫଦାରୀର ଆବଶ୍ୟକତା ଏବଂ ପୁର୍ବର ଗିରଫଦାରୀ ବେଳେ ଗିରଫ କରାଯିବାର ଆଧାର ନ ଜଣାଇବାର କାରଣ ମଧ୍ୟ ଦର୍ଶାଇବାକୁ ପଡ଼ିବ । ଏଭଳି ଆବେଦନ ପାଇଁ ପୋଲିସ ଅଧିକାରୀଙ୍କୁ ବରିଷ୍ଠ ଅଧିକାରୀଙ୍କ ଅନୁମାଦନ ମଧ୍ୟ ଆବଶ୍ୟକ ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଚ୍ଛେଦ ୨୨(୧) ରେ ସମସ୍ତଙ୍କୁ ଗିରଫଦାରୀ ସମ୍ବନ୍ଧିତ ମୌଳିକ ଅଧିକାର ଦେଇଛି। ଅନୁଚ୍ଛେଦ ୨୨(୧) ଅନୁସାରେ ଅଭିଯୁକ୍ତ ତାଙ୍କ ପସନ୍ଦର ଓକିଲଙ୍କ ସହ ପରାମର୍ଶ କରିପାରିବେ ଏବଂ ଆଇନଗତ ଭାବେ ତାଙ୍କର ପ୍ରତିନିଧି କରିପାରିବେ। ସରଳ ଶବ୍ଦରେ କହିବାକୁ ଗଲେ ଅନୁଚ୍ଛେଦ ୨୨(୧) ବେଆଇନ୍ ଭାବେ ଗିରଫ କରାଯିବା ବିରୁଦ୍ଧରେ ଏକ ଅସ୍ତ୍ର ଅଟେ, କିନ୍ତୁ କେତେକ ବିଶେଷ କାରଣରେ ଏହି ଅଧିକାର ଉପରେ ପ୍ରତିବନ୍ଧ ଲଗାଯାଇପାରେ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପୋଲିସ କୁ ଉତ୍ତରଦାୟୀ କରିବା ଏବଂ ନାଗରିକଙ୍କ ପାଇଁ ଆଇନ୍ ସୁରକ୍ଷାର ସନ୍ଦେଶ ଦେଇଛି। ଗିରଫଦାରୀର ଆଧାର ଜଣାଇବା, ଠିକ୍ ସମୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ଏବଂ ଆଇନ୍‌ଗତ ସହାୟତାର ସୁଯୋଗଦେବା ନ୍ୟାୟପୂର୍ଣ୍ଣ ପ୍ରକ୍ରିୟା ପାଇଁ ଜରୁରୀ। ଆଇନ୍ର ପାଳନ ଉଭୟ ପକ୍ଷଙ୍କ ପାଇଁ ସମାନ ରୂପରେ ମଧ୍ୟ ଜରୁରୀ। ପୋଲିସର ଗିରଫଦାରୀ ବ୍ୟକ୍ତିର ସ୍ୱତନ୍ତ୍ରତାକୁ ସିଧାସଳଖ ପ୍ରଭାବିତ କରିଥାଏ। ଏଣୁ ଆଇନରେ ଏଥିପାଇଁ ସ୍ପଷ୍ଟ ସୁରକ୍ଷା ପ୍ରାବଧାନ ରହିଛି। ମାନ୍ୟବର କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି ଓ ଏପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହି ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ବାଧ୍ୟତାକୁ ରେଖାଙ୍କିତ କରିଛନ୍ତି ।ଏହି ନିର୍ଦ୍ଦେଶ ସାଧାରଣ ଲୋକଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମିଳିଥିବା ଅଧିକାର ଏବଂ ପୋଲିସର ଉତ୍ତରଦାୟୀତ୍ୱକୁ ବୁଝିବା ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।

# ମୋହନଙ୍କ ପରିଚୟ ତାଙ୍କର ନିଷ୍ପତି, ଲୋକସମ୍ପର୍କ






**ବିଜୟ ଶଙ୍କର ନାୟକ**
ଗୋକୁଳପୁର,
ଗୋବିନ୍ଦପୁର ସିଦ୍ଧଗିରି, କଟକ
ମୋ- ୭୦୭୭୧୯୧୧୧୭

### ● ମହାବିଦ୍ୟାଳୟ ନିର୍ବାଚନ: ଯୁବପିଢ଼ିର ଗଣତାନ୍ତ୍ରିକ ଅଧିକାରକୁ ନୂଆ ସୁଯୋଗ

ମୋହନ ମାଝୀ ସରକାରଙ୍କ ଆଲୋଚନାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବାର ନିଷ୍ପତି ଏକ ଉଲ୍ଲେଖନୀୟ ପ୍ରସଙ୍ଗ। ୨୦୨୬ ଅକ୍ଟୋବର ୧୫ରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଆଠ ବର୍ଷର ବିରତି ପରେ ଛାତ୍ରସଂସଦ ନିର୍ବାଚନ ହେବାକୁ ଘୋଷଣା କରାଯାଇଛି। ଏହି ନିଷ୍ପତି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଖବର ପ୍ରକାଶ ପାଇଛି। ନିର୍ବାଚନ ପ୍ରକ୍ରିୟାରେ ଖର୍ଚ୍ଚସୀମା ଓ ଶୃଙ୍ଖଳା ସମ୍ପର୍କିତ ନିୟମ ରହିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଏହି ଘୋଷଣା ଯୁବପିଢ଼ିଙ୍କ ଗଣତାନ୍ତ୍ରୀକ ଅଂଶଗ୍ରହଣ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ତଥାପି ଘୋଷଣା ଓ ନିର୍ବାଚନର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟରେ ପାର୍ଥକ୍ୟ ରହିଛି, ନିର୍ବାଚନ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ ହେବା ହିଁ ପରବର୍ତ୍ତୀ ପରୀକ୍ଷା। ଛାତ୍ରସଂସଦ ନିର୍ବାଚନର ଅର୍ଥ କେବଳ କିଛି ଛାତ୍ରଙ୍କୁ ପଦପଦବୀ ମିଳିବା ନୁହେଁ। ଏହା ଯୁବପିଢ଼ିକୁ ନିଜ ମତ ପ୍ରକାଶ କରିବା, ସମସ୍ୟା ଉଠାଇବା, ନେତୃତ୍ୱ ଗଢ଼ିବା, ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବା ଓ ଦାୟିତ୍ୱବୋଧ ଶିଖିବାର ସୁଯୋଗ ଦିଏ। ଯେଉଁ ଛାତ୍ର ଆଜି ନିଜ ମହାବିଦ୍ୟାଳୟରେ ପାଠାଗାରର ଅଭାବ, ପରୀକ୍ଷାରେ ଅନିୟମିତତା, ଛାତ୍ରାବାସର ସମସ୍ୟା, ଯାତାୟତର ଅସୁବିଧା କିମ୍ବା ଶିକ୍ଷକଙ୍କ ଅଭାବ ବିଷୟରେ ଯୁକ୍ତିସହ ନିଜର ମତ ରଖିବା ଶିଖେ, ସେ ଭବିଷ୍ୟତରେ ଏକ ଦାୟିତ୍ୱଶୀଳ ନାଗରିକ ହେବାର ଅଭ୍ୟାସ ଗଢ଼େ। ଗଣତନ୍ତ୍ର କେବଳ ନିର୍ବାଚନ ସମୟରେ ଭୋଟ ଦେବାରେ ସୀମିତ ନୁହେଁ, ଏହା ହେଉଛି ମତଭେଦକୁ ସମ୍ମାନ କରିବା, ଯୁକ୍ତି ଦେବା, ଅନ୍ୟର କଥା ଶୁଣିବା ଓ ନିୟମ ମାନିବାର ଅଭ୍ୟାସ। ଏହି ଅଭ୍ୟାସ ଶିକ୍ଷାନୁଷ୍ଠାନରୁ ଆରମ୍ଭ ହେଲେ ଭବିଷ୍ୟତର ସାମାଜିକ ଓ ରାଜନୈତିକ ଜୀବନ ଅଧିକ ସୁସ୍ଥ ହୋଇପାରିବ। ଏହି ଦୃଷ୍ଟିରୁ ଛାତ୍ରସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବାର ନିଷ୍ପତିର ଗୁରୁତ୍ୱ ରହିଛି। କିନ୍ତୁ ନିର୍ବାଚନର ନାମରେ ହିଂସା, ଧମକ, ଅନାବଶ୍ୟକ ଅର୍ଥବ୍ୟୟ କିମ୍ବା ଶିକ୍ଷାରେ ବାଧା ସୃଷ୍ଟି ହେଲେ ଏହାର ମୂଳ ଉଦ୍ଦେଶ୍ୟ ଦୁର୍ବଳ ହୋଇପଡିବ। ତେଣୁ ଛାତ୍ରସଂସଦ ନିର୍ବାଚନ ସହିତ ନିୟମର କଡା ପାଳନ, ଶାନ୍ତିପୂର୍ଣ୍ଣ ପ୍ରଚାର, ମହାବିଦ୍ୟାଳୟର ସ୍ୱାୟତତା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବାକୁ ପଡିବ। ସରକାରଙ୍କ ଏହି ପଦକ୍ଷେପର ପ୍ରକୃତ ସଫଳତା ନିର୍ଭର କରିବ ନିର୍ବାଚନ ପରେ ମଧ୍ୟ ଛାତ୍ରଙ୍କ ସ୍ୱର କେତେ ଶୁଣାଯାଉଛି ଏବଂ ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନରେ ଛାତ୍ର ପ୍ରତିନିଧିମାନେ କେତେ ଗଠନମୂଳକ ଭୂମିକା ନେଉଛନ୍ତି, ତାହା ଉପରେ।

### ● ଅଭିଯୋଗ ଶୁଣୁଥିବା ମୁଖ୍ୟମନ୍ତ୍ରୀ: ଶାସନ ଲୋକଙ୍କ ଦୁଆରକୁ ଯାଉ

ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଯେକୌଣସି ସରକାରର ମୌଳିକ ଦାୟିତ୍ୱ। କିନ୍ତୁ ଏହି ଦାୟିତ୍ୱ ପାଳନରେ ମୁଖ୍ୟମନ୍ତ୍ରୀ ନିଜେ ଅଂଶଗ୍ରହଣ କଲେ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଲୋକଙ୍କୁ ସିଧାସଳଖ ଯୋଡିଲେ ଏବଂ ଅଭିଯୋଗର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ କଲେ, ତାହା ପ୍ରଶାସନକୁ ଅଧିକ ଉତରଦାୟୀ କରିବାର ସୁଯୋଗ ସୃଷ୍ଟି କରେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ମଂଚ ଭାବେ କାର୍ଯ୍ୟ କରୁଛି। ୨୦୨୬ ଜୁନ୍ ୧ରେ ଅନୁଷ୍ଠିତ ଅଷ୍ଟାଦଶ ପର୍ଯ୍ୟାୟ ଅଭିଯୋଗ ଶୁଣାଣୀ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ସୂଚନା ଅନୁସାରେ, ପୂର୍ବରୁ ହୋଇଥିବା ୧୭ଟି ପର୍ଯ୍ୟାୟରେ ମିଳିଥିବା ଅଭିଯୋଗ ମଧ୍ୟରୁ ୯୬ ପ୍ରତିଶତ ସମାଧାନ ହୋଇଥିବା ଦର୍ଶାଯାଇଥିଲା। ଜିଲ୍ଲାସ୍ତରରେ ଦୁଇ ବର୍ଷ ମଧ୍ୟରେ ୨.୪୦ ଲକ୍ଷ ଅଭିଯୋଗ ଶୁଣାଯାଇଥିବା ଏବଂ ସେଥିରୁ ୯୨ ପ୍ରତିଶତ ସମାଧାନ ହୋଇଥିବା ମଧ୍ୟ ସରକାରୀ ବିବରଣୀରେ ଉଲ୍ଲେଖ ରହିଛି। ଏହି ସଂଖ୍ୟାଗୁଡିକ ସରକାରଙ୍କ ପ୍ରକାଶିତ ତଥ୍ୟ, ଏହାର ପ୍ରକୃତ ପ୍ରଭାବ ବୁଝିବା ପାଇଁ ସମାଧାନର ଗୁଣବତା ଓ ଅଭିଯୋଗକାରୀଙ୍କ ସନ୍ତୋଷ ମଧ୍ୟ ମାପିବା ଆବ୍ୟାକ। ଏହି ବ୍ୟବସ୍ଥାର ମହତ୍ୱ ବୁଝିବା ପାଇଁ ଜଣେ ସାଧାରଣ ନାଗରିକଙ୍କ ଅସୁବିଧାକୁ ଚିନ୍ତା କରନ୍ତୁ। ଜଣେ ବୃଦ୍ଧ ନିଜର ଭତା ପାଇଁ ବାରମ୍ବାର କାର୍ଯ୍ୟାଳୟ ଯାଉଛନ୍ତି। ଜଣେ ଚାଷୀ ଜମିର କାଗଜପତ୍ର କିମ୍ବା କ୍ଷତିପୂରଣ ପାଇଁ ମାସ ମାସ ଅପେକ୍ଷା କରୁଛନ୍ତି। ଜଣେ ମାଆ ନିଜ ସନ୍ତାନର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଖୋଜୁଛନ୍ତି। ଜଣେ ଯୁବକ ନିଜର ପ୍ରମାଣପତ୍ର କିମ୍ବା ନିଯୁକ୍ତି ସମ୍ପର୍କିତ ସମସ୍ୟାର ସମାଧାନ ପାଇପାରୁନାହାନ୍ତି। ଏପରି ସ୍ଥିତିରେ ଅଭିଯୋଗ ଶୁଣାଣୀ ତାଙ୍କୁ ନିଜର ସମସ୍ୟା ସରକାରଙ୍କ ସମ୍ମୁଖରେ ରଖିବାର ଏକ ରାସ୍ତା ଦିଏ। କିନ୍ତୁ ସେହି ରାସ୍ତାଖୋଲା ରହିବା ସହିତ ସମାଧାନର ଦ୍ୱାର ମଧ୍ୟ ଖୋଲିବା ଦରକାର।

### ● ଶାସନର ଦୁଆର ରାଜଧାନୀରେ ନୁହେଁ, ଗାଁରେ ମଧ୍ୟ ଖୋଲା ରହୁ

ଓଡିଶାର ଭୌଗୋଳିକ ବିସ୍ତାର ଓ ଲୋକଙ୍କ ଆର୍ଥିକ ପରିସ୍ଥିତିକୁ ଦେଖିଲେ ଭୁବନେଶ୍ୱରରେ ଅଭିଯୋଗ ଶୁଣାଣୀ ହେବା ମାତ୍ରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ହୁଏ ନାହିଁ। ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ମୟୂରଭଞ୍ଜ କିମ୍ବା କେନ୍ଦୁଝରର ଦୂରଦୂରାନ୍ତ ଅଂଚଳରୁ ଜଣେ ଗରିବ ନାଗରିକଙ୍କ ପାଇଁ ରାଜଧାନୀକୁ ଆସିବାରେ ଯାତାୟତ ଖର୍ଚ୍ଚ, ଦୈନିକ ମଜୁରିର କ୍ଷତି, ରହିବାର ବ୍ୟବସ୍ଥା ଓ ପରିବାରର ଦାୟିତ୍ୱ ଭଳି ଅନେକ ସମସ୍ୟା ରହିଛି। ତେଣୁ ଜନଅଭିଯୋଗ ଶୁଣାଣିକୁ ଜିଲ୍ଲା ଓ ଅନ୍ୟ ପ୍ରଶାସନିକ ସ୍ତରକୁ ବିସ୍ତାର କରିବା ଲୋକାଭିମୁଖୀ ଶାସନର ଏକ ଆବଶ୍ୟକ ଦିଗ। ୨୦୨୬ ଜୁନରେ ମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣୀକୁ ବିସ୍ତାର କରିବା ନେଇ ଘୋଷଣା କରିଥିବା ସମ୍ବାଦ ପ୍ରକାଶ ପାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଦୂରଦୂରାନ୍ତର ଲୋକଙ୍କୁ ସରକାରୀ ସେବା ପାଇଁ ରାଜଧାନୀ ଯିବାର ଅସୁବିଧାରୁ ମୁକ୍ତ କରିବା। ଏପରି ବ୍ୟବସ୍ଥାର ସଫଳତା ନିର୍ଭର କରିବ ଜିଲ୍ଲା, ବ୍ଲକ୍ ଓ ତହସିଲସ୍ତରରେ ଅଧିକାରୀମାନେ କେତେ ଦାୟିତ୍ୱର ସହ କାମ କରୁଛନ୍ତି, ତାହା ଉପରେ। ଯଦି ପ୍ରତ୍ୟେକ ଅଭିଯୋଗ ପାଇଁ ନାଗରିକଙ୍କୁ ପୁଣି ଜିଲ୍ଲା କାର୍ଯ୍ୟାଳୟ, ତାପରେ ରାଜଧାନୀ ଓ ପୁନର୍ବାର ସ୍ଥାନୀୟ କାର୍ଯ୍ୟାଳୟକୁ ଯିବାକୁ ପଡେ, ତେବେ ବ୍ୟବସ୍ଥାର ଉଦ୍ଦେଶ୍ୟ ଅଧାରେ ରହିଯିବ।

### ● ଦୁର୍ନୀତି ବିରୋଧୀ ପଦକ୍ଷେପ : ଚଢ଼ାଉ ଠାରୁ ନ୍ୟାୟ ପର୍ଯ୍ୟନ୍ତ

ଦୁର୍ନୀତି ଯେକୌଣସି ସରକାରୀ ବ୍ୟବସ୍ଥାର ବିଶ୍ୱସନୀୟତା କ୍ଷତି ପହଂଚାଏ। ଏହା କେବଳ ସରକାରୀ ଅର୍ଥର ଅପବ୍ୟୟ ନୁହେଁ, ଏହା ଗରିବ ଲୋକଙ୍କ ଅଧିକାର, ଯୋଗ୍ୟ ବ୍ୟକ୍ତିଙ୍କ ସୁଯୋଗ ଓ ସାଧାରଣ ଲୋକଙ୍କ ଶାସନ ପ୍ରତି ଆସ୍ଥାକୁ ମଧ୍ୟ ପ୍ରଭାବିତ କରେ। ଯେତବଳେ ଜଣେ ନାଗରିକ ନିଜର ଆଇନସମ୍ମତ କାମ ପାଇଁ ଅନାବଶ୍ୟକ ଟଙ୍କା ଦେବାକୁ ବାଧ୍ୟ ହୁଅନ୍ତି, ସେତବଳେ ଶାସନର ମୂଳ ଉଦ୍ଦେଶ୍ୟ ଆଘାତପ୍ରାପ୍ତ ହୁଏ। ତେଣୁ ଦୁର୍ନୀତି ବିରୋଧରେ ନିରପେକ୍ଷ ତଦନ୍ତ, ଆଇନସମ୍ମତ ଚଢ଼ାଉ, ପ୍ରମାଣ ସଂଗ୍ରହ ଓ ଦୋଷୀ ପ୍ରମାଣିତ ହେଲେ ଉପଯୁକ୍ତ ଦଣ୍ଡବ୍ୟବସ୍ଥା ଯେକୌଣସି ଦାୟିତ୍ୱଶୀଳ ସରକାରର ପ୍ରାଥମିକତା ହେବା ଉଚିତ। ଓଡ଼ିଶାରେ ଦୁର୍ନୀତି ନିବାରଣ ବିଭାଗର ତଦନ୍ତ, ଚଢ଼ାଉ ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଖବର ନିୟମିତ ଭାବେ ସାମ୍ନାକୁ ଆସୁଛି। କିନ୍ତୁ ନିର୍ଦ୍ଦିଷ୍ଟ ଦିନରେ କେତେ ଚଢ଼ାଉ ହୋଇଛି, କେଉଁ ଅଧିକାରୀଙ୍କ ବିରୋଧରେ କେଉଁ ପ୍ରକାର ମାମଲା ହୋଇଛି ଏବଂ କେତେ ମାମଲାରେ ଦୋଷ ପ୍ରମାଣିତ ହୋଇଛି, ତାହା ଆଧିକାରିକ ତଥ୍ୟ ଦ୍ୱାରା ଯାଂଚ କରିବା ଆବଶ୍ୟକ। କେବଳ ଚଢ଼ାଉର ଖବର ଦେଖି ଦୁର୍ନୀତି ଶେଷ ହୋଇଗଲା ବୋଲି କୁହାଯାଇପାରିବ ନାହିଁ। ସେହିପରି ତଦନ୍ତ ଚାଲିଥିବା ମାତ୍ରେ କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଯାଆନ୍ତି ନାହିଁ। ଆଇନର ଶାସନରେ ପ୍ରତ୍ୟେକ ଅଭିଯୋଗର ତଦନ୍ତ ପ୍ରମାଣ ଆଧାରରେ ହେବା ଦରକାର ଏବଂ ଅଭିଯୁକ୍ତଙ୍କ ଆଇନଗତ ଅଧିକାର ସୁରକ୍ଷିତ ରହିବା ଉଚିତ। ମୋହନ ମାଝୀ ସରକାରଙ୍କ ଦୁର୍ନୀତି ବିରୋଧୀ ନୀତିର ପ୍ରକୃତ ମାପଦଣ୍ଡ ହେବ ତଦନ୍ତର ନିରପେକ୍ଷତା, ମାମଲାର ନିଷ୍ପତି ପାଇଁ ଲାଗୁଥିବା ସମୟ, ଦୁର୍ନୀତିର ସୁଯୋଗ କମାଇବା ପାଇଁ ହୋଇଥିବା ପ୍ରଣାଳୀଗତ ସଂସ୍କାର ଓ ଲୋକଙ୍କ ଅଭିଯୋଗରେ ଆସୁଥିବା ପରିବର୍ତନ। ଜଣେ ସଚ୍ଚୋଟ ଅଧିକାରୀ ଅନାବଶ୍ୟକ ଭୟରେ କାମ କରିବା ଉଚିତ ନହେଁ, ସେହିପରି କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀଙ୍କୁ ମଧ୍ୟ ରାଜନୈତିକ କିମ୍ବା ପ୍ରଶାସନିକ ସୁରକ୍ଷା ମିଳିବା ଉଚିତ ନୁହେଁ। ଏହି ଦୁଇଟି ମଧ୍ୟରେ ସନ୍ତୁଳନ ରଖିବା ହିଁ ଉତମ ପ୍ରଶାସନର ଲକ୍ଷଣ।

> ଓଡ଼ିଶାର ରାଜନୀତିରେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଶକ୍ତିକୁ ତାଙ୍କର ଭାଷଣର ଉଚ୍ଚତା, ରାଜନୈତିକ ଆକ୍ରମଣର ତୀବ୍ରତା କିମ୍ବା ସଭାମଞ୍ଚରେ ତାଙ୍କର ଉପସ୍ଥିତି ଦେଖି ମାପିବା ଉଚିତ ନୁହେଁ। ଜଣେ ନେତାଙ୍କ ପ୍ରକୃତ ପରିଚୟ ତାଙ୍କର ପରିଚୟ ତାଙ୍କର ନିଷ୍ପତି, ଲୋକଙ୍କ ସହ ସମ୍ପର୍କ, ପ୍ରଶାସନକୁ ଉତରଦାୟୀ କରିବାର କ୍ଷମତା ଏବଂ ସାଧାରଣ ଜୀବନରେ ଆଣିପାରୁଥିବା ପରିବର୍ତନରୁ ନିର୍ଦ୍ଧାରିତ ହୁଏ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶାସନକୁ ବିଚାର କରିବାବଳେ ଏହି ମୌଳିକ ସତ୍ୟକୁ ଭୁଲିଯିବା ଉଚିତ ନୁହେଁ। ତାଙ୍କର ସରଳତାକୁ ଦୁର୍ବଳତା ଭାବିବା, ତାଙ୍କର ମିଶାଣିଆ ସ୍ୱଭାବକୁ ନିଷ୍ପତିହୀନତା ସହ ଯୋଡିବା କିମ୍ବା ତାଙ୍କର ଲୋକସମ୍ପର୍କକୁ କେବଳ ରାଜନୈତିକ ପ୍ରଚାର ବୋଲି ଧରିନେବା ପୂର୍ବରୁ ତାଙ୍କ ସରକାରଙ୍କ ପଦକ୍ଷେପ ଓ ପରିଣାମକୁ ଦେଖିବା ଆବଶ୍ୟକ। ସେହିପରି ତାଙ୍କ ପ୍ରତି ସମର୍ଥନ ଥିଲେ ମଧ୍ୟ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକୁ ପ୍ରଶ୍ନାତୀତ ବୋଲି ଧରିନେବା ଗଣତାନ୍ତ୍ରୀକ ଦାୟିତ୍ୱ ନୁହେଁ। ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଯଥାର୍ଥ ଭାବେ ବୁଝିବା ପାଇଁ ତାଙ୍କର ସଫଳତା, ଆହ୍ୱାନ, ନିଷ୍ପତି ଓ ଜନସାଧାରଣଙ୍କ ଅନୁଭୂତିକୁ ଏକାଠି ରଖିବାକୁ ପଡିବ। ମୋହନ ଭାଇଙ୍କ ଶାସନ ସମ୍ପର୍କରେ ଆଲୋଚନା କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାମ୍ନାକୁ ଆସେ - ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନର ପୁନଃଆରମ୍ଭ, ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ସିଧାସଳଖ ବ୍ୟବସ୍ଥା, ବରିଷ୍ଠ ଅଧିକାରୀଙ୍କ ଉତରଦାୟିତ୍ୱ, ଦୁର୍ନୀତି ନିବାରଣ ବିଭାଗର ତଦନ୍ତ ଓ ଚଢ଼ାଉ, ବନ୍ୟା ଓ ଅତିବୃଷ୍ଟି ସମୟରେ ପ୍ରଭାବିତ ଲୋକଙ୍କ ନିକଟକୁ ପହଂଚିବା, ଶିଳ୍ପ ନିବେଶ ପାଇଁ ପ୍ରୟାସ ଏବଂ ରାଜ୍ୟର ସର୍ବାଙ୍ଗୀନ ବିକାଶ।

ଏହା ସହିତ ସରକାରୀ ସେବାକୁ ସରଳ କରିବା, ଅନାବଶ୍ୟକ ଅନୁମତି ଓ ଫାଇଲ୍ ପ୍ରକ୍ରିୟା କମାଇବା, ଡିଜିଟାଲ ରେକର୍ଡ ରଖିବା, ସରକାରୀ ଅର୍ଥବ୍ୟୟର ନିରୀକ୍ଷଣ ଓ ନାଗରିକଙ୍କ ଅଭିଯୋଗ ପାଇଁ ସହଜ ବ୍ୟବସ୍ଥା ତିଆରି କରିବା ମଧ୍ୟ ଦରକାର।

### ● ଅଧିକାରୀ ରାଜ ନୁହେଁ, ନିୟମ ଅନୁସାରେ ଉତ୍ତଦାୟୀ ପ୍ରଶାସନ

ଓଡ଼ିଶାର ସାଧାରଣ ଲୋକଙ୍କ ମଧ୍ୟରେ ଏକ ପୁରୁଣା ଅଭିଯୋଗ ରହିଛି - ସରକାରୀ କାମ ପାଇଁ ଅନେକ ସମୟରେ ଅତ୍ୟଧିକ ଦୌଡାଦୌଡି କରିବାକୁ ପଡେ, ଫାଇଲ୍ ଅଟକି ରହେ ଏବଂ ସାଧାରଣ ସେବା ପାଇବା ପାଇଁ ଅନାବଶ୍ୟକ ପ୍ରଭାବ କିମ୍ବା ସୁପାରିସର ଆବଶ୍ୟକତା ଅନୁଭବହୁଏ। ଏହି ଅନୁଭୂତି ଯେଉଠାରେ ରହିଛି, ସେଠାରେ ଶାସନର ଉତରଦାୟିତ୍ୱକୁ ଆହୁରି ଦୃଢ କରିବା ଦରକାର। ତଥାପି ସମସ୍ତ ଅଧିକାରୀଙ୍କୁ ଏକାଠି ଦୋଷାରୋପ କରିବା ଠିକ୍ ନୁହେଁ। ରାଜ୍ୟର ଅନେକ କର୍ମଚାରୀ ଓ ଅଧିକାରୀ କଠିନ ପରିସ୍ଥିତିରେ ଲୋକଙ୍କ ପାଇଁ କାମ କରୁଛନ୍ତି। ପ୍ରଶାସନର ଉଦ୍ଦେଶ୍ୟ ଅଧିକାରୀଙ୍କୁ ଦୁର୍ବଳ କରିବା ନୁହେଁ, ତାଙ୍କର କାର୍ଯ୍ୟକୁ ନିୟମ, ଦାୟିତ୍ୱ ଓ ଜନସ୍ୱାର୍ଥ ସହ ଯୋଡିବା। ନିର୍ବାଚିତ ସରକାର ନୀତି ନିର୍ଦ୍ଧାରଣ କରେ ଏବଂ ପ୍ରଶାସନ ସେହି ନୀତିକୁ ଆଇନ ଅନୁଯାୟୀ କାର୍ଯ୍ୟକାରୀ କରେ। ଏହି ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ହେଉଛି ନିଷ୍ପତି ଠିକ୍ ସମୟରେ କାର୍ଯ୍ୟକାରୀ ହେଉଛି କି ନାହିଁ, ଯୋଗ୍ୟ ଲୋକ ଯୋଜନାର ଲାଭ ପାଉଛନ୍ତି କି ନାହିଁ , ଯୋଗ୍ୟ ଲୋକ ଯୋଜନାର ଲାଭ ପାଉଛନ୍ତି କି ନାହିଁ ଓ ଅଧିକାରୀମାନେ ଜନସାଧାରଣଙ୍କ ପ୍ରତି ନିଜ ଦାୟିତ୍ୱ ପାଳନ କରୁଛନ୍ତି କି ନାହିଁ, ତାହା ନିଶ୍ଚିତ କରିବା। ଯଦି ଜଣେ ଅଧିକାରୀ ନିୟମ ଅନୁସାରେ ନିଷ୍ପତି ନେଉଛନ୍ତି, ତାଙ୍କୁ ଅନାବଶ୍ୟକ ରାଜନୈତିକ ଚାପରୁ ସୁରକ୍ଷା ମିଳିବା ଉଚିତ। ଯଦି ଜଣେ ଅଧିକାରୀ ଜାଣିଶୁଣି ନାଗରିକଙ୍କୁ ହଇରାଣ କରୁଛନ୍ତି, ଦୁର୍ନୀତିରେ ଲିପ୍ତ ଅଛନ୍ତି କିମ୍ବା ନିଜ କର୍ତ୍ତବ୍ୟରେ ଗୁରୁତ୍ୱର ଅବହେଳା କରୁଛନ୍ତି, ତେବେ ଆଇନ ଅନୁଯାୟୀ ତଦନ୍ତ ଓ ପଦକ୍ଷେପ ହେବା ଦରକାର।

### ● ବନ୍ୟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଭୂମିକା : ପରିଦର୍ଶନ ସହ ପୁନର୍ବାସ ମଧ୍ୟ ଜରୁରୀ

ଓଡ଼ିଶାର ଭୌଗୋଳିକ ସ୍ଥିତି ଏହାକୁ ବାତ୍ୟା, ବନ୍ୟା, ଅତିବୃଷ୍ଟି ଓ ଅନ୍ୟାନ୍ୟ ବିପର୍ଯ୍ୟୟର ସମ୍ମୁଖୀନ କରାଏ। ଏପରି ସମୟରେ ସରକାରଙ୍କ ପ୍ରସ୍ତୁତି, ଉଦ୍ଧାର କାର୍ଯ୍ୟ, ରିଲିଫ ବଣ୍ଟନ, ଚିକିତ୍ସା, କ୍ଷତିପୂରଣ ଓ ପୁନର୍ବାସର ଗୁଣବତା ହିଁ ପ୍ରଶାସନର ପ୍ରକୃତ ପରୀକ୍ଷା। ବିପର୍ଯ୍ୟୟ ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବିତ ଅଂଚଳକୁ ଯିବା, ଲୋକଙ୍କ ସହ କଥା ହେବା, ଅଧିକାରୀଙ୍କ ସହ ସ୍ଥିତି ସମୀକ୍ଷା କରିବା ଓ ଆବଶ୍ୟକ ନିର୍ଦ୍ଦଶେ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱଗତ ଦାୟିତ୍ୱ। କାରଣ ବିପର୍ଯ୍ୟୟର ଯନ୍ତ୍ରଣାକୁ କେବଳ କାର୍ଯ୍ୟାଳୟର ରିପୋର୍ଟରୁ ବୁଝିହେବ ନାହିଁ। ଗାଁରେ ରାସ୍ତା ଭାସିଯାଇଥିଲେ, ଘରେ ପାଣି ପଶିଥିଲେ, ଚାଷଜମି ନଷ୍ଟ ହୋଇଥିଲେ କିମ୍ବା ଲୋକେ ନିଜ ଘର ଛାଡି ଆଶ୍ରୟସ୍ଥଳରୁ ଯାଇଥିଲେ, ସେହି ସ୍ଥିତିର ବାସ୍ତବତା ନିଜ ଆଖିରେ ଦେଖିବା ପ୍ରଶାସନକୁ ଅଧିକ ସମ୍ବେଦନଶୀଳ କରିପାରେ ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ସିଧାସଳଖ ହସ୍ତକ୍ଷେପ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ବଢ଼ାଇପାରେ। ତେବେ ପରିଦର୍ଶନର ମହତ୍ୱ ତାହା ପରେ ନିଆଯାଉଥିବା ପଦକ୍ଷେପରେ ରହିଛି। ଜଣେ ବନ୍ୟାପୀଡିତ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ସେତବଳେ ଅର୍ଥପୂର୍ଣ୍ଣ ହେବ, ଯେତବଳେ କ୍ଷତିର ନିରପେକ୍ଷ ଆକଳନ ହେବ, ଯୋଗ୍ୟ କ୍ଷତିପୂରଣ ସମୟରେ ମିଳିବ ଏବଂ ପରବର୍ତୀ ଚାଷ ପାଇଁ ଆବଶ୍ୟକ। ଗାଁର ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥା ନଷ୍ଟ ହୋଇଥିଲେ, ସେଗୁଡିକର ପୁନରୁଦ୍ଧାର ଦ୍ରୁତ ହେବା ଦରକାର। ବନ୍ୟାପ୍ରବଣ ଅଂଚଳରେ ଆଗାମୀ ବିପର୍ଯ୍ୟୟର କ୍ଷତି କମାଇବା ପାଇଁ ଜଳନିଷ୍କାସନ, ନଦୀବନ୍ଧର ରକ୍ଷଣାବେକ୍ଷଣ, ଆଗୁଆ ସତର୍କ ସୂଚନା, ଆଶ୍ରୟସ୍ଥଳର ସୁବିଧା ଓ ସ୍ଥାନୀୟ ପ୍ରଶାସନର ପ୍ରସ୍ତୁତିକୁ ଦୃଢ଼ କରିବା ଦରକାର।

### ● ଚାଷୀ, ମହିଳା ଓ ସାଧାରଣ ପରିବାର ଓ ବିକାଶର ପ୍ରକୃତ ପରୀକ୍ଷା

ଏକ ରାଜ୍ୟର ବିକାଶକୁ କେବଳ ବଡ ରାସ୍ତା, ଉଚ୍ଚ ଭବନ, ଶିଳ୍ପ ପ୍ରକଳ୍ପ ଓ ସମ୍ମିଳନୀର ଆୟୋଜନ ଦେଖି ମାପିହେବ ନାହିଁ। ଜଣେ ଚାଷୀଙ୍କ ଆୟ ବଢ଼ିଲା କି ନାହିଁ, ଜଣେ ମହିଳା ଆର୍ଥିକ ଭାବେ ସ୍ୱାଧୀନ ହେଲେ କି ନାହିଁ, ଜଣେ ଛାତ୍ର ଭଲ ଶିକ୍ଷା ପାଇଲେ କି ନାହିଁ, ଜଣେ ରୋଗୀ ସମୟରେ ଚିକିତ୍ସା ପାଇଲେ କି ନାହିଁ ଓ ଜଣେ ଗରିବ ପରିବାର ସରକାରୀ ଯୋଜନାର ଲାଭ ପାଇଲା କି ନାହିଁ - ଏହି ପ୍ରଶ୍ନଗୁଡିକ ବିକାଶର ମୂଳ ଚିତ୍ର ଦେଖାଏ। ଓଡ଼ିଶାର ଚାଷୀମାନେ ବର୍ଷାର ଅନିଶ୍ଚିତା, ବନ୍ୟା, ମରୁଡି, ଫସଲର ମୂଲ୍ୟ, ଚାଷ ଖର୍ଚ୍ଚ ଓ ବଜାର ସଂଯୋଗ ଭଳି ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେମାନଙ୍କ ପାଇଁ ଜଳସେଚନ ଗୁଣବତାପୂର୍ଣ୍ଣ ବିହନ, ସାଗର ଉପଲବ୍ଧତା, କୃଷି ଋଣ, ଫସଲ ବୀମା, ଗୋଦାମ ଓ ଶୀଳତଭଣ୍ଡାରର ସୁବିଧା ଆବଶ୍ୟକ। ସରକାରୀ ସହାୟତାରେ ଘୋଷଣା ହେବା ସହିତ ତାହା ଯୋଗ୍ୟ ଚାଷୀଙ୍କ ଖାତାକୁ ସମୟରେ ପହଂଚୁଛି କି ନାହିଁ, ତାହା ଯାଂଚ କରିବା ମଧ୍ୟ ଜରୁରୀ। ଯଦି ଜଣେ ଚାଷୀଙ୍କ ଫସଲ ନଷ୍ଟ ହୋଇଛି, ତେବେ କ୍ଷତିର ଆକଳନ ନିରପେକ୍ଷ ହେବା ଦରକାର। ଯଦି ଜଣେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଉଦ୍ୟମ ଆରମ୍ଭ କରିବାକୁ ଚାହାନ୍ତି, ତେବେ ଋଣ, ପ୍ରଶିକ୍ଷଣ ଓ ବଜାର ସଂଯୋଗର ସୁବିଧା ମିଳିବା ଆବଶ୍ୟକ। ମହିଳାଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଯୁକ୍ତିକୁ ଗୁରୁତ୍ୱ ଦେବା ମଧ୍ୟ ଶାସନର ଦାୟିତ୍ୱ। ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ଗୁଣବତା, ଶିକ୍ଷକଙ୍କ ଉପଲବ୍ଧତା, ପାଠାଗାର, ପରୀକ୍ଷାର ସ୍ୱଚ୍ଛତା ଓ ନିଯୁକ୍ତିମୂଳକ ଦକ୍ଷତା ବିକାଶ ଅତ୍ୟନ୍ତ ଜରୁରୀ। ଆଦିବାସୀ ଓ ଦୂରଦୂରାନ୍ତ ଅଂଚଳରେ ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍ ଓ ଡିଜିଟାଲ ସଂଯୋଗର ଉନ୍ନତି ନହଲେ ବିକାଶର ଲାଭ ସମାଜର ସମସ୍ତ ଶ୍ରେଣୀ ପାଖରେ ପହଂଚିବ ନାହିଁ। ଏହି କାରଣରୁ ଜଣେ ଲୋକାଭିମୁଖୀ ମୁଖ୍ୟମନ୍ତ୍ରୀଙ୍କ ସଫଳତାର ପରିମାପ ହେବ ରାଜ୍ୟର ସବୁଠାରୁ ଦୁର୍ବଳ ଓ ଅବହେଳିତ ଲୋକଙ୍କ ଜୀବନରେ କେତେ ପରିବର୍ତନ ଆସିଲା। ଏହି ପରିବର୍ତନ ପାଇଁ ଦୀର୍ଘମିଆଦି ଯୋଜନା, ନିରନ୍ତର ଅର୍ଥବିନିଯୋଗ ଓ ପ୍ରଶାସନିକ ନିରୀକ୍ଷଣ ଆବଶ୍ୟକ।

### ● ସରଳତା ଓ ମିଶାଣିଆ ସ୍ୱଭାବ : ନେତୃତ୍ୱର ଗୁଣ, କିନ୍ତୁ ପରିଣାମ ହିଁ ମାପଦଣ୍ଡ

ମୋହନ ମାଝୀଙ୍କ ସାର୍ବଜନୀନ ଛବିର ଏକ ଆଲୋଚିତ ଦିଗ ହେଉଛି ତାଙ୍କ ସରଳତା ଓ ଲୋକଙ୍କ ସହ ମିଶିବାର ଶୈଳୀ। ଜଣେ ନେତା ଲୋକଙ୍କ ସହ ସହଜରେ ମିଶିପାରିଲେ, ସେମାନଙ୍କ କଥା ଶୁଣିପାରିଲେ ଓ ନିଜକୁ ସାଧାରଣ ଲୋକଙ୍କ ପହଂଚ ମଧ୍ୟରେ ରଖିପାରିଲେ, ତାହା ଜନସମ୍ପର୍କ ପାଇଁ ଉପଯୋଗୀ ହୋଇପାରେ। କିନ୍ତୁ ସରଳତା ନିଜେ ଶାସନର ସଫଳତାର ପ୍ରମାଣ ନୁହେଁ, ସେହି ଗୁଣ କାର୍ଯ୍ୟରେ କିପରି ପ୍ରତିଫଳିତ ହେଉଛି. ତାହା ଦେଖିବା ଦରକାର। ଜଣେ ନେତାଙ୍କ ନମ୍ର ବ୍ୟବହାର ଲୋକଙ୍କ ମନରେ ଆସ୍ଥା ସୃଷ୍ଟି କରିପାରେ, କିନ୍ତୁ ସେହି ଆସ୍ଥାକୁ ଦୀର୍ଘସ୍ଥାୟୀ କରିବା ପାଇଁ ସମସ୍ୟାର ସମାଧାନ ଆବଶ୍ୟକ। ଜଣେ ନାଗରିକ ଯଦି ମୁଖ୍ୟମନ୍ତ୍ରୀଙ୍କୁ ନିଜ ଅଭିଯୋଗ କହିବାର ସୁଯୋଗ ପାଆନ୍ତି, କିନ୍ତୁ ପରେ ସେହି ଅଭିଯୋଗର ସମାଧାନ ପାଇଁ ପୁଣି ଅନେକ କାର୍ଯ୍ୟାଳୟ ଘୁରିବାକୁ ପଡେ, ତେବେ ଜନସମ୍ପର୍କର ଉଦ୍ଦେଶ୍ୟ ପୂରଣ ହୁଏ ନାହିଁ।

### ● ସମାଲୋଚନାକୁ ଶତ୍ରୁତା ଭାବେ ନୁହେଁ, ସୁଧାରର ସୁଯୋଗ ଭାବେ ଦେଖିବା ଦରକାର

ଗଣତନ୍ତ୍ରରେ ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀ ଦଳ,ଗଣମାଧ୍ୟମ ଓ ସାଧାରଣ ନାଗରିକଙ୍କ ଅଧିକାର। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତି, ଯୋଜନାର କାର୍ଯ୍ୟାନ୍ୱୟନ, ନିଯୁକ୍ତିର ସ୍ଥିତି, ଶିକ୍ଷା ଓ ସ୍ୱାସ୍ଥ୍ୟର ଗୁଣବତା ଏବଂ ଦୁର୍ନୀତି ବିରୋଧୀ ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ସମସ୍ତ ପ୍ରଶ୍ନକୁ ରାଜନୈତିକ ଶତ୍ରୁତା ବୋଲି ଧରିନେବା ଠିକ୍ ନୁହେଁ। ସେହିପରି ପ୍ରତ୍ୟେକ ସମାଲୋଚନାକୁ ତଥ୍ୟହୀନ ବୋଲି ମଧ୍ୟ ଅବହେଳା କରିବା ଉଚିତ ନୁହେଁ। ସମାଲୋଚନାରେ ଯଦି ତଥ୍ୟ ରହିଛି, ସରକାର ତାହାର ଉତର ତଥ୍ୟ ଦ୍ୱାରା ଦେବା ଉଚିତ। ଯଦି କୌଣସି ଅଭିଯୋଗ ଭୁଲ, ତେବେ ତାହାକୁ ଦଲିଲ ଓ ପ୍ରମାଣ ଆଧାରରେ ସ୍ପଷ୍ଟ କରିବା ଦରକାର। ଯଦି କୌଣସି ନୀତିରେ ତ୍ରୁଟି ରହିଛି, ତେବେ ସେହି ତ୍ରୁଟି ସ୍ୱୀକାର କରି ସୁଧାର ଆଣିବା ଦୁର୍ବଳତା ନୁହେଁ, ଏହା ଦାୟିତ୍ୱଶୀଳ ଶାସନର ଲକ୍ଷଣ। ମୋହନ ମାଝୀଙ୍କ ଶାସନକୁ ମଧ୍ୟ ଏହି ମାପଦଣ୍ଡରେ ବିଚାର କରିବା ଉଚିତ।

### ● ଲୋକଙ୍କ ଆସ୍ଥା ହିଁ ପ୍ରକୃତ ଶକ୍ତି

ମୋହନ ଚରଣ ମାଝୀଙ୍କ ଶାସନକୁ ନେଇ ଆଲୋଚନା କରିବାବଳେ ତାଙ୍କର ସରଳତା, ଜନସମ୍ପର୍କ, ଅଭିଯୋଗ ଶୁଣାଣୀ, ମହାବିଦ୍ୟାଳୟ ନିର୍ବାଚନ ପୁନଃଆରମ୍ଭ, ଦୁର୍ନୀତି ବିରୋଧୀ ବ୍ୟବସ୍ଥା, ବନ୍ୟା ସମୟରେ ପ୍ରଶାସନିକ ହସ୍ତକ୍ଷେପ ଓ ଶିଳ୍ପ ବିକାଶ ପାଇଁ ଉଦ୍ୟମକୁ ଏକାଠି ବିଚାର କରିବା ଦରକାର। ଏହି ପଦକ୍ଷେପଗୁଡିକ ଶାସନର ଭିନ୍ନ ଭିନ୍ନ ଦୀଗକୁ ପ୍ରତିଫଳିତ କରେ। କିନ୍ତୁ ପ୍ରତ୍ୟେକ ପଦକ୍ଷେପର ସଫଳତା ତାହାର ପ୍ରକୃତ ପରିମାଣରେ ମାପିବା ଆବଶ୍ୟକ। ଛାତ୍ରସଂସଦ ନିର୍ବାଚନ ହେବା ସହିତ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ଓ ଗଠନମୂଳକ ଛାତ୍ର ନେତୃତ୍ୱ ବଢ଼ିବା ଦରକାର। ଅଭିଯୋଗ ଶୁଣାଣୀ ସହିତ ଲୋକଙ୍କ ସମସ୍ୟାର ସମୟୋଚିତ ସମାଧାନ ହେବା ଦରକାର। ଦୁର୍ନୀତି ବିରୋଧୀ ଚଢ଼ାଉ ସହିତ ନିରପେକ୍ଷ ତଦନ୍ତ ଓ ଆଇନସମ୍ମତ ନିଷ୍ପତି ହେବା ଦରକାର ବନ୍ୟା ସମୟରେ ପ୍ରତ୍ୟକ୍ଷ ପରିଦର୍ଶନ ସହିତ ରିଲିଫ୍, କ୍ଷତିପୂରଣ ଓ ପୁନର୍ବାସର ସଫଳ କାର୍ଯ୍ୟାନ୍ୱୟନ ହେବା ଦରକାର। ନିବେଶ ପ୍ରସ୍ତାବ ସହିତ ପ୍ରକୃତ ଶିଳ୍ପ, ନିଯୁକ୍ତି ଓ ସ୍ଥାନୀୟ ସମୃଦ୍ଧି ଆସିବା ଦରକାର। ଏହି ସବୁ ମାପଦଣ୍ଡରେ ନିରନ୍ତର ଉନ୍ନତି ହିଁ ଲୋକାଭିମୁଖୀ ଶାସନର ଆଧାର। ମୋହନ ଭାଇଙ୍କୁ ଦୁର୍ବଳ ଭାବିବା ପୂର୍ବରୁ ତାଙ୍କ କାର୍ଯ୍ୟକୁ ତଥ୍ୟ ଆଧାରରେ ଦେଖିବା ଦରକାର, ସେହିପରି ତାଙ୍କୁ ସମର୍ଥନ କରିବା ପୂର୍ବରୁ ମଧ୍ୟ ସେହି କାର୍ଯ୍ୟର ପରିଣାମକୁ ପରଖିବା ଦରକାର। ଗଣତନ୍ତ୍ରରେ ଜଣେ ନେତାଙ୍କ ପ୍ରତି ସମ୍ମାନ ଅନ୍ଧ ପ୍ରଶଂସାରେ ନୁହେଁ, ତାଙ୍କର ଭଲ କାମକୁ ସ୍ୱୀକାର କରିବା ଓ ତ୍ରୁଟି ଥିଲେ ସୁଧାର ପାଇଁ ଆହ୍ୱାନ ଦେବାରେ ରହିଛି। ଏହି ଦୃଷ୍ଟିକୋଣ ହିଁ ଏକ ସୁସ୍ଥ ଗଣତନ୍ତ୍ରର ପରିଚୟ। ମୋହନ ମାଝୀଙ୍କ ପାଇଁ ସବୁଠାରୁ ବଡ ସୁଯୋଗ ହେଉଛି ଲୋକଙ୍କ ସହ ନିଜର ସମ୍ପର୍କକୁ ଏକ ଦକ୍ଷ, ପାରଦର୍ଶୀ ଓ ଉତରଦାୟୀ ପ୍ରଶାସନରେ ପରିଣତ କରିବା। ଯେଉଠାରେ ଲୋକଙ୍କ ଅଭିଯୋଗ ଶୁଣାଯିବ, ନ୍ୟାୟସଙ୍ଗତ ସମାଧାନ ମିଳିବ, ସଚ୍ଚୋଟ ଅଧିକାରୀଙ୍କୁ ସମ୍ମାନ ମିଳିବ, ଦୁର୍ନୀତିର ଅଭିଯୋଗରେ ନିରପେକ୍ଷ ତଦନ୍ତ ହେବ, ଯୁବପିଢ଼ି ନିଜ ଯୋଗ୍ୟତା ଅନୁଯାୟୀ ସୁଯୋଗ ପାଇବେ ଓ ବିକାଶର ଲାଭ ଗାଁରୁ ସହର ପର୍ଯ୍ୟନ୍ତ ପହଂଚିବ-ସେହି ଶାସନ ହିଁ ଲୋକଙ୍କ ଆସ୍ଥା ଜିତିବ। ଶେଷରେ ଏକ ସତ୍ୟ ସବୁବଳେ ମନେ ରଖିବା ଉଚିତ ରାଜନୀତିରେ ଉଚ୍ଚ ସ୍ୱର ଶକ୍ତିର ଏକମାତ୍ର ପରିଚୟ ନୁହେଁ, ଆଉ ସରଳତା ଦୁର୍ବଳତାର ପ୍ରମାଣ ନୁହେଁ। କିନ୍ତୁ ସରଳତା ସହ ଦୃଢ ନିଷ୍ପତି, ଜନସମ୍ପର୍କ ସହ ପ୍ରଶାସନିକ ଦକ୍ଷତା ଏବଂ ବିକାଶର ଘୋଷଣା ସହ ଭୂମିସ୍ତରରେ ପରିଣାମ ଯେତବେଳେ ଏକାଠି ହୁଏ, ସେତବଳେ ଶାସନର ପ୍ରକୃତ ଶକ୍ତି ପ୍ରତିଷ୍ଠିତ ହୁଏ। ମୋହନ ଚରଣ ମାଝୀଙ୍କ ଶାସନର ମୂଲ୍ୟାଙ୍କନ ମଧ୍ୟ ଏହି ମାପଦଣ୍ଡରେ ହେବା ଉଚିତ। ଲୋକଙ୍କ ଆସ୍ଥା ହେଉଛି ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ ପୁଞ୍ଜି, ଲୋକଙ୍କ ସମସ୍ୟାର ସମାଧାନ ହେଉଛି ଶାସନର ପ୍ରକୃତ ପରୀକ୍ଷା, ଆଉ ଜନସାଧାରଣଙ୍କ ଜୀବନରେ ଆସୁଥିବା ସକାରାତ୍ମକ ପରିବର୍ତନ ହେଉଛି ଯେକୌଣସି ସରକାରର ସବୁଠାରୁ ଅର୍ଥପୂର୍ଣ୍ଣ ସଫଳତା।




# ଶାରଦୀୟ ନବରାତ୍ରି ଉତ୍ସବ

ଏ ବର୍ଷ, ଶାରଦୀୟ ନବରାତ୍ରି ଉତ୍ସବ ରବିବାର, ଅକ୍ଟୋବର ୧୧ ତାରିଖରୁ ଆରମ୍ଭ ହୋଇଯାଇଛି। ଦେବୀ ଦୁର୍ଗାଙ୍କ ଭକ୍ତମାନେ ସମ୍ପୂର୍ଣ୍ଣ ନଅ ଦିନ ପାଇଁ ପୂଜା ଓ ଉପବାସ କରିଥାନ୍ତି । ଏହି ଦିନ, ଘର ଓ ମନ୍ଦିରରେ କଳଶ ସ୍ଥାପନ ସହିତ ଦେବୀ ଦୁର୍ଗାଙ୍କ ପୂଜା ଆରମ୍ଭ ହେବ । ନବରାତ୍ରିର ଶେଷ ଦିନ, ଅକ୍ଟୋବର ୧୯ ତାରିଖରେ ମହାନବମୀ ପାଳନ କରାଯିବ ଓ ପରବର୍ତ୍ତୀ ଦିନ, ଅକ୍ଟୋବର ୨୦ ତାରିଖରେ ଦଶହରା ପାଳନ କରାଯିବ।



ଡକ୍ଟର ଲକ୍ଷ୍ମଣ ସାହୁ
ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫

କ୍ୟାଲେଣ୍ଡର ଅନୁସାରେ, ଆଶ୍ୱିନ ମାସର ଶୁକ୍ଳ ପକ୍ଷର (ଚନ୍ଦ୍ର ପକ୍ଷର ଉଜ୍ଜ୍ୱଳ ପକ୍ଷ) ପ୍ରତିପଦ ତିଥି ଅକ୍ଟୋବର ୧୦ ତାରିଖ ରାତି ପ୍ରାୟ ୯:୧୯ ରେ ଆରମ୍ଭ ହୋଇଛି। ଏହି ତିଥି ଅକ୍ଟୋବର ୧୧ ତାରିଖ ରାତି ପ୍ରାୟ ୯:୩୦ ପର୍ଯ୍ୟନ୍ତ ଥିଲା। ଉଦୟ ତିଥି ଉପରେ ଆଧାର କରି, ଅକ୍ଟୋବର ୧୧ ତାରିଖକୁ ନବରାତ୍ରିର ପ୍ରଥମ ଦିନ ଭାବରେ ବିବେଚନା କରାଯିବ। ନବରାତ୍ରିର ପ୍ରଥମ ଦିନରେ ଘଟସ୍ଥାପନ (କଳଶ ସ୍ଥାପନ କରିବାର ବିଧି) ବିଶେଷ ଗୁରୁତ୍ୱ ରଖେ। ଏହା ଦେବୀ ଦୁର୍ଗାଙ୍କ ନଅ ଦିନ ବ୍ୟାପୀ ପୂଜା ଆରମ୍ଭ କରେ। ଏହା ପରେ, କଳଶକୁ ଦେବୀ ଶୈଳପୁତ୍ରୀ ଭାବରେ ପୂଜା କରାଯାଏ । ଘଟସ୍ଥାପନ ସମୟରେ, ଏକ ମାଟି ବେଦୀରେ ଯବ ବୁଣିବାର ପରମ୍ପରା ଅଛି। ଏହା ପରେ, କଳଶକୁ ପାଣିରେ ପୂର୍ଣ୍ଣ କରାଯାଏ ଓ ତା' ଉପରେ ଆମ୍ବ କିମ୍ବା ଅଶୋକ ପତ୍ର ଓ ନଡ଼ିଆ ଲଗାଯାଏ । ପୂଜା ସ୍ଥାନରେ ଏକ ଅନନ୍ତ ଜ୍ୱାଳା ଜଳାଇବାର ମଧ ପରମ୍ପରା ଅଛି । ଏହି ସମୟରେ, ଦେବୀ ହାତୀ ଉପରେ ଆସୁଛନ୍ତି, କିନ୍ତୁ ତାଙ୍କ ପ୍ରସ୍ଥାନ ପାଇଁ ଯାତ୍ରାକୁ ଶୁଭ ବୋଲି ବିବେଚନା କରାଯାଏ ନାହିଁ।

ପ୍ରକୃତରେ ପ୍ରତିବର୍ଷ ଶାରଦୀୟ ନବରାତ୍ରିରେ ଯେଉଁ ଯାନରେ ମାତା ଦେବୀ ଆଗମନ କରନ୍ତି ଓ ପ୍ରସ୍ଥାନ କରନ୍ତି ତାହାର ପ୍ରଭାବ ବିଶ୍ୱ ଉପରେ ପଡ଼ିଥାଏ । ତେଣୁ ଏଥର ଲୋକମାନେ କେଉଁ ଯାନରେ ମାତା ଦେବୀ ପ୍ରସ୍ଥାନ କରନ୍ତି ତାହା ଜାଣିବାକୁ ଆଗ୍ରହୀ । ଏହି ଦିନ ଘଟସ୍ଥାପନର ଶୁଭ ସମୟ ସକାଳ ୬:୧୯ ରୁ ୧୦:୧୨ପର୍ଯ୍ୟନ୍ତ ରହିବ। ମାହେନ୍ଦ୍ର ମୁହୂର୍ତ୍ତ ସକାଳ ୧୧:୪୪ ରୁ ୧୨:୩୧ ପର୍ଯ୍ୟନ୍ତ ବୋଲି କୁହାଯାଏ।

ଏଥର ଶାରଦୀୟ ନବରାତ୍ରି ମଙ୍ଗଳବାର ଅକ୍ଟୋବର ୨୦ ତାରିଖରେ ଶେଷ ହେଉଛି । ଶାସ୍ତ୍ରରେ ମଙ୍ଗଳବାର ଓ ଶନିବାର ଦେବୀଙ୍କ ପ୍ରସ୍ଥାନକୁ ଚରଣଯୁଦ୍ଧ ବାହନ ଭାବରେ ବର୍ଣ୍ଣନା କରାଯାଇଛି। ଲୋକକଥା ଅନୁସାରେ, ଚରଣଯୁଦ୍ଧର ଅର୍ଥ ପାରମ୍ପରିକ ଭାବରେ କୁକୁଡ଼ା ସହିତ ଜଡିତ। ଏହି ବିଶ୍ୱାସ ଅନୁସାରେ, ମଙ୍ଗଳବାର ଦିନ ମା ଦୁର୍ଗାଙ୍କ ପ୍ରସ୍ଥାନ ଚରଣଯୁଦ୍ଧରେ ହେବ। କୁକୁଡ଼ାରେ ଦେବୀଙ୍କୁ ବିଦାୟ ଦେବା ଅଶୁଭ ବୋଲି ବିବେଚନା କରାଯାଏ। ଏହି ବାହନକୁ ଦୁଃଖ, ପାରସ୍ପରିକ ମତଭେଦ ଓ ପ୍ରାକୃତିକ ବିପର୍ଯ୍ୟୟର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହା ସାମାଜିକ ବିଭ୍ରାଟ, ମାନସିକ ଅଶାନ୍ତି ଓ ପ୍ରେମଜନିତ ସମସ୍ୟା ସୃଷ୍ଟି କରିପାରେ।

ପ୍ରାୟ ୧୦୦ ବର୍ଷର ବ୍ୟବଧାନ ପରେ ନବରାତ୍ରି ସମୟରେ ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗ 'ଗଜକେଶରୀ ରାଜଯୋଗ' ସୃଷ୍ଟି କରୁଛି । ନଅ ଦିନିଆ ଏହି ପର୍ବ ଏକ ଅତ୍ୟନ୍ତ ବିରଳ ଓ ଉଲ୍ଲେଖନୀୟ ଖଗୋଳୀୟ ସଂଯୋଗ ଭାବରେ ପରିଚିତ । ତେଣୁ ଏହି ନଅ ଦିନିଆ ପର୍ବ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହେଉଛି ।

ନବରାତ୍ରି ସମୟରେ ଦେବଗୁରୁ ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗ ଅତ୍ୟନ୍ତ ଫଳପ୍ରଦ ଗଜକେଶରୀ ରାଜଯୋଗ ସୃଷ୍ଟି କରୁଛି। ଜ୍ୟୋତିଷ ଶାସ୍ତ୍ରରେ ଏହି ମହାଯୋଗକୁ ପଦ, ପ୍ରତିଷ୍ଠା, ଅପାର ଧନ, ବୌଦ୍ଧିକ କ୍ଷମତା ଓ ସୌଭାଗ୍ୟର କାରକ ଭାବରେ ବିବେଚନା କରାଯାଏ। ଏଥର ନବରାତ୍ରିର ପବିତ୍ର ଦିନଗୁଡ଼ିକରେ ଏହି ଯୋଗର ଗଠନ ଅନେକ ଲୋକଙ୍କ କ୍ୟାରିଅର, ସ୍ୱାସ୍ଥ୍ୟ ଓ ବୈବାହିକ ଜୀବନରେ ପ୍ରମୁଖ ଓ ସକାରାତ୍ମକ ପରିବର୍ତ୍ତନ ଆଣୁଛି। ନବରାତ୍ରି ସମୟରେ ଦେବୀ ଦୁର୍ଗାଙ୍କ ନଅଟି ରୂପ ପୂଜା କରାଯାଏ। ସେହି ସମୟର ପୂଜା କ୍ରମ ଅନୁଯାୟୀ ହେବ।

୧୧ ଅକ୍ଟୋବର, ନବରାତ୍ରିର ପ୍ରଥମ ଦିନ, ଦେବୀ ଶୈଳପୁତ୍ରୀଙ୍କ ପୂଜା କରାଯିବ । ତାଙ୍କୁ ଦେବୀ ଦୁର୍ଗାଙ୍କ ପ୍ରଥମ ରୂପ ଭାବରେ ବିବେଚନା କରାଯାଏ। ୧୨ ଅକ୍ଟୋବରରେ ଦେବୀ ବ୍ରହ୍ମଚାରିଣୀଙ୍କ ପୂଜା କରାଯିବ। ଭକ୍ତମାନେ ଏହି ଦିନ ଉପବାସ ପାଳନ କରନ୍ତି ଓ ଦେବୀଙ୍କ ପୂଜା କରନ୍ତି। ୧୩ ଅକ୍ଟୋବରରେ ଦେବୀ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯିବ। ଦେବୀଙ୍କ ଏହି ରୂପ ସାହସ ଓ ଶକ୍ତିରେ ପରିପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ ।

ଅକ୍ଟୋବର ୧୧ରେ ଶାରଦିଆ ନବରାତ୍ରୀ ଆରମ୍ଭ । ଏହାକୁ ଏକତ୍ରିତ ଭାବରେ ଦେଖାଯାଏ। ୧୪ ଅକ୍ଟୋବରରେ ମା କୁଷ୍ମାଣ୍ଡାଙ୍କ ପୂଜା କରାଯିବ । ୧୫ ଅକ୍ଟୋବରରେ ମା ସ୍କନ୍ଦମାତାଙ୍କ ପୂଜା କରାଯିବ । ୧୬ ଅକ୍ଟୋବରରେ ମା କାତ୍ୟାୟନୀଙ୍କ ପୂଜା କରାଯିବ । ୧୭ ଅକ୍ଟୋବରରେ ମା କାଳରାତ୍ରିଙ୍କ ପୂଜା କରାଯିବ । ୧୮ ଅକ୍ଟୋବରରେ ଅଷ୍ଟମ ଦିନରେ ମା ମହାଗୌରୀଙ୍କ ପୂଜା କରାଯିବ । ଏହି ଦିନ ଅନେକ ସ୍ଥାନରେ କନ୍ୟା ପୂଜନ ମଧ କରାଯାଏ । ୧୯ ଅକ୍ଟୋବରରେ ଅର୍ଥାତ୍ ନବରାତ୍ରିର ନବମ ଦିନରେ ମା ସିଦ୍ଧିଦାତ୍ରୀଙ୍କ ପୂଜା କରାଯିବ । ଏହି ଦିନ ମହାନବମୀ ପର୍ବ ପାଳିତ ହେବ। ଏଥର ନବରାତ୍ରିର ଅଷ୍ଟମୀ ଉଭୟ ଦିନ ଅର୍ଥାତ୍ ୧୮ ଏବଂ ୧୯ ତାରିଖରେ ପାଳନ କରାଯାଇପାରିବ।

ଅଷ୍ଟମୀରେ ମା ମହାଗୌରୀଙ୍କୁ ପୂଜା କରାଯିବ। ଅନେକ ଘରେ ଅଷ୍ଟମୀରେ କନ୍ୟା ପୂଜନ ଓ ହବନ କରାଯାଏ । ପଞ୍ଜାବରେ, ଅଷ୍ଟମୀ ତିଥି ୧୯ ଅକ୍ଟୋବର ସୋମବାର ସକାଳ ୧୦:୫୨ ପର୍ଯ୍ୟନ୍ତ ରହିବ । ତେଣୁ, ଉଦୟ ସମୟ ଅନୁସାରେ, ସୋମବାର ହିଁ ଅଷ୍ଟମୀ ପାଳନ କରାଯିବ । ଏହା ପରେ, ସେହି ଦିନ ମହାନବମୀ ମଧ ପାଳନ କରାଯାଇପାରିବ । ନବମୀରେ ମା ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ନବରାତ୍ରି ଉପବାସ ପାଳନ କରୁଥିବା ଅନେକ ଭକ୍ତ ଏହି ଦିନ କନ୍ୟା ପୂଜନ ପରେ ଉପବାସ ଭଙ୍ଗ କରନ୍ତି। ତଥାପି ପରିବାର ଓ ଅଞ୍ଚଳ ଅନୁସାରେ ଉପବାସ ଭାଙ୍ଗିବାର ପରମ୍ପରା ଭିନ୍ନ ହୋଇପାରେ ।

ନବରାତ୍ରିର ନଅ ଦିନ ମଧରେ ଦେବୀ ଦୁର୍ଗାଙ୍କ ବିଭିନ୍ନ ରୂପକୁ ପୂଜା କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ପ୍ରତ୍ୟେକ ଦିନ ଦେବୀଙ୍କୁ ବିଶେଷ ନୈବେଦ୍ୟ ଅର୍ପଣ କରାଯାଏ । ନବରାତ୍ରିର ନଅ ଦିନ ମଧରେ କେଉଁ ରୂପ ପାଇଁ କେଉଁ ନୈବେଦ୍ୟ ଶୁଭ ବୋଲି ବିବେଚନା କରାଯାଏ ।

ନବରାତ୍ରିର ପ୍ରଥମ ଦିନରେ ଦେବୀ ଶୈଳପୁତ୍ରୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ଶୁଦ୍ଧ ଗାଈ ଘିଅ ଅର୍ପଣ କରିବାର ପରମ୍ପରା ଅଛି । ବିଶ୍ୱାସ ଅନୁଯାୟୀ ଦେବୀ ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧିର ଇଚ୍ଛା ପୂରଣ ହୁଏ । ଭକ୍ତମାନେ ଭକ୍ତିର ସହିତ ଦେବୀଙ୍କୁ ଘିଅ ଅର୍ପଣ କରନ୍ତି ଓ ତା'ପରେ ପ୍ରସାଦ ଗ୍ରହଣ କରନ୍ତି । ଦ୍ୱିତୀୟ ଦିନରେ ଦେବୀ ବ୍ରହ୍ମଚାରିଣୀଙ୍କୁ ପୂଜା କରାଯାଏ। ଏହି ଦିନ ଦେବୀଙ୍କୁ ଚିନି, ମିଠା କିମ୍ବା ପଞ୍ଚାମୃତ ଅର୍ପଣ କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ ବ୍ରହ୍ମଚାରିଣୀଙ୍କୁ ମିଠା ଅର୍ପଣ କରି ଦାନ କରିବା ଦ୍ୱାରା ଦୀର୍ଘାୟୁ ଓ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ନବରାତ୍ରିର ତୃତୀୟ ଦିନରେ ମା ଚନ୍ଦ୍ରଘଣ୍ଟାଙ୍କୁ ପୂଜା କରାଯାଏ। ଏହି ଦିନ କ୍ଷୀର ଓ କ୍ଷୀର ଆଧାରିତ ମିଠା ଅର୍ପଣ କରିବାର ପରମ୍ପରା ଅଛି । ବିଶେଷ ଭାବରେ ଦେବୀଙ୍କୁ ଖୀର ଅର୍ପଣ କରାଯାଏ । ଏହା ବିଶ୍ୱାସ କରାଯାଏ ଯେ ମା ଚନ୍ଦ୍ରଘଣ୍ଟାଙ୍କୁ କ୍ଷୀର ଆଧାରିତ ନୈବେଦ୍ୟ ଅର୍ପଣ କରିବା ଦ୍ୱାରା ଜୀବନରେ ସୁଖ ଓ ଶାନ୍ତି ଆସିଥାଏ ଓ ନକାରାତ୍ମକ ପରିସ୍ଥିତିରୁ ମୁକ୍ତି ମିଳିଥାଏ ।

ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ମାଲପୁଆ ଅର୍ପଣକୁ ପବିତ୍ର ବୋଲି ବିଶ୍ୱାସ କରାଯାଏ। ପୂଜା ପରେ, ମାଲପୁଆ ଭୋଗକୁ ଅଭାବୀ କିମ୍ବା ଯୋଗ୍ୟ ବ୍ୟକ୍ତିଙ୍କୁ ଦାନ କରିବାର ମଧ ପରମ୍ପରା ଅଛି । ଧାର୍ମିକ ବିଶ୍ୱାସ ଅନୁସାରେ, ଏହା ଜ୍ଞାନ ଓ ବିଚକ୍ଷଣତା ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ । ପଞ୍ଚମ ଦିନରେ ଦେବୀ ସ୍କନ୍ଦମାତା ପାଳନ କରାଯାଏ। ଏହି ଦିନ ଦେବୀଙ୍କୁ କଦଳୀ ଅର୍ପଣ କରାଯାଏ। ପୂଜା ପରେ, କଦଳୀକୁ ପ୍ରସାଦ ଭାବରେ ବଣ୍ଟନ କରିବାର ପରମ୍ପରା ଅଛି। ବିଶ୍ୱାସ ଅନୁସାରେ, ଦେବୀ ସ୍କନ୍ଦମାତାଙ୍କୁ କଦଳୀ ଅର୍ପଣ କରିବା ଦ୍ୱାରା ଜ୍ଞାନ, ସୁଖ ଓ ସମୃଦ୍ଧି ମିଳିଥାଏ।

ଷଷ୍ଠ ଦିନ ଦେବୀ କାତ୍ୟାୟନୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ମହୁ ଅର୍ପଣ କରିବାର ପରମ୍ପରା ରହିଛି। ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ କାତ୍ୟାୟନୀଙ୍କୁ ମହୁ ଅର୍ପଣ କରିବା ଦ୍ୱାରା ଜୀବନରେ ମଧୁରତା ଓ ସକାରାତ୍ମକତା ଆସିଥାଏ । ଭକ୍ତମାନେ ଶ୍ରଦ୍ଧାର ସହିତ ମହୁ ଅର୍ପଣ କରିବା ପରେ ଏହାର ପ୍ରସାଦ ଗ୍ରହଣ କରନ୍ତି । ସପ୍ତମ ଦିନ ନବରାତ୍ରିରେ ଦେବୀ କାଳରାତ୍ରିଙ୍କୁ ଗୁଡ଼ ମା କାଳରାତ୍ରିଙ୍କ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ଗୁଡ଼ ଅର୍ପଣ କରାଯାଏ। କିମ୍ବଦନ୍ତୀ ଅନୁସାରେ, ଦେବୀ କାଳରାତ୍ରିଙ୍କୁ ପୂଜା କରାଯାଏ। ବିଶ୍ୱାସ କରାଯାଏ ଯେ ଗୁଡ଼ ଅର୍ପଣ କରିବା ଦ୍ୱାରା ଭୟ ଏବଂ ନକାରାତ୍ମକତା ଦୂର ହୁଏ । ପୂଜା ପରେ ପ୍ରସାଦ ଭାବରେ ଗୁଡ଼ ବଣ୍ଟନ କରିବା ଏକପ୍ରକାର ଶୁଭ ବୋଲି ବିବେଚନା କରାଯାଏ ।

ଅଷ୍ଟମ ଦିନ ମହାଗୌରୀ ଦେବୀଙ୍କୁ ନଡ଼ିଆ ଅଷ୍ଟମୀ ତିଥିରେ ଦେବୀ ମହାଗୌରୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବାର ପରମ୍ପରା ରହିଛି। ଅନେକ ସ୍ଥାନରେ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବା ପରେ ପ୍ରସାଦ ଭାବରେ ବଣ୍ଟନ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ମହାଗୌରୀ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବା ଦ୍ୱାରା ମନସ୍କାମନା ପୂରଣ ହୁଏ ଓ ପରିବାରରେ ଶାନ୍ତି ଓ ସୁଖ ଆଣେ ବୋଲି ବିଶ୍ୱାସ କରାଯାଏ ।

ନବମ ଦିନ: ଦେବୀ ସିଦ୍ଧିଦାତ୍ରୀଙ୍କୁ ଶସ୍ୟ ଓ ହାଲୱା-ପୁରୀ ଅର୍ପଣ - ନବରାତ୍ରିର ଶେଷ ଦିନରେ ଦେବୀ ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ଏହି ଦିନ, ହାଲୱା, ଚଣା, ପୁରୀ, ଖୀର ଓ ପୁଆ ଭଳି ଦେବୀ ପ୍ରସାଦ ଅର୍ପଣ କରିବାର ପରମ୍ପରା ଅଛି। ତା'ପରେ ଏହି ପ୍ରସାଦ ଝିଅ, ଅଭାବୀ ଓ ଅନ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ଏପରି କରିବା ଦ୍ୱାରା ଜୀବନରେ ସୁଖ,ଶାନ୍ତି ଓ ସମୃଦ୍ଧିର ଇଚ୍ଛା ପୂରଣ ହୁଏ।

ନବରାତ୍ରି ପରେ, ବିଜୟାଦଶମୀ, ବା ଦଶହରା, ମଙ୍ଗଳବାର, ଅକ୍ଟୋବର ୨୦ ତାରିଖରେ ପାଳିତ ହେବ। ଏହି ଦିନ, ଦେବୀ ଦୁର୍ଗାଙ୍କ ପୂଜା କରିବା ପରେ, ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ କରାଯାଏ । ଦଶହରାରେ ରାବଣ, କୁମ୍ଭକର୍ଣ୍ଣ ଓ ମେଘନାଦଙ୍କ ପ୍ରତିମୂର୍ତ୍ତି ଜାଳିବାର ମଧ ପରମ୍ପରା ଅଛି । ହିନ୍ଦୁ ଧର୍ମରେ, ବିଜୟାଦଶମୀ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ । ଏହି ଦିନ ପ୍ରଭୁ ରାମ ରାବଣଙ୍କୁ ବଧ କରିଥିଲେ। ଦେବୀ ପରମ୍ପରାରେ, ଏହାକୁ ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟ ଭାବରେ ପାଳନ କରାଯାଏ । ଏହି ପର୍ବ ସହିତ ଜଡିତ ଓ ଶାସ୍ତ୍ର ଅନୁସାରେ ସନ୍ଧି ପୂଜାର ଶୁଭ ସମୟ ହେଉଛି ଅକ୍ଟୋବର ୧୯ ତାରିଖ ସୋମବାର ସକାଳ ୧୦:୨୭ ରୁ ୧୧:୧୫ ପର୍ଯ୍ୟନ୍ତ। ଏହି ସନ୍ଧି ସମୟରେ ଦେବୀ ଦୁର୍ଗା ଚାମୁଣ୍ଡା ରୂପ ଧାରଣ କରି ଚଣ୍ଡ ଓ ମୁଣ୍ଡ ରାକ୍ଷସମାନଙ୍କୁ ବଧ କରିଥିଲେ। ତେଣୁ, ସନ୍ଧି ପୂଜା ସମୟରେ, ୧୦୮ଟି ଦୀପ ଜଳାଇ ଓ ୧୦୮ଟି ପଦ୍ମ ଫୁଲ ଅର୍ପଣ କରି ଦେବୀଙ୍କୁ ଶାନ୍ତ କରାଯାଏ... !

# ମହାସପ୍ତମୀର କରାଳ ରୂପିଣୀ ଦେବୀ କାଳରାତ୍ରୀ

ଶାରଦୀୟ ନବରାତ୍ରୀ ପୂଜାର ସପ୍ତମ ଦିନ ବା ମହାସପ୍ତମୀ ହେଉଛି ଆଧ୍ୟାତ୍ମିକ ସାଧନାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ରହସ୍ୟମୟ ମୁହୂର୍ତ୍ତ। ଏହି ପବିତ୍ର ତିଥିରେ ଜଗତଜନନୀ ମା' ଦୁର୍ଗାଙ୍କ ସପ୍ତମ ସ୍ୱରୂପ ଦେବୀ କାଳରାତ୍ରୀଙ୍କ ପୂଜା ଅର୍ଚ୍ଚନା କରାଯାଇଥାଏ। ଦେବୀଙ୍କର ଏହି ରୂପ ଅତ୍ୟନ୍ତ ଭୟଙ୍କର, କୃଷ୍ଣବର୍ଣ୍ଣ ଏବଂ ବିକରାଳ ହୋଇଥିଲେ ମଧ ସେ ନିଜ ଭକ୍ତମାନଙ୍କ ପାଇଁ ସଦାସର୍ବଦା ମଙ୍ଗଳମୟୀ ଏବଂ କଲ୍ୟାଣକାରୀ। ସେଥିପାଇଁ ତାଙ୍କୁ 'ଶୁଭଙ୍କରୀ' ବୋଲି ମଧ କୁହାଯାଏ। ନବରାତ୍ରୀର ଅନ୍ୟାନ୍ୟ ଦିନଗୁଡ଼ିକ ତୁଳନାରେ ଏହି ସପ୍ତମ ଦିନର ପୂଜା ସନାତନ ସଂସ୍କୃତିରେ ଏକ ଭିନ୍ନ ଓ ଗଭୀର ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରେ। ଭାରତୀୟ ପୁରାଣ ଓ ଶାସ୍ତ୍ର ଅନୁଯାୟୀ, ଦେବୀ କାଳରାତ୍ରୀଙ୍କ ରୂପ ଦେଖିବାକୁ କୃଷ୍ଣ ଜୀମୂତ ସଦୃଶ ଅର୍ଥାତ ଗାଢ଼ କଳା। ତାଙ୍କର କେଶରାଶି ବିଛୁରିତ ହୋଇ ରହିଥାଏ। ଗଳାରେ ବିଦ୍ୟୁତ ଭଳି ଚମକୁଥିବା ଏକ ଚମତ୍କାର ମାଳା ଶୋଭା ପାଇଥାଏ। ତାଙ୍କର ତିନୋଟି ନେତ୍ର ରହିଛି, ଯାହା ବ୍ରହ୍ମାଣ୍ଡ ଭଳି ଗୋଲାକାର ଏବଂ ସେଥିରୁ ସର୍ବଦା ବିଦ୍ୟୁତ ଭଳି କିରଣ ନିର୍ଗତ ହେଉଥାଏ। ମା'ଙ୍କ ନିଶ୍ୱାସ ପ୍ରଶ୍ୱାସରୁ ଭୟଙ୍କର ଅଗ୍ନିଶିଖା ବାହାରୁଥାଏ। ସେ ଗୋଟିଏ ଗଧ ଉପରେ ସବାର ହୋଇଥାନ୍ତି। ମା'ଙ୍କର ଚାରୋଟି ହାତ ରହିଛି। ତାଙ୍କର ଡାହାଣ ପଟର ଉପର ହାତ ବରମୁଦ୍ରାରେ ଏବଂ ତଳ ହାତ ଅଭୟମୁଦ୍ରାରେ ଥାଏ, ଯାହା ଭକ୍ତମାନଙ୍କୁ ସମସ୍ତ ପ୍ରକାରର ଭୟ ଓ ସଙ୍କଟରୁ ରକ୍ଷା କରିବାର ଆଶ୍ୱାସନା ଦିଏ। ବାମ ପଟର ଉପର ହାତରେ ସେ ଲୁହାର କଣ୍ଟା ଏବଂ ତଳ ହାତରେ ଖଡ୍‌ଗ ବା କଟାରୀ ଧାରଣ କରିଥାନ୍ତି। ଦେବୀଙ୍କର ଏହି ଭୟଙ୍କର ରୂପ ବାସ୍ତବରେ ଦୁଷ୍ଟଶକ୍ତି, ଅସୁର, ଏବଂ ନକାରାତ୍ମକ ଶକ୍ତିଗୁଡ଼ିକୁ ଭୟଭୀତ କରିବା ପାଇଁ ଉଦ୍ଦିଷ୍ଟ, ଭକ୍ତମାନଙ୍କ ପାଇଁ ଏହା ଅପାର କରୁଣାର ଉତ୍ସ।



ପୌରାଣିକ କଥା ଅନୁଯାୟୀ, ଯେତେବେଳେ ମହିଷାସୁର, ରକ୍ତବୀଜ ଏବଂ ଚଣ୍ଡ-ମୁଣ୍ଡ ଭଳି ଭୟଙ୍କର ରାକ୍ଷସମାନେ ସ୍ୱର୍ଗ ଓ ମର୍ତ୍ତ୍ୟଲୋକରେ ଆତଙ୍କ ସୃଷ୍ଟି କଲେ, ସେତେବେଳେ ସମସ୍ତ ଦେବତା ଶରଣାଗତ ହୋଇ ଭଗବତୀଙ୍କୁ ପ୍ରାର୍ଥନା କରିଥିଲେ। ବିଶେଷ କରି ରକ୍ତବୀଜର ଏକ ଅଦ୍ଭୁତ ଶକ୍ତି ଥିଲା ଯେ ତାର ଶରୀରରୁ ବୁନ୍ଦାଏ ରକ୍ତ ଭୂମିରେ ପଡ଼ିଲେ, ସେଥିରୁ ତତ୍‌କ୍ଷଣାତ ସେହିଭଳି ହଜାର ହଜାର ରକ୍ତବୀଜ ସୃଷ୍ଟି ହେଉଥିଲେ। ଏହାଦ୍ୱାରା ଅସୁର ସେନା ଅଜେୟ ହୋଇଉଠିଥିଲେ।

ଏହି ସଙ୍କଟରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ଦେବୀ ଦୁର୍ଗା ନିଜର ତେଜରୁ କାଳରାତ୍ରୀଙ୍କୁ ପ୍ରକଟ କଲେ। ମା' କାଳରାତ୍ରୀ ଯୁଦ୍ଧକ୍ଷେତ୍ରରେ ରକ୍ତବୀଜର ରକ୍ତ ଭୂମିରେ ପଡ଼ିବା ପୂର୍ବରୁ ନିଜ ମୁଖରେ ତାହାକୁ ଶୋଷି ନେଲେ ଏବଂ ସମସ୍ତ ଅସୁରଙ୍କୁ ସଂହାର କଲେ। ଏହିପରି ଭାବେ ଅଧର୍ମ ଉପରେ ଧର୍ମର ବିଜୟ ହେଲା ଏବଂ ମହାସପ୍ତମୀ ତିଥିରେ ମା'ଙ୍କର ଏହି ବିଜୟୀ ସ୍ୱରୂପକୁ ପୂଜା କରିବାର ପରମ୍ପରା ଆରମ୍ଭ ହେଲା।

ତନ୍ତ୍ର ଏବଂ ଯୋଗ ଶାସ୍ତ୍ରରେ ନବରାତ୍ରୀର ସପ୍ତମ ଦିନକୁ ଅତ୍ୟନ୍ତ ଗୁପ୍ତ ଓ ଶକ୍ତିଶାଳୀ ମନାଯାଏ। ଏହି ଦିନ ସାଧକଙ୍କ ମନ 'ସହସ୍ରାର ଚକ୍ର' ବା 'ଆଜ୍ଞା ଚକ୍ର'ରେ ପ୍ରବେଶ କରିଥାଏ। ମା' କାଳରାତ୍ରୀଙ୍କ ଆରାଧନା ଦ୍ୱାରା ବ୍ରହ୍ମାଣ୍ଡର ସମସ୍ତ ସିଦ୍ଧିର ଦ୍ୱାର ଉନ୍ମୁକ୍ତ ହୁଏ। ଯେଉଁ ସାଧକମାନେ କଠିନ ତପସ୍ୟା କରନ୍ତି, ସେମାନେ ଏହି ଦିନ ମା'ଙ୍କ କୃପାରୁ ଲୌକିକ ତଥା ପରଲୌକିକ ଶକ୍ତି ପ୍ରାପ୍ତ ହୁଅନ୍ତି। ମା' କାଳରାତ୍ରୀ ହେଉଛନ୍ତି ସମୟ (କାଳ)ର ମଧ ନିୟନ୍ତ୍ରଣକାରୀ। ଆମ ଜୀବନର ସବୁଠାରୁ ବଡ଼ ଭୟ ହେଉଛି ମୃତ୍ୟୁର ଭୟ। ମା'ଙ୍କ ପୂଜା କଲେ ମୃତ୍ୟୁର ଭୟ ଦୂର ହୁଏ ଏବଂ ମନରେ ଅପୂର୍ବ ସାହସ ସୃଷ୍ଟି ହୁଏ। ସେ ଜୀବନର ସମସ୍ତ ଅନ୍ଧକାରକୁ ଦୂର କରି ଆଲୋକର ମାର୍ଗ ପ୍ରଦର୍ଶନ କରନ୍ତି।

ଦେବୀ କାଳରାତ୍ରୀଙ୍କୁ 'ଶୁଭଙ୍କରୀ' କୁହାଯିବାର ତାତ୍ପର୍ଯ୍ୟ ହେଉଛି, ତାଙ୍କ ପୂଜା ଦ୍ୱାରା କେବେ ହେଲେ କୌଣସି ଅମଙ୍ଗଳ ହୁଏ ନାହିଁ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଦେବୀ କାଳରାତ୍ରୀ ଶନି ଗ୍ରହକୁ ନିୟନ୍ତ୍ରଣ କରନ୍ତି। ଯେଉଁ ବ୍ୟକ୍ତିଙ୍କ ଜାତକରେ ଶନିଙ୍କ ସାଢ଼େସାତୀ, ଢ଼େୟା ବା ଶନି ମହାଦଶା ଚାଲିଥାଏ ଏବଂ ସେମାନେ ଜୀବନରେ ନାନା ବାଧାବିଘ୍ନର ସାମ୍ନା କରୁଥାନ୍ତି, ମହାସପ୍ତମୀ ଦିନ ମା' କାଳରାତ୍ରୀଙ୍କ ଶରଣାପନ୍ନ ହେଲେ ସମସ୍ତ ଗ୍ରହଦୋଷ ଖଣ୍ଡନ ହୋଇଥାଏ। ଏହା ବ୍ୟତୀତ, ଭୂତ-ପ୍ରେତ, ବାଧା, ଡାକିନୀ-ଶାକିନୀ ଏବଂ ଶତ୍ରୁଭୟ ମା'ଙ୍କ ନାମ ସ୍ମରଣ ମାତ୍ରକେ ଦୂର ହୋଇଯାନ୍ତି। ଅଗ୍ନିଭୟ, ଜଳଭୟ, ହିଂସ୍ର ଜନ୍ତୁଙ୍କ ଭୟ ଏବଂ ମାନସିକ ଅବସାଦରୁ ରକ୍ଷା ପାଇବା ପାଇଁ ମା'ଙ୍କ ମନ୍ତ୍ର ଜପ କରିବା ଅମୋଘ ଅସ୍ତ୍ର ସଦୃଶ କାମ କରେ।

ମହାସପ୍ତମୀ ଦିନ ସକାଳୁ ଶୀଘ୍ର ସ୍ନାନ ସାରି ନିର୍ମଳ ବସ୍ତ୍ର ପରିଧାନ କରି ମା'ଙ୍କ ପୂଜା ଆରମ୍ଭ କରାଯାଏ। ଏହି ଦିନ ତାନ୍ତ୍ରିକ ସାଧନାରେ ନିଶା ପୂଜାର ବିଶେଷ ମହତ୍ତ୍ୱ ରହିଛି, ଯାହା ମଧ୍ୟରାତ୍ରିରେ କରାଯାଇଥାଏ। ପୂଜା ସମୟରେ ମା'ଙ୍କର ନିମ୍ନବର୍ଣ୍ଣିତ ପ୍ରସିଦ୍ଧ ମନ୍ତ୍ରକୁ ପାଠ କରାଯାଏ।

'ଏକବେଣୀ ଜପାକର୍ଣ୍ଣପୂରା ନଗ୍ନା ଖରାସ୍ଥିତା।
ଲମ୍ବୋଷ୍ଠୀ କର୍ଣ୍ଣିକାକର୍ଣ୍ଣୀ ତୈଳାଭ୍ୟକ୍ତଶରୀରିଣୀ।
ବାମପାଦୋଲ୍ଲସଲ୍ଲୋହଲତାକଣ୍ଟକଭୂଷଣା।
ବର୍ଦ୍ଧନମୂର୍ଦ୍ଧଧ୍ୱଜା। କୃଷ୍ଣା। କାଳରାତ୍ରୀର୍ଭୟଙ୍କରୀ ?'

ମା' କାଳରାତ୍ରୀଙ୍କୁ ରକ୍ତ ଜବା (ନାଲି ମନ୍ଦାର) ପୁଷ୍ପ ଅତ୍ୟନ୍ତ ପ୍ରିୟ। ଏହି ଦିନ ମା'ଙ୍କୁ ଗୁଡ଼ (ପେଡ଼ା ବା ଗୁଡ଼ ପ୍ରସ୍ତୁତ ମିଠା) ଭୋଗ ଲଗାଯାଏ। ଏହାଦ୍ୱାରା ଶରୀର ଓ ମନରୁ ଦରିଦ୍ରତା ଦୂର ହୁଏ ଏବଂ ଜୀବନରେ ସୁଖ ସମୃଦ୍ଧି ଆସେ ବୋଲି ବିଶ୍ୱାସ ରହିଛି। ଆଜିର ବ୍ୟସ୍ତବହୁଳ ଏବଂ ପ୍ରତିଯୋଗିତାମୂଳକ ଜୀବନରେ ମଣିଷ ପ୍ରତି ମୁହୂର୍ତ୍ତରେ ଅଜ୍ଞାତ ଭୟ, ଚିନ୍ତା ଏବଂ ନକାରାତ୍ମକତାର ଶିକାର ହେଉଛି। ଆମ ଭିତରେ ଥିବା କ୍ରୋଧ, ଈର୍ଷା, ଅହଂକାର ଏବଂ ଲୋଭ ହେଉଛନ୍ତି ଆଧୁନିକ ଯୁଗର 'ରକ୍ତବୀଜ' ଓ 'ମହିଷାସୁର'। ଏହି ଆନ୍ତରିକ ଅସୁରମାନଙ୍କୁ ସଂହାର କରିବା ପାଇଁ ଆମକୁ ନିଜ ଭିତରେ ମା' କାଳରାତ୍ରୀଙ୍କ ଶକ୍ତିକୁ ଜାଗ୍ରତ କରିବାକୁ ହେବ। ମା'ଙ୍କର ବିକରାଳ ରୂପ ଆମକୁ ଶିକ୍ଷା ଦିଏ ଯେ, ବାହ୍ୟ ସୌନ୍ଦର୍ଯ୍ୟ ଅପେକ୍ଷା ଆନ୍ତରିକ ସତ୍ୟ ଓ ଶକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ। ସେ ସମସ୍ତ ମାୟାବୀ ଆବରଣକୁ ହଟାଇ ମଣିଷକୁ ନିଜର ପ୍ରକୃତ ସ୍ୱରୂପ ଚିହ୍ନିବାରେ ସାହାଯ୍ୟ କରନ୍ତି। ଯେତେବେଳେ ଜୀବନର ସମସ୍ତ ବାଟ ବନ୍ଦ ହୋଇଗଲା ପରି ମନେହୁଏ, ସେତେବେଳେ 'ଶୁଭଙ୍କରୀ' ମା' କାଳରାତ୍ରୀ ନିଜ ଭକ୍ତର ହାତ ଧରି ଅନ୍ଧାର ଭିତରୁ ଆଲୋକକୁ ବାଟ କଢ଼ାଇ ନିଅନ୍ତି।

ମହାସପ୍ତମୀର ଏହି ପବିତ୍ର ଅବସରରେ ଆସନ୍ତୁ ଆମେ ସମସ୍ତେ ମା' କାଳରାତ୍ରୀଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପଣ କରିବା। ମା' ଆମ ମନରୁ ଭୟ, ଶରୀରରୁ ବ୍ୟାଧି ଏବଂ ସମାଜରୁ ଅଧର୍ମକୁ ନାଶ କରନ୍ତୁ। ତାଙ୍କର ଅଭୟ ମୁଦ୍ରା ସମଗ୍ର ବିଶ୍ୱକୁ ଶାନ୍ତି ଓ କଲ୍ୟାଣ ପ୍ରଦାନ କରୁ। କାଳରାତ୍ରୀଙ୍କ ଆରାଧନା କେବଳ ଏକ ରୀତିନୀତି ନୁହେଁ, ବରଂ ଏହା ଆତ୍ମଶୁଦ୍ଧି ଏବଂ ପରମ ଚେତନା ସହ ସଂଯୋଗ ହେବାର ଏକ ସୁବର୍ଣ୍ଣ ସୁଯୋଗ। ଜଗତର କଲ୍ୟାଣ ହେଉ, ମା' ଶୁଭଙ୍କରୀ ସମସ୍ତଙ୍କ ଜୀବନକୁ ମଙ୍ଗଳମୟ କରନ୍ତୁ।

'ଯା ଦେବୀ ସର୍ବଭୂତେଷୁ ମା କାଳରାତ୍ରୀ ରୂପେଣ ସଂସ୍ଥିତା।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ?'



ଦିଲ୍ଲୀପ କୁମାର ସାହୁ
ବରିଷ୍ଠ ସାମ୍ବାଦିକ, 'ପ୍ରଫୁଲ୍ଲ ଭବନ',
ଡିମ୍ବୋ, କେନ୍ଦୁଝର-୭୫୮୦୧୪

# ସ୍ତ୍ରୀୟଃ ସମସ୍ତା ସକଳା ଜଗତ୍ସୁ

ବିଶ୍ୱର ସର୍ବୋଚ୍ଚ ଭାରତୀୟ ସଂସ୍କୃତି ଯୁଗେ ଯୁଗେ ମାତୃଶକ୍ତି କି ଆଦ୍ୟାଶକ୍ତିର ମାନ୍ୟତା ଦେଇ ଆସିଛି। ଯେଉଁ ଠାରେ ଆଦ୍ୟାଶକ୍ତିର ଉପାସନା କରାଯାଏ, ସେଠାରେ ସବୁକିଛି ମାଙ୍ଗଳିକ ହୋଇଥାଏ। ବହୁ ପ୍ରାଚୀନ କାଳରୁ ଉପାସନା, ଉପାସ୍ୟ ଏବଂ ଉପାସକ ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗରୂପେ ବିଦ୍ୟମାନ। ଉପାସନାର ଲକ୍ଷ୍ୟ ପଥପ୍ରଦର୍ଶକ। ଉପାସ୍ୟର ପ୍ରତୀକ ନିଜ ନିଜ ଆଦର୍ଶ ରେ ସାଧକକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପ୍ରେରିତ କରିଥାଏ। ସାଧକ ବା ଉପାସକ ଯଥାର୍ଥରେ ସେହି ଉପାସ୍ୟର ଉପାସନା କରି ସିଦ୍ଧି ଲାଭ କରିଥାଏ। ଏହି ଅନୁସାରେ ଭାରତୀୟ ସାଧକ ନିଜ ଉପାସ୍ୟଙ୍କୁ କେନ୍ଦ୍ର କରି ସାଧକ ହୋଇଥାନ୍ତି।

ଆବହମାନ କାଳରୁ ଭାରତରେ ମାତୃଶକ୍ତିର ଉପାସନା ପ୍ରଚଳିତ। ଉପାସକ ନିଜେ ମାତୃଶକ୍ତି ଉପରେ ନିଜ ମାଆ କୁ ପୂଜା କରିବା ସହ ଭଗବତୀ ଜଗତ ଜନନୀ ଦୁର୍ଗାଙ୍କୁ ପୂଜା କରି ଆସୁଛନ୍ତି। ଶଙ୍କରାଚାର୍ଯ୍ୟ ଦେବ୍ୟପରାଧ କ୍ଷମାପନ ସ୍ତୋତ୍ର ରେ ବର୍ଣ୍ଣନା କରିଛନ୍ତି।



ପୃଥିବ୍ୟାମ ପୁତ୍ରାସ୍ତେ ଜନନୀ ବହବଃ
ସନ୍ତି ସରଳାଃ
ପରମ୍ ତେଷାମ୍ ମଧ୍ୟେ ବିରଳ
ତରଳୋହଂ ନ ତବସୁତଃ ।

ମାତୃଶକ୍ତିର ଅଭ୍ୟୁଦୟ ହିଁ ସଂସାର ରକ୍ଷା କରିବାର ଏକ ପ୍ରକୃଷ୍ଟ ଶକ୍ତି। ସାଧୁ ସନ୍ଥଙ୍କ ସୁରକ୍ଷା, ଅସାଧୁଙ୍କ ନିଧନ, ଧର୍ମପ୍ରତିଷ୍ଠା ପାଇଁ ପରଂବ୍ରହ୍ମ ବିଷ୍ଣୁଙ୍କ ପରି ଆଦ୍ୟାଶକ୍ତି ମା' ଦୁର୍ଗାଙ୍କର ଆବିର୍ଭାବ ହୁଏ। ଦେବୀଙ୍କର ଆରାଧନାରେ ବା ଉପାସନାରେ ମନୁଷ୍ୟର ଆତ୍ମଗ୍ଲାନି, ଅସୂୟା, ଈର୍ଷା, ଦ୍ୱେଷ, ପରୋକ୍ଷ ବଚନ, ମିଥ୍ୟା, କ୍ରୋଧ, ଅଭିମାନ, ନାସ୍ତିକତା ଆଦି ଦୂରୀଭୂତ ହୋଇଥାଏ। ଦୁର୍ଗା ହେଉଛନ୍ତି ଯୋଗମାୟା, ସୃଷ୍ଟିକାରିଣୀ, ପରମ ମାୟା ଶକ୍ତି। ସପ୍ତଶତୀ ଚଣ୍ଡୀ ରେ ଉଲ୍ଲେଖ ଅଛି -

ତ୍ୱଂ ବୈଷ୍ଣବୀ ଶକ୍ତି ରନନ୍ତ ବୀର୍ଯ୍ୟା।
ବିଶ୍ୱସ୍ୟ ବୀଜଂ ପରମାସି ମାୟା।।

ସମସ୍ତ ବୀଜର ମୂଳକାରଣ ରହସ୍ୟମୟୀ ମା ଭଗବତୀ ଧରାପୃଷ୍ଠରେ ପଦାର୍ପଣ କରନ୍ତି ସମସ୍ତଙ୍କ ଦୁଃଖକୁ ଦୂରୀଭୂତ କରିବା ପାଇଁ। ଦୁର୍ଗର ଅର୍ଥ ଦୁଃଖ। ଯେ ସକଳ ଦୁଃଖ, ଏବଂ ବିଘ୍ନକୁ ବିନାଶ କରନ୍ତିଛ ସେ ହେଉଛନ୍ତି ଦୁର୍ଗା। ସମସ୍ତ ଲୋକ ଦୁର୍ଗାଙ୍କୁ ଅତି ଆନନ୍ଦର ଏବଂ ଭକ୍ତିର ସହ ପୂଜା କରିଥାନ୍ତି। ସମସ୍ତଙ୍କ ପରିଜନଙ୍କ ମଧ୍ୟରେ ମାଆ ଯେପରି ସନ୍ତାନକୁ ଅଧିକ ସ୍ନେହ, ଶ୍ରଦ୍ଧା ଦେଇଥାଏ, ସେହିପରି ସକଳ ଦେବାଦେବୀଙ୍କ ମଧ୍ୟରୁ ଦେବୀ ନିଜ ସନ୍ତାନଙ୍କୁ ଅଧିକ ସ୍ନେହ ଓ କରୁଣା ବୃଷ୍ଟି ଦେଇଥାନ୍ତି। ଆବଶ୍ୟକ ପଡ଼ିଲେ ଉଦ୍ଧତ ସନ୍ତାନମାନଙ୍କୁ ମଧ ଦଣ୍ଡ ଦେଇଥାନ୍ତି। ମହିଷାସୁରର ପ୍ରତାପରେ ସନ୍ତ୍ରାସିତ ଦେବଗଣଙ୍କୁ ରକ୍ଷା କରିବା ପାଇଁ ଦୁର୍ଗା ଅବତୀର୍ଣ୍ଣ ହୁଅନ୍ତି। ତେଣୁ ମାତୃଶକ୍ତିର ମହିମା ସର୍ବଜନ ବିଦିତ। ବିଶ୍ୱରେ ଶାନ୍ତି, ସହୃଦୟତା, ମୈତ୍ରୀ, ସୁଖ, ଆନନ୍ଦ ପ୍ରତିଷ୍ଠା କରିବାରେ ମାତୃଶକ୍ତିର ଭୂମିକା ଅଗ୍ରଣୀ। ସେଥିପାଇଁ ସପ୍ତଶତୀ ଚଣ୍ଡୀ କହନ୍ତି ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା।



ବୈଷ୍ଣବ ଚରଣ ଦାଶ
ବୀରଧନଞ୍ଜୟ ପୁର , ଶାସନ ବୁଗୁଡ଼ା
ଗଞ୍ଜାମ-୯୭୭୬୫୩୪୯୩୦



## ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

# ସଠିକ୍ ଖାଦ୍ୟ ଖାଆନ୍ତୁ, ସୁସ୍ଥ ଜୀବନଯାପନ କରନ୍ତୁ



ରଣପୁର, ୧୨/୧୦(ଅକ୍ଷର ଓଡ଼ିଶା): ଓଡ଼ିଶା ସରକାରଙ୍କ ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ୍ରମେ ରଣପୁର ବ୍ଲକ ଅନ୍ତର୍ଗତ ପିମ୍ପଲ ଗ୍ରାମ ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ମହାସଂଘର ସମ୍ପାଦିକା ଊର୍ମିଳା ତ୍ରିପାଠୀଙ୍କ ଆବାହକତ୍ୱରେ ରବିବାର ଦିନ ପଞ୍ଚାୟତ ପରିସରରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଅଛି । ଶିଶୁ ଜନ୍ମ ହେବା ପୂର୍ବରୁ ଗର୍ଭାବସ୍ଥାରୁ ଆରମ୍ଭ କରି ଜନ୍ମର ଦୁଇ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ମାଆର ବିଶେଷ ଯତ୍ନ ନେବା । ସତେଜ ପନିପରିବା, ଫଳ ଏବଂ ଘର ତିଆରି ସୁଷମ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବା । ମହିଳା ଓ ଶିଶୁମାନଙ୍କ ମଧ୍ୟରେ ଆଇରନ ଯୁକ୍ତ ଖାଦ୍ୟର ବ୍ୟବହାର ବଢ଼ାଇ ରକ୍ତହୀନତା ଦୂର କରିବା । ଶିଶୁମାନଙ୍କୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଓଆରଏସ୍ ଜିଙ୍କର ସଠିକ୍ ବ୍ୟବହାର କରିବା । ହାତ ଧୋଇବା ଅଭ୍ୟାସ ଓ ସଫାସୁତୁରା ପରିବେଶ ବଜାୟ ରଖିବା ପାଇଁ ପାଞ୍ଚ ଗୋଟି ମୁଖ୍ୟ ନିୟମ ସମ୍ପର୍କରେ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୫ରୁ ଊର୍ଦ୍ଧ କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ଶିଶୁମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସବୁଜ ପନିପରିବା ଓ ଜାତିଜାତିୟ ଶସ୍ୟର ପ୍ରଦର୍ଶନୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମାଷ୍ଟର ବୁକ୍ କିପର ପୁଷ୍ପାଞ୍ଜଳି ମହାନ୍ତି, ସି ଆର ପି କୁମୁଦିନୀ ତ୍ରିପାଠୀ, ଅହଲ୍ୟା ବରାଡ଼, କଳ୍ପନା ଜେନା, ବିନୋଦିନୀ ଭୋଇ, କୃଷିମିତ୍ର ସୀତା ବେହେରା, ଶ୍ରଦ୍ଧାଞ୍ଜଳି ବାରିକ ଓ ପ୍ରାଣୀ ମିତ୍ର ଦେବହୁତିନି ପଟ୍ଟନାୟକ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

# କୋକସରା ବ୍ଲକସ୍ତରୀୟ ଆଞ୍ଚଳିକ ଉମ୍ବ ସମାଜର ନୂଆଁଖାଇ ଭେଟଘାଟ



କୋକସରା, ୧୨/୧୦(ମଙ୍ଗରାଜ ବେହେରା )କୋକସରା ବ୍ଲକ ସ୍ତରୀୟ ଆଞ୍ଚଳିକ ଉମ୍ବ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କାଉଡୋଳା ସ୍ଥିତ ଧାନ ମଣ୍ଡି ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଉମ୍ବ ସମାଜର ଏହି ଭେଟଘାଟ କାର୍ଯ୍ୟକ୍ରମ ସମାଜର ଏକତା,ଭାଇଚାରା,ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଆମପାଣି ବୁଢ଼ାରାଜା ପାଠ ରୁ ମଶାଲ ଶୋଭାଯାତ୍ରା ସହ କୋକସରା ବଡ଼ପଦା ରୁ ଏକ ଭବ୍ୟ ଶୋଭାଯାତ୍ରା ରେ ସମାଜର କର୍ମକର୍ତ୍ତା ମାନେ ଆସି ମଣ୍ଡି ପରିସରରେ ଆୟୋଜିତ ନୂଆଁଖାଇ ଭେଟଘାଟ ମଞ୍ଚ ରେ ସମବେତ ହୋଇଥିଲେ।କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ପ୍ରଭୁ ଶ୍ରୀ ବୁଢ଼ାରାଜା ଓ ମା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା।କାର୍ଯ୍ୟକ୍ରମ ରେ ବ୍ଲକ ଆଞ୍ଚଳିକ ଉମ୍ବ ସମାଜର ସଭାପତି ବନମାଳୀ ବାଗଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଉମ୍ବ ସମାଜ ଭବନ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଉମ୍ବ ସମାଜର ସମ୍ପାଦକ ଧନେଶ୍ୱର ନାଗ,ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମଞ୍ଚ ରେ ଉପସ୍ଥିତ ରହି ଆଞ୍ଚଳିକ ଉମ୍ବ ସମାଜ ପକ୍ଷରୁ ଭାଇଚାରାର ଏହି ମହାନ ପର୍ବ କୁ ଗୋଟେ ମଞ୍ଚ ଆୟୋଜନ କରି ଏକତା ଓ ଭାଇଚାରାର ବାର୍ତ୍ତା ଦେଇଛନ୍ତି ଯାହାକି ଆଗାମୀ ପିଢ଼ି ପାଇଁ ପରମ୍ପରା ଅନୁକରଣ ନେଇ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି ଅବସରରେ ସମାଜର ବିକାଶ ଦିଗରେ ଉଦ୍ୟମ କରିଥିବା ଭୁତପୂର୍ବ ସଭାପତି ଓ ସମ୍ପାଦକଙ୍କ ଦାୟାଦ ସମେତ ବର୍ତ୍ତମାନ ସମାଜର ଉନ୍ନତି ଦିଗରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ୨୨ ପଞ୍ଚାୟତ ର ସଭାପତି ବରିଷ୍ଠ କର୍ମକର୍ତ୍ତା, ଜନ ପ୍ରତିନିଧି ଦେବିସିଂ ତାଣ୍ଡି,ଜୟରାମ ନାଗ,ନକୁଳ ନାଏକ, ଇଶରାମ ସୁନାନୀ,ବିଜୁ ନାଏକ ଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସଂଯୋଜନାରେ ବୈକୁଣ୍ଠ ଜାଲ, ଭାଗ୍ୟବାନ ବାଗ ଓ ଚମ୍ପେଶ୍ୱର ନାଏକ ସହଯୋଗ କରିଥିବା ବେଳେ ଅଜୟ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିକୋଣୀୟ ପ୍ରେମକୁ ନେଇ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ, ୩ ଗିରଫ

ଆସିକା, ୧୨/୧୦ (ଅକ୍ଷର ଓଡ଼ିଶା) : ଆସିକା ପୋଷ୍ଟମର୍ଟମ ଛକ ନିକଟ ଋଷିକୁଲ୍ୟା ବ୍ରିଜ୍ ଉପରେ ଯୁବକ ରାଜା ଭୂୟାଁ ଓରଫ ରାମେଶ୍ୱର ଭୂୟାଁଙ୍କୁ କାତି ଓ ଦାଆରେ ମରଣାତ୍ମକ ଆକ୍ରମଣ ଘଟଣାରେ ଆସିକା ପୋଲିସ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନିତା ବେହେରା, ମିଟୁ ବେହେରା ଓ ବଳିଆ ବେହେରା। ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଏହି ଆକ୍ରମଣ ହୋଇଥିବା ଏସ୍‌ଡିପିଓ ସୌରଭ ରଞ୍ଜନ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯୁବତୀଙ୍କ ବିବାହ ମିଟୁ ବେହେରାଙ୍କ ସହ ସ୍ଥିର ହେବା ପରେ ସେ ପୁଣି ପୂର୍ବ ପ୍ରେମିକ ରାଜାଙ୍କ ସହ ଘର ଛାଡ଼ି ଚାଲିଯାଇଥିଲେ। ଏହାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ରାଜାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ କେସ୍ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବୁଲେଟ୍ ମୋଟରସାଇକେଲ, କାତି, ଦାଆ ଓ ଚାରିଟି ମୋବାଇଲ୍ ଜବତ କରିଛି।

# ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' ର ଶାରଦୀୟ ସଂଖ୍ୟା ଉନ୍ମୋଚିତ

କଟକସଦର, ୧୨/୧୦ (ଅକ୍ଷର ଓଡିଶା ) : ଧର୍ମ, ଜ୍ଞାନ,ଜ୍ୟୋତିଷ, ସମ୍ବାଦ ଓ ସଂସ୍କାରମୂଳକ ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧାନେ ' ର ଅକ୍ଟୋବର ଶାରଦୀୟ ସଂଖ୍ୟା ଓଡ଼ିଆ ବଜାର ବାଉଁଶ ଗଳି ସ୍ଥିତ ସଚ୍ଚିଦାନନ୍ଦ ମଠ ପରିସରରେ ଏକକ ଅତିଥି ମାଧ୍ୟମରେ ଉନ୍ମୋଚିତ ହୋଇଯାଇଛି । ସର୍ବଭାରତୀୟ ଗୌଡୀୟ ମିଶନର ଆଚାର୍ଯ୍ୟ ତଥା ସଭାପତି ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀମଦ ଭକ୍ତି ସୁନ୍ଦର ସନ୍ନ୍ୟାସୀ ମହାରାଜା ପତ୍ରିକାଟିକୁ ଉନ୍ମୋଚନ କରି ଦୀର୍ଘ ୨୫ ବର୍ଷ ହେଲା ଆଧ୍ୟାତ୍ମିକ ପତ୍ରିକାଟିକୁ ଚଳାଇ ଆସିଥିବାରୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହିତ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ । ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ.ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ମହାନ୍ ସନ୍ଥ ସନ୍ନ୍ୟାସୀ ଜୀ,ସଚ୍ଚିଦାନନ୍ଦ ମଠର ସନ୍ଥ ଅକିଞ୍ଚନ ମହାରାଜ,ନିଖିଳ ଉତ୍କଳ ପ୍ରବକ୍ତା ମହାସଂଘ ସମ୍ପାଦକ ପଣ୍ଡିତ ପ୍ରମୋଦ ପଣ୍ଡା,ପୁରୀ ଶ୍ରୀକୃଷ୍ଣ ମିଶନ ଆଶ୍ରମର ସନ୍ଥ ଅକିଞ୍ଚନ ମହାରାଜ, ଡାକ୍ତର ଅରବିନ୍ଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ପତ୍ରିକାର ପରିଚାଳନା ସମ୍ପାଦକ ସମାଜସେବୀ ଇଂ.ବିପ୍ଳବ ଦାସ,ପ୍ରସାର ଅଧିକାରୀ ଡଃ.ଆରତୀ ପଣ୍ଡା,ସମାଜସେବୀ ଇଂ.ରାମଚନ୍ଦ୍ର ବେହେରା,ଅଶୋକ କୁମାର ଜେନା,ସୁଧାଂଶୁ କୁମାର ଜେନା, ରାକେଶ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦାନଗଦି ବ୍ଲକରେ 'ସେବା ସେତୁ' ଶିବିର ଅନୁଷ୍ଠିତ



ଯାଜପୁର, ୧୨/୧୦ (ଅକ୍ଷର ଓଡ଼ିଶା):ଯାଜପୁର ଜିଲ୍ଲା ଦାନଗଦି ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସ୍ତରୀୟ 'ସେବା ସେତୁ' ଅଭିଯାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣି ରାଉତ, ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଲୋକାଭିମୁଖୀ ପ୍ରଶାସନ ତଥା ସରକାରୀ ଯୋଜନାର ଲାଭ ସିଧାସଳଖ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା।

# ଗଜପତିର ଅଗ୍ରଣୀ ସିସିଡ଼ି ଅନୁଷ୍ଠାନ ପକ୍ଷରୁ ବାଲ୍ ହେଲଥ ମେଳା ଅନୁଷ୍ଠିତ



ପାରଳାଖେମୁଣ୍ଡି, ୧୨/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତିର ଅଗ୍ରଣୀ ସିସିଡ଼ି ଅନୁଷ୍ଠାନ ପକ୍ଷରୁ ବାଲ୍ ହେଲଥ ମେଳା ଅନୁଷ୍ଠିତ ହୋଇଯାଇଛି. ଏହି ଜିଲ୍ଲାର ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ କରଡାସିଂ ଗ୍ରାମ ପଞ୍ଚାୟତ ଠାରେ ଆୟୋଜିତ ବାଲ୍ ହେଲ୍‌ଥ ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଓ ବ୍ୟକ୍ତିଗତ ପରିଚ୍ଛନ୍ନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ସିସିଡ଼ର ସମ୍ପାଦକ ଏ. ଜଗନ୍ନାଥ ରାଜୁ, ସ୍ଥାନୀୟ ସରପଞ୍ଚ ଉମା ଶଙ୍କର ଭୂମାଲ, ପି. କିରଣ କୁମାର, (ପିଇଓ ), ଅଶ୍ୱିନ କୁମାର ପାଢ଼ୀ,(ସିଆରସିସି) ପ୍ରଧାନଶିକ୍ଷକ କେଦାର ଚନ୍ଦ୍ର ରାଉତ ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀ ସୌତି ଜାନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# କେନ୍ଦୁପଦର କଲେଜ ଛାତ୍ର ସଂସଦ ନିର୍ବାଚନ : ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ



## କଲେଜ ଫାଟକରେ ଛାତ୍ରଛାତ୍ରୀଙ୍କ ଧାରଣା

ଆସିକା, ୧୨/୧୦ (ଅକ୍ଷର ଓଡିଶା) : ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, କେନ୍ଦୁପଦର, ର ପତ୍ର ସଂଖ୍ୟା ୧୪୭/୨୬ ତାରିଖ ୧୧/୧୦/୨୬ ଅନୁସାରେ ସମସ୍ତ ଛାତ୍ରଛାତ୍ରୀ, ପ୍ରାର୍ଥୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଜଣାଇ ଦିଆଯାଉଛି ଯେ, ତାରିଖ ୧୫/୧୦/୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ବର୍ତ୍ତମାନର ପରିସ୍ଥିତି ଏବଂ ଆଇନଶୃଙ୍ଖଳା ରକ୍ଷା ସମ୍ପର୍କିତ ଆଶଙ୍କାକୁ ଦୃଷ୍ଟିରେ ରଖି ବାତିଲ କରାଯାଇଛି ।ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ପଦବୀ ପାଇଁ ଜଣେ ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର କରିବାକୁ ଚାପ ପ୍ରୟୋଗ କରାଯାଇଥିବା ଅଭିଯୋଗ ସମ୍ପର୍କରେ ଗଙ୍ଗାପୁର ଥାନାରେ ତାରିଖ ୧୦/୧୦/୨୦୨୬ ରେ କେସ୍ ନଂ. ୪୮୦ ରୁଜୁ ହୋଇଛି। ଅଭିଯୋଗର ଗମ୍ଭୀରତା ଏବଂ ଭବିଷ୍ୟତରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ସମ୍ଭାବନାକୁ ବିଚାର କରି, ନିର୍ବାଚନ ପ୍ରକ୍ରିୟା ଜାରି ରହିଲେ ମହାବିଦ୍ୟାଳୟର ଶାନ୍ତିପୂର୍ଣ୍ଣ ଶିକ୍ଷାଦାନ ପରିବେଶ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ପରିସ୍ଥିତିରେ ଛାତ୍ରଛାତ୍ରୀ, ପ୍ରାର୍ଥୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ମହାବିଦ୍ୟାଳୟ ସହ ସମ୍ପୃକ୍ତ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରାଯାଇଛି ଏବଂ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ (Sine Die) ରଖାଯାଇଛି। ଏଥିସହିତ, କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ଏବଂ ଶାନ୍ତି, ଶୃଙ୍ଖଳା ଓ ସାଧାରଣ ଆଇନଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ତାରିଖ ୧୧/୧୦/୨୦୨୬ ଦିନ ଅପରାହ୍ନ ୧:୩୦ ଘଟିକାଠାରୁ ପରବର୍ତ୍ତୀ ନୋଟିସ୍ ଜାରି ହେବା ପର୍ଯ୍ୟନ୍ତ ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରାଯାଇଛି। ମହାବିଦ୍ୟାଳୟ ପୁନଃ ଖୋଲିବା ଏବଂ ନିର୍ବାଚନ ସମ୍ପର୍କରେ ପରବର୍ତ୍ତୀ ନିଷ୍ପତ୍ତି ଯଥାସମୟରେ ପୃଥକ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯିବ। ସମସ୍ତ ଛାତ୍ରଛାତ୍ରୀ, ପ୍ରାର୍ଥୀ ଓ କର୍ମଚାରୀଙ୍କୁ ମହାବିଦ୍ୟାଳୟ ପ୍ରଶାସନକୁ ସହଯୋଗ କରିବା ସହ ଶାନ୍ତି ଓ ସଦ୍ଭାବ ବଜାୟ ରଖିବାକୁ ଅନୁରୋଧ କରାଯାଉଛି। ଏହି ବିଜ୍ଞପ୍ତି ଜାଣିବା ପରେ କଲେଜ ର ଛାତ୍ର ଛାତ୍ରୀ ମାନେ ଫାଟକ ସମ୍ମୁଖରେ ହୋ ହାଲ୍ଲା କରୁଥିବା ଦେଖିବାକୁ ମିଳିଛି ।

# ବର୍ଷେ ହେଲା ବିଦ୍ୟାଳୟରେ ନାହାଁନ୍ତି ଗଣିତ ଶିକ୍ଷକ

## ଦଶମ ବୋର୍ଡ ପରୀକ୍ଷା ମୁଣ୍ଡ ଉପରେ, ଚିନ୍ତାରେ ଛାତ୍ରଛାତ୍ରୀ

ବେଲଗୁଣ୍ଠା, ୧୨/୧୦ (ଅକ୍ଷର ଓଡିଶା ) ବେଲଗୁଣ୍ଠା ବ୍ଲକ୍ ଷଢଙ୍ଗୀପଲୀରେ ଥିବା ନେଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ଦୀର୍ଘଦିନ ଧରି ଗଣିତ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହୋଇଛି। ୧୯୬୪ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ମୋଟ ୨୪୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସୂଚନା ଅନୁସାରେ, ବିଦ୍ୟାଳୟର ଗଣିତ ଶିକ୍ଷକ ବିଶ୍ୱଜିତ୍ ନାୟକ ୨୦୨୫ ଅକ୍ଟୋବରରେ ସ୍ୱାସ୍ଥ୍ୟଜନିତ କାରଣରୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହାପରେ ତାଙ୍କ ଅନୁପସ୍ଥିତିରେ ବିଦ୍ୟାଳୟରେ ଗଣିତ ଶିକ୍ଷାଦାନ ବ୍ୟାହତ ହୋଇଥିଲା। ଦୁର୍ଭାଗ୍ୟବଶତଃ, ୨୦୨୬ ଜୁଲାଇରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀ ନାୟକଙ୍କ ଅକାଳ ବିୟୋଗ ଘଟିଥିଲା ।ଶିକ୍ଷକଙ୍କ ଅନୁପସ୍ଥିତି ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଡୋକି ସରୋଜିନୀଙ୍କ ପ୍ରତିକ୍ରିୟା ନେବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦୁଇଥର ଅବଗତ କରାଇଥିବା ସେ ପ୍ରକାଶ କରିଥିଲେ । ଏଲ୍‌ଟିଆର୍ ଶିକ୍ଷକ କିମ୍ୱା ଡେପୁଟେସନ୍‌ରେ ଜଣେ ଗଣିତ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏଯାଏଁ ବିଦ୍ୟାଳୟରେ କୌଣସି ଗଣିତ ଶିକ୍ଷକ ଯୋଗ ଦେଇନାହାନ୍ତି। ଅନ୍ୟପକ୍ଷରେ, ଏହି ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରତିବର୍ଷ ଉତ୍ତମ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ୬ ଜଣ ଛାତ୍ରଛାତ୍ରୀ ଇ-୧ ଗ୍ରେଡ୍ ପାଇବା ଆଶାରେ ରହିଛନ୍ତି। ମାତ୍ର ଆଗକୁ ଆଉ କିଛି ମାସ ପରେ ଦଶମ ବୋର୍ଡ ପରୀକ୍ଷା ଥିବାବେଳେ ଗଣିତ ଶିକ୍ଷକ ନଥିବାରୁ ପିଲାମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବିଦ୍ୟାଳୟରେ ନିୟମିତ ଗଣିତ କ୍ଲାସ୍ ହୋଇପାରୁନଥିବାରୁ ପାଠ୍ୟକ୍ରମ ମଧ୍ୟ ଶେଷ ହୋଇପାରିନାହିଁ। ଅନଲାଇନ୍‌ରେ ଖାନ୍ ଏକାଡେମୀ ମାଧ୍ୟମରେ ପାଠ ପଢ଼ିବାର ବିକଳ୍ପ ଥିଲେ ମଧ୍ୟ ଆବଶ୍ୟକ ସହାୟତା ଓ ନିୟମିତ ଶିକ୍ଷକଙ୍କ ଅଭାବରୁ ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେଇପାରୁନାହାନ୍ତି ।ତେଣୁ ଦଶମ ବୋର୍ଡ ପରୀକ୍ଷା ପୂର୍ବରୁ ତୁରନ୍ତ ଜଣେ ଗଣିତ ଶିକ୍ଷକଙ୍କୁ ଡେପୁଟେସନ୍ କିମ୍ୱା ଏଲ୍‌ଟିଆର୍ ମାଧ୍ୟମରେ ନିଯୁକ୍ତି ଦେଇ ପାଠପଢ଼ା ସ୍ୱାଭାବିକ କରିବାକୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

# ଜଜ ଓ ଆଇନଜିବୀମାନଙ୍କର ୨-ଦିନିଆ ମେଗା ଆଇନ ଶିବିର



## ୧୯ଟି ଜନ୍ମ ପ୍ରମାଣପତ୍ର ଆବଣ୍ଟିତ

ନୂଆପଡା, ୧୨/୧୦( ଅକ୍ଷର ଓଡିଶା )ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚାଲୁଥିବା ମେଗା ଡ୍ରାଇଭ୍ କାର୍ଯ୍ୟକ୍ରମ ଅଧୀନରେ ୧୦ତାରିଖ ସୁନାବେଡ଼ା ସ୍ଥିତ ଆଦର୍ଶ କନ୍ୟା ଗୁରୁକୂଳରେ ଜାତୀୟ ଆଇନ ସେବା ପ୍ରାଧିକରଣ(ନାଲସା) ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନ ସହାୟତା ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ପ୍ରଥମଥର ପାଇଁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ଜଜ୍ ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜେ.ଏମ୍. ଏସ୍.ସି କାହ୍ନୁ କିସ୍କୁ, ସର୍ବୋଚ୍ଚ ନ୍ୟାୟାଳୟର ଆଇନଜୀବୀ ସଞ୍ଜୀବ କୁମାର ମହାନ୍ତି, ସୁନାବେଡ଼ା ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ, ଖଡିଆଳ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଅତିରିକ୍ତ ତହସିଲଦାର କୋମନା ଯୋଗେଶ୍ୱର ସାହୁ, ଅତିରିକ୍ତ ତହସିଲଦାର ନୂଆପଡ଼ା ଦିଲ୍ଲିପ କୁମାର ପାତ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋମନା ଭକ୍ତବନ୍ଧୁ ବୁଡେକ୍, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୋମନା ଅବିନାଶ କୁମାର ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନୂଆପଡ଼ା ହରପ୍ରସାଦ ଦାସ, କୋମନା ବାର ଅଧିବକ୍ତାଗଣ- ଲଲାଟେନ୍ଦୁ ନିଆଲ, ହରି କୁଲଦୀପ, ଭାବଗ୍ରାହୀ ପଣ୍ଡା, କନ୍ୟା ଗୁରୁକୂଳର ପ୍ରଧାନ ଶିକ୍ଷୟତ୍ରୀ ଲତା ପ୍ରଧାନ, ସୁନାବେଡ଼ାର ସରପଞ୍ଚ ରଜନୀ ଜଗତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟ ପ୍ରକାଶ ମାଝୀ ତଥା ପ୍ରାଧିକରଣର ଅଧିକାର ମିତ୍ରଗଣ ଅଂଶଗ୍ରହଣ କରି ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ଅନୁସୂଚିତ ଜନଜାତି ର ବ୍ୟକ୍ତି ମାନଙ୍କ ପାଇଁ ଥିବା ସମ୍ବାଦ ଯୋଜନା, ହିଂସ୍ରଜନ୍ତୁ- ମନୁଷ୍ୟ ସଂଘର୍ଷ ରେ ପୀଡ଼ିତଙ୍କୁ ଆଇନ ସହାୟତା ଯୋଜନା, ୨୦୨୫, ରାଜ୍ୟ ବନ ବିଭାଗର ଅନୁକମ୍ପା ଯୋଜନାରେ କ୍ଷତିପୂରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହି ଦ୍ୱି-ଦିବସୀୟ ବୃହତ ଶିବିରରେ ପ୍ରାଧିକରଣର ଅଧିକାର ମିତ୍ରଙ୍କ ଦ୍ୱାରା ଘରରୁ ଘର ଯାଇ ସର୍ଭେ ଦ୍ୱାରା ଚିହ୍ନଟ ହୋଇଥିବା ୧୯ଜଣ ଶିଶୁଙ୍କର ଜନ୍ମ ପ୍ରମାଣପତ୍ର ଜିଲ୍ଲା ଜଜ ଓ ଅତିଥିମାନଙ୍କ କରକମଳରେ ବଣ୍ଟନ କରାଯାଇଥିଲା ।

# ୧୪ରେ ମୁଖ୍ୟମନ୍ତ୍ରୀଙ୍କ କଳିଙ୍ଗନଗର ଗସ୍ତ



## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ମୁତୟନ ହେବେ ୨୨ ପ୍ଲାଟୁନ୍ ଫୋର୍ସ

ଯାଜପୁର, ୧୨/୧୦ (ଅକ୍ଷର ଓଡ଼ିଶା):ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କଳିଙ୍ଗନଗର ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଉପସ୍ଥିତ ରହିବା ସୂଚନା ରହିଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ କଳିଙ୍ଗନଗରରେ ପହଞ୍ଚିବା ପରେ ତେଲିବାହାଲି ପଡ଼ିଆରେ ଆୟୋଜିତ ବିଶାଳ ଜନସଭାରେ ଯୋଗଦେବେ। ଏହି ସଭାରେ ପ୍ରାୟ ୧୫ରୁ ୨୦ ହଜାର ଲୋକଙ୍କ ସମାଗମ ହେବାର ଆକଳନ କରାଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ ଇଣ୍ଡା ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ର ନୂତନ ବ୍ଲାଷ୍ଟ ଫର୍ଣ୍ଣେସର ଉଦ୍‌ଘାଟନ କରିବା ସହ ଜେଏସ୍‌ଏଲ୍‌ରୁ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ଯାଜପୁର ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୨ ପ୍ଲାଟୁନ ପୁଲିସ ଫୋର୍ସ, ୧୦୦ ଜଣ ହୋମଗାର୍ଡ ଏବଂ ଅତିରିକ୍ତ ଏସପିଙ୍କ ଠାରୁ ଏଏସ୍‌ଆଇ ପାହ୍ୟାର ପ୍ରାୟ ୧୫୦ ଜଣ ଅଧିକାରୀ ମୁତୟନ ରହିବେ। ଶିଳ୍ପାଞ୍ଚଳରେ ଭାରୀଯାନ ଚଳାଚଳ ସ୍ୱାଭାବିକ ରଖିବା ସହ ସାଧାରଣ ଲୋକଙ୍କ ଯାତାୟାତ ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଡାଇଭର୍ସନ ବ୍ୟବସ୍ଥା କରାଯାଇ ଡିଆଇପିଆର୍‌ଓଙ୍କ ଜରିଆରେ ସୂଚିତ କରାଯିବ ବୋଲି ଯାଜପୁର ଏସପି ସୂଚନା ଦେଇଛନ୍ତି।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଧରାକୋଟ, ୧୨/୧୦ (ଅକ୍ଷର ଓଡିଶା )ଧରାକୋଟ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସି ଆର ସି ସି ଜଗନ୍ନାଥ ପଢିହାରୀ ଙ୍କ ସଂଯୋଜନା ଓ ଶିକ୍ଷକ ସୁରେଶ କୁମାର ପାତ୍ର ଙ୍କ ପରିଚାଳନାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଡାଏଟ ଖଲିକୋଟ ର ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା,ସମ୍ମାନୀତ ଅତିଥିଭାବେ ବି ଆର ସି ସି ସୌରୀ ଶଙ୍କର ବେହେରା, ଏ ବି ଇ ଓ ବିଭୁତି ଭୂଷଣ ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ମିନତି କୁମାରୀ ପାତ୍ର , ସାମ୍ବାଦିକ ହୃଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ମହୋତ୍ସବ ରେ ଜାନବିଲି, ଧରାକୋଟ ମଝିସାହି, କୋଠାରିସାହି, ବଡଦାଣ୍ଡ ସାହି, ଚାଞ୍ଚରା ପଲି, ଓ ଏ ଭି କୁଷଗୁମା ଓ ଏ ଏନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବରେ ସି ଆର ସି ସି କିରଣବାଳା ନାୟକ, ବବ୍ଲୁ ବାହନ ନାହାକ, ଆର କୁଲଦୀପ,ପ୍ରମୋଦ ସେଠୀ, ପ୍ରଭାତ କିରଣ ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ୬୦ ଜଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ପୋଖରୀରେ ବୁଡି ନାବାଳକ ମୃତ

ପାରଳାଖେମୁଣ୍ଡି, ୧୨/୧୦ (ତାରିଣୀ ପ୍ରସାଦ ପଣ୍ଡା): ପୋଖରୀରେ ବୁଡ଼ି ଜଣେ ନାବାଳକର ଶୋଚନୀୟ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା କଦମଚୁଆଁ ଗ୍ରାମରେ ଓ ମୃତ ନାବାଳକ ଜଣକ ହେଲେ ଆର. ଉଦୟଗିରି ଥାନା ତାବରଡା ଗ୍ରାମର ମୁନା ବେହେର ଦଳାଇଙ୍କ ୫ ବର୍ଷ ର ପୁଅ ବିଦ୍ୟାଶ ବେହେରା ଦଳାଇ । ସୂଚନା ମୁତାବକ ମୁନା ବେହେର ଦଳାଇ ଓ ପତ୍ନୀ ଅଚୁସ୍ମିତା କଦମଚୁଆ ଗ୍ରାମରେ ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି । ମୃତ ନାବାଳକ ଚାନ୍ଦିପୁଟ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢୁଥିଲେ। ଗତକାଲି ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅସାବଧାନତା ବଶତଃ ଗଭୀର ପାଣିରେ ପଶି ଯାଇଥିଲେ ଓ ଦୀର୍ଘ ସମୟ ପାଣିରେ ଖୋଜା ଖୋଜା ଖୋଜି କରି ଗ୍ରାମବାସୀ ତାଙ୍କୁ ଚନ୍ଦ୍ରଗିରି ମେଡିକାଲ୍‌କୁ ନେଇଥିଲେ। ହେଲେ ଚିକିତ୍ସା ପୂର୍ବରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନନ୍ଦିକରେ ଜନ ଅଭିଯୋଗ ଶୁଣାଣି

ହିଞ୍ଜିଳିକାଟୁ , ୧୨/୧୦(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ନନ୍ଦିକ ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେରକେଟା ,ଏବିଡିଓ ଅରୁଣ କୁମାର ପ୍ରଧାନ ,ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ୀ , ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଏ .ସୁଦର୍ଶନ, ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ଗନ୍ତାୟତ ଓ ସରପଂଚ କୃଷ୍ଣ ଚନ୍ଦ୍ର ଭଉଳ ମଞ୍ଚାସୀନ ଥିଲେ। ସମୁଦାୟ ୮ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିବା ବେଳେ ସେଥିମଧ୍ୟରୁ ୩ ଟି ତ୍ୱରିତ ଅଭିଯୋଗ ସମାଧାନ ହୋଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




# ନବରାତ୍ରୀର ପ୍ରଥମ ଦିବସରେ ଶୈଳପୁତ୍ରୀ ରୂପରେ ଦର୍ଶନ ଦେଲେ ମା' ଦୁର୍ଗତିନାଶିନୀ

କେନ୍ଦୁଝର:୧୨/୧୦(ଦିଲ୍ଲୀପ କୁମାର ସାହୁ) – ମା' ଦୁର୍ଗତିନାଶିନୀଙ୍କ ପୀଠରେ ଆରମ୍ଭ ହୋଇଛି ଶାରଦୀୟ ନବରାତ୍ରି ପୂଜା। କେନ୍ଦୁଝର ଜିଲ୍ଲା ସମେତ ସାରାଦେଶରେ ଆରମ୍ଭ ହୋଇଛି ନବରାତ୍ର ବା ନବଦିନାତ୍ମକ ଶକ୍ତି ପୂଜା । ନବରାତ୍ରର ନବଦିନରେ ମା'ଙ୍କର ନଅଟି ସ୍ୱରୂପର ଆରାଧନା କରାଯାଏ । ପ୍ରଥମ ଦିନରେ ମାତାଙ୍କୁ ମା' ଶୈଳପୁତ୍ରୀ ରୂପରେ ପୂଜା କରାଯାଉଛି। ଭକ୍ତି ଓ ଶ୍ରଦ୍ଧାର ସହ ମା'ଙ୍କ ଆରାଧନା କରି ଭକ୍ତମାନେ ସୁଖ, ଶାନ୍ତି, ସମୃଦ୍ଧି ଓ ଶକ୍ତି ପ୍ରାପ୍ତି ପାଇଁ ପ୍ରାର୍ଥନା କରୁଛନ୍ତି। ନବରାତ୍ରିର ପ୍ରଥମ ଦିନରେ ଘଟସ୍ଥାପନା ସହ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ।ପୌରାଣିକ ମତ ଅନୁସାରେ, 'ଶୈଳପୁତ୍ରୀ' ଶବ୍ଦର ଅର୍ଥ ହେଉଛି ପର୍ବତର କନ୍ୟା। 'ଶୈଳ' ଅର୍ଥ ପର୍ବତ ଏବଂ 'ପୁତ୍ରୀ' ଅର୍ଥ କନ୍ୟା। ମା' ଶୈଳପୁତ୍ରୀ ହେଉଛନ୍ତି ପର୍ବତରାଜ ହିମାଳୟଙ୍କ କନ୍ୟା। ତାଙ୍କୁ ମା' ପାର୍ବତୀଙ୍କ ସ୍ୱରୂପ ଏବଂ ଦେବୀ ସତୀଙ୍କ ପୁନର୍ଜନ୍ମ ଭାବେ ବର୍ଣ୍ଣନା କରାଯାଇଛି। ନବଦୁର୍ଗାଙ୍କ ନଅଟି ସ୍ୱରୂପ ମଧ୍ୟରୁ ମା' ଶୈଳପୁତ୍ରୀ ପ୍ରଥମ। ମା' ଶୈଳପୁତ୍ରୀଙ୍କ




ବିଶେଷତ୍ୱ ମା' ଶୈଳପୁତ୍ରୀ ବୃଷଭ ଅର୍ଥାତ୍ ନନ୍ଦୀ ଉପରେ ବିରାଜମାନ କରିଥାନ୍ତି। ତାଙ୍କର ଗୋଟିଏ ହାତରେ ତ୍ରିଶୂଳ ଓ ଅନ୍ୟ ହାତରେ ପଦ୍ମ ଶୋଭା ପାଏ। ମସ୍ତକରେ ଅର୍ଦ୍ଧଚନ୍ଦ୍ର ତାଙ୍କ ସ୍ୱରୂପର ଆକର୍ଷଣ ବୃଦ୍ଧି କରିଥାଏ। ତ୍ରିଶୂଳ ଶକ୍ତିର ପ୍ରତୀକ ହୋଇଥିବା ବେଳେ ପଦ୍ମ ପବିତ୍ରତାର ପ୍ରତୀକ ଭାବେ ପରିଚିତ। ସେ ହେଉଛନ୍ତି ତ୍ରିଦେବ ବ୍ରହ୍ମା-ବିଷ୍ଣୁ ଓ ମହେଶଙ୍କ ମୂଳ ଶକ୍ତି ସ୍ୱରୂପା। ମା ଶୈଳପୁତ୍ରୀ ସାଧକର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ ମନୋସ୍କାମନା ପୂରଣ କରନ୍ତି। ଯୋଗ ଦୃଷ୍ଟିକୋଣରୁ ନବରାତ୍ରର ପ୍ରଥମ ଦିନ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଥମ ଦିନରୁ ହିଁ ସାଧକ ମା ଶୈଳପୁତ୍ରୀଙ୍କ ଆରାଧନା ସହ ଉଚ୍ଚତର ସିଦ୍ଧି ଅଭିମୁଖେ ଅଗ୍ରସର ହୁଏ। ମାଦ ଯୋଗରେ ମା' ଶୈଳପୁତ୍ରୀଙ୍କୁ ମୂଳାଧାରଚକ୍ର ସହ ତୁଳନା କରାଯାଇଛି। ସାଧକ ମୂଳାଧାର ଚକ୍ରରୁ ସାଧନା ଆରମ୍ଭ କରି ସର୍ବୋଚ୍ଚ ପର୍ଯ୍ୟାୟ ସହସ୍ରାରଚକ୍ର ପର୍ଯ୍ୟନ୍ତ ଗତି କରିଥାଏ । ଭାରତରେ ବାରାଣାସୀରେ ମାତା ଶୈଳପୁତ୍ରୀଙ୍କ ମନ୍ଦିର ଅଛି। ନବରାତ୍ରିର ପ୍ରଥମ ଦିନରେ ମା'ଙ୍କ ପୂଜା ସହ ଘଟସ୍ଥାପନା କରାଯାଏ। ପାରମ୍ପରିକ ବିଧି ଅନୁସାରେ ପୂଜାସ୍ଥଳକୁ ପ୍ରଥମେ ସଫା କରାଯାଏ। ଏହାପରେ ମାଟିପାତ୍ରରେ ମାଟି ଓ ଯବ ବୁଣି ତା' ନିକଟରେ ଶୁଭ କଳସ ସ୍ଥାପନ କରାଯାଏ। କଳସରେ ଜଳ ଭରି ଆମ୍ବପତ୍ର, ନଡ଼ିଆ ଆଦି ରଖି ଦେବୀଙ୍କୁ ଆବାହନ କରାଯାଏ। ତେବେ ଅଞ୍ଚଳ ଓ ପରିବାରର ପରମ୍ପରା ଅନୁଯାୟୀ ପୂଜାବିଧିରେ କିଛି ପାର୍ଥକ୍ୟ ରହିପାରେ।ସେହିଭଳି କେନ୍ଦୁଝରଗଡ଼ ସହରର ଦୂର୍ଗାବଜାର ସରକାରୀ ବସଷ୍ଟାଣ୍ଡ ନିକଟ ମା' ଦୁର୍ଗାଙ୍କ ପୀଠରେ ନବରାତ୍ରୀର ପ୍ରଥମ ଦିବସରେ ମା' ଙ୍କୁ ଶୈଳପୁତ୍ରୀ ରୂପରେ ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କର ଶୈଳପୁତ୍ରୀ ରୂପ ଦର୍ଶନ ପାଇଁ ଆଜି ପ୍ରତ୍ୟୁଷରୁ ଦୂର୍ଗା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଭିଡ଼ ନିୟନ୍ତ୍ରଣ ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଅକ୍ଟୋବର ୧୩ ରେ ହେବାକୁ ଥିବା ପିଇଟି ୱାକିଂ ଟେଷ୍ଟ ସମୟରେ ସହଯୋଗ ପାଇଁ ଜନସାଧାରଣଙ୍କୁ ନିବେଦନ

କେନ୍ଦୁଝର:୧୨/୧୦(ଦିଲ୍ଲୀପ କୁମାର ସାହୁ) – ସମ୍ମିଳିତ ନିଯୁକ୍ତି ପରୀକ୍ଷା -୨୦୨୫ ଅଧୀନରେ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ପଦବୀ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରାର୍ଥୀମାନଙ୍କ ଶାରୀରିକ ଦକ୍ଷତା ପରୀକ୍ଷା ୱାକିଂ ଟେଷ୍ଟ (ଚାଲିବା ପରୀକ୍ଷା) ଆସନ୍ତା ଅକ୍ଟୋବର ୧୩, ୨୦୨୬ ସକାଳ ୫:୦୦ ଟାରୁ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରୀକ୍ଷାକୁ ସୂଚାରୁ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ କେନ୍ଦୁଝର ବନଖଣ୍ଡର ବନଖଣ୍ଡ ଅଧିକାରୀ (ଡିଏଫଓ) ସର୍ବସାଧାରଣ ଏବଂ ଯାନବାହନ ଚାଳକମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହି ଚାଲିବା ପରୀକ୍ଷା ନରଣପୁର (ଖୋଲପା) ସ୍ଥିତ ଓଏଫଡିସି ଟିମ୍ବର ଡିପୋରୁ ଆରମ୍ଭ ହୋଇ ଗୁହାଳଚଟୁଆ ଏବଂ ନୁଣଝରଣ ଦେଇ କଜଳେଇପୋଷି ପର୍ଯ୍ୟନ୍ତ ଯିବ, ଯାହାକି ଏକ ନିର୍ଦ୍ଧାରିତ ୧୨.୫ କିଲୋମିଟର ରାସ୍ତା ଅତିକ୍ରମ କରିବ।ପ୍ରାର୍ଥୀମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ପରୀକ୍ଷା ଦିନ ସକାଳ ୪:୦୦ ଟାରୁ ପୂର୍ବାହ୍ନ ୧୧:୦୦ ଟା ମଧ୍ୟରେ ଏହି ନିର୍ଦ୍ଧାରିତ ମାର୍ଗରେ ଅନାବଶ୍ୟକ ଯାତାୟାତ ନକରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ବିଶେଷ କରି ଭାରୀ ଯାନ ଚାଳକମାନଙ୍କୁ ଏହି ସମୟ ମଧ୍ୟରେ ଉକ୍ତ ମାର୍ଗରେ ଯାନବାହନ ଚଳାଚଳ ସୀମିତ ରଖିବାକୁ ଅନୁରୋଧ କରାଯାଇଥିବାବେଳେ, ଅନ୍ୟ ସମସ୍ତ ଯାତ୍ରୀମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ, ଧୀରେ ଗାଡ଼ି ଚଲାଇବାକୁ ଏବଂ କାର୍ଯ୍ୟରେ ନିୟୋଜିତ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଏବଂ ପରୀକ୍ଷାକୁ ନିରାପଦ, ସୁଗମ ଓ ନିରବଚ୍ଛିନ୍ନ ଭାବେ ସମ୍ପନ୍ନ କରିବା ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଏହି ପରାମର୍ଶାବଳୀ ପାଳନ କରିବା ସହ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ବିନଦାସ କ୍ଲବ ଗଣେଶ ଭସାଣୀ ଉତ୍ସବରେ ଢେଙ୍କିକୋଟ ଅଞ୍ଚଳ ଜନସମୁଦ୍ର

କେନ୍ଦୁଝର:୧୨/୧୦(ଦିଲ୍ଲୀପ କୁମାର ସାହୁ) – ବହୁ ପ୍ରତୀକ୍ଷିତ କେନ୍ଦୁଝର ଜିଲ୍ଲା ଘଟଗାଁବ୍ଲକ ଢେଙ୍କିକୋଟ ଠାରେ ଥିବା ବିନଦାସ କ୍ଲବର ଗଣେଶ ଭସାଣୀ ଉତ୍ସବ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଦିର୍ଘଦିନ ଧରି ହଜାର ହଜାର ଲୋକ ଅପେକ୍ଷା କରିଥିଲେ କେବେ ହବ ବିନଦାସ କ୍ଲବର ଭସାଣୀ ଉତ୍ସବ। ତେବେ ଗତକାଲି ଏହି ଭସାଣୀ ଉତ୍ସବରେ ଅନ୍ୟୁନ ୨୦ ହଜାରରୁ ଅଧିକ ଲୋକ ସମାଗମ ହୋଇଥିଲକ୍ଷ । ତେଣୁ ପୋଲିସ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଥିଲା । ଜିଲ୍ଲା ତଥା ଜିଲ୍ଲା ବାହାରୁ ଲୋକମାନେ ଆସି ଏହି ଭସାଣୀ ଉତ୍ସବରେ ସାମିଲ ହୋଇଥିଲେ । ଓଡିଶାର ନମ୍ବରୱାନ ଡି.ଜେ ଏସ.ଏମ ଅଡିଓ ସହିତ କଟକ ଅଘୋରି, କଳାହାଣ୍ଡିର ମା ସନ୍ତୋଷୀ ମେଲୋଡି , କଲିକତାର ନିଲାଞ୍ଜନା ରେକର୍ଡ ଡ୍ୟାନ୍ସ, ସୋନପୁରର ସୋନା ଡ୍ୟାନ୍ସ ଗ୍ରୁପ, ମ୍ୟାଡ ମିକ୍ସ, ସ୍ନୋ ସ୍ପ୍ରେ, ଟେଡିବାବା, ଝୁମର ମନୋରଞ୍ଜନ କାର୍ଯକ୍ରମ ଆସିଥିଲା । କାର୍ଯକ୍ରମରେ ଅନୁଷ୍ଠାନ ତରଫରୁ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ, ତାରିଣୀ ଠାକୁରାଣୀ କଲେଜର ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂ,



ଭାରତୀୟ ଜନତା ପାର୍ଟିର ମହିଳା ରାଜ୍ୟ ସମ୍ପାଦିକା ମମତା ସିଂ, ତଥା ଏସ.ଏମ ଅଡିଓ ର ପ୍ରୋପାଇଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଘଟଗାଁ ଥାନା ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା, ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକଙ୍କ ସମେତ ପାଟଣା ଥାନା ଅଧିକାରୀ, ଘସିପୁରା ଥାନା ଅଧିକାରୀ, ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଯୋଗଦାନ କରିଥିଲେ । ଭସାଣୀ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିଲା । କମିଟିର ଅଜିତ କୁମାର ରାଉଳ, ଦୀପକ କୁମାର ମିଶ୍ର, ତାପସ ଓଝା, କାଳିଆ ସିଂ, ସୁସାନ୍ତ ସେନାପତି, ଅମିତ୍ କୁମାର ଦାସ, ତପନ ଓଝା, ରଞ୍ଜିତ ଜେନା, ଆଶିଷ କୁମାର ମଣ୍ଡଳ, ରାକେଶ କୁମାର ମଣ୍ଡଳ, ସିପୁ ସାହୁ, ଲଳିତ ଗିରି ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

# ସଦର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ

କେନ୍ଦୁଝର:୧୨/୧୦(ଦିଲ୍ଲୀପ କୁମାର ସାହୁ) – ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସଦର ବ୍ଲକର ଏକ ବୈଠକ ମହାଲକ୍ଷ୍ମୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପଦ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ସଂଗଠନର ଜିଲ୍ଲା ଶାଖା ସଭାପତି ସଂଜୟ ବସନ୍ତ ଚକ୍ର, ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜକ କ୍ଷୀରୋଦ କୁମାର ରାଉତ ଓ ରାଜ୍ୟ ସଂପାଦକ ଭିକାରୀ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଖଣ୍ଡଳମଣି ବାରିକ, ଘାସିରାମ ପ୍ରଧାନ, ଜଳଧର ସାହୁ, ରମାକାନ୍ତ ପ୍ରଧାନ ଉପସ୍ଥିତ ସଦସ୍ୟ, ସଦସ୍ୟାମାନଙ୍କୁ ସଂଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଗାମୀ କାର୍ଯ୍ୟକ୍ରମ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ । କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅହେତୁକ ଭାବେ ଅନେକ ପେନସନ ପେପର ଚୂଡାନ୍ତ ହେଉନଥିବା କଥା ଉପସ୍ଥିତ ସଦସ୍ୟମାନେ ଆଲୋଚନା ରଖିଥିଲେ। ଏହି ସଭାରେ ମହାବିଦ୍ୟାଳୟ,ମାଧ୍ୟମିକ,ପ୍ରାଥମିକ ସ୍ତରରୁ ପ୍ରାୟ ଶତାଧିକ ସଦସ୍ୟ/ସଦସ୍ୟା ଏହି ସଭାରେ ଅଂଶଗ୍ରହଣ କରିଥିଲେ। ପରେ ପରେ ସଦର ବ୍ଲକ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ ଭିତ୍ତିରେ



କରାଯାଇଥିଲା। ଉପଦେଷ୍ଟା ଭାବେ ସର୍ବଶ୍ରୀ ଶରତ ଚନ୍ଦ୍ର ମିଶ୍ର, ଘାସିରାମ ପ୍ରଧାନ, ବାମଦେବ ଦାସ, ବେଣୁଧର ସାହୁ, ସହଦେବ କୁଅଁର, ଶିଶିର କୁମାର ରାୟ, ସ୍ୱପ୍ନେଶ୍ୱର ସାହୁ, ଜଳଧର ସାହୁ, ବିଦ୍ୟାଧର ପ୍ରଧାନ, ପ୍ରଦୀପ କୁମାର ପରିଡା, ଚନ୍ଦ୍ରମୋହନ ମହାନ୍ତ ମନୋନୀତ ହୋଇଛନ୍ତି । ସଭାପତି ଭାବେ ରାଧାକାନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଆଖଣ୍ଡଳମଣି ବାରିକ, ଉପସଭାପତି ଭାବେ ବଂଶୀଧର ସାହୁ ଓ ମୁରଲୀଧର କୁଅଁର, ସଂପାଦକ ଭାବେ ବୈଲୋଚନ ସାହୁ, ସହ ସଂପାଦକ ଭାବେ ସୁରେନ୍ଦ୍ର ନାଥ ସାହୁ ଓ ଦୀନବନ୍ଧୁ ସାହୁ, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ସାହୁ, କାର୍ଯ୍ୟକାରୀ ସମିତି ସଦସ୍ୟ ଭାବେ ଦ୍ୱିତୀକୃଷ୍ଣ ବେହେରା, ମୁକୁନ୍ଦ ଚରଣ ପରିଡା, ଯଦୁମଣି ରାଉତ, ନିରଞ୍ଜନ ସାହୁ ଓ କେଶବ ଚନ୍ଦ୍ର ମହାରଣା ଏବଂ ବ୍ଲକ ସଂଯୋଜକ ଭାବେ ଦିଗମ୍ବର ଗିରି ମନୋନୀତ ହୋଇଥିବା ଜଣାପଡିଛି ।

# ଲୋକତନ୍ତ୍ର ସେନାନୀ ସଂଘ ଓଡିଶା ରାଜ୍ୟ ଶାଖା ତରଫରୁ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ୧୨୪ତମ ଜୟନ୍ତୀ ପାଳନ

କେନ୍ଦୁଝର:୧୨/୦୯(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝରଗଡ ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗତ ରବିବାର ଲୋକତନ୍ତ୍ର ସେନାନୀ ସଂଘ ଓଡିଶା ଶାଖା ତରଫରୁ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କର ୧୨୪ତମ ଜୟନ୍ତୀ ପୂର୍ବତନ ବିଧାୟକ କ୍ଷୀରୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନୀତ ଅତିଥି ଭାବରେ କେନ୍ଦୁଝର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ପୌରାଧ୍ୟକ୍ଷା ନିକୁ ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାକ୍ତନ ବିଭାଗ ପ୍ରଚାରକ ଛୋଟଲାଲ ମହାନ୍ତ, ଇଂ ଅମରବର ଖଟୁଆ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ସେନାନୀର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଜଗଦେବ ଯୋଗଦେଇ ନୂତନ ପିଢିକୁ ଦେଶ ସୁରକ୍ଷାରେ ବ୍ରତି ହେବା ପାଇଁ ଆହ୍ୱାନ ଦେଇଥିଲେ। ସେନାନୀର ସଂପାଦକ ଶ୍ରୀଧର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଉପ-ସଭାପତି ସତ୍ୟନାରାୟଣ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ ସହିତ ମଂଚ ପରିଚାଳନା କରିଥିଲେ। ସେନାନୀର ଅନ୍ୟତମ ସଦସ୍ୟ ଗଦାଧର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ସଭା ପ୍ରାରମ୍ଭରେ ଦିବଂଗତ ସେନାନୀ ବେଦପ୍ରକାଶ ଗୋୟଲ, ଗୁରୁଚରଣ ଜେନା, ହେମନ୍ତ କୁମାର ଜେନା, ଦୁର୍ଗାପ୍ରସାଦ ଦଳେଇ ଓ ସୁରେଶ ଚନ୍ଦ୍ର ପାଢୀଙ୍କ ଆତ୍ମାର ସଦ୍ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# ଆରଡ଼ି ଫିକ୍ସ ଜମା ଟଙ୍କା ଉଠାଣରେ ବାଧା ନାମ ସଂଶୋଧନ ପାଇଁ ଦାବି



ହରିଚନ୍ଦନପୁର, ୧୨/୧୦ (ଶୂନ୍ୟରଞ୍ଜନ ଘଣା): ଆଧାର କାର୍ଡ ଓ ଭୋଟର ପରିଚୟପତ୍ରରେ ନାମ ଠିକ୍ ଥିବା ସତ୍ତ୍ୱେ ଆରଡ଼ି ଫିକ୍ସ ଜମା ଖାତାରେ ନାମ ଭୁଲ ରହିଥିବାରୁ ନିର୍ଦ୍ଧାରିତ ସମୟ ଅବଧି ପରେ ମଧ୍ୟ ଜମା ଟଙ୍କା ଉଠାଇବାରେ ସମସ୍ୟା ଦେଖାଦେଇଛି। ଏଭଳି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବୁଢ଼ାଖମଣ ଗ୍ରାମ ପଞ୍ଚାୟତର ସହରଟାଙ୍ଗିରି ଗ୍ରାମରେ ସାମ୍ନାକୁ ଆସିଛି ।ଗ୍ରାମର ଲଳିତା ମହାନ୍ତ, ସ୍ୱାମୀ ଫକୀର ମହାନ୍ତ, ଦୀର୍ଘ ବର୍ଷ ଧରି ଡାକଘରେ ଆରଡ଼ି ଫିକ୍ସ ଜମା ଖାତା ମାଧ୍ୟମରେ ନିୟମିତ ଭାବେ ମାସିକ ଟଙ୍କା ଜମା କରିଆସୁଥିଲେ। କିନ୍ତୁ କୌଣସି କାରଣରୁ ଜମା ଖାତାରେ ତାଙ୍କ ପ୍ରକୃତ ନାମ 'ଲଳିତା ମହାନ୍ତ' ବଦଳରେ 'ଲୀଳାବତୀ ମହାନ୍ତ' ଲେଖାଯାଇଥିବା ଜଣାପଡ଼ିଛି। ଫଳରେ ଜମା ଅବଧି ପୂରଣ ହେବା ପରେ ମଧ୍ୟ ଟଙ୍କା ଉଠାଣରେ ବାଧା ସୃଷ୍ଟି ହୋଇଛି ।ଅନ୍ୟପକ୍ଷରେ, ତାଙ୍କ ଆଧାର କାର୍ଡ ଓ ଭୋଟର ପରିଚୟପତ୍ରରେ ପ୍ରକୃତ ନାମ ଠିକ୍ ଭାବେ ଉଲ୍ଲେଖ ରହିଛି। ତେଣୁ ଡାକଘର ଜମା ଖାତାରେ ଥିବା ଭୁଲ ନାମକୁ ସଂଶୋଧନ କରି ଆଧାର କାର୍ଡ ଓ ଭୋଟର ପରିଚୟପତ୍ର ଅନୁଯାୟୀ ପ୍ରକୃତ ନାମ ଲଳିତା ମହାନ୍ତ କରିବାକୁ ସେ ଦାୟିତ୍ୱରେ ଥିବା ଡାକଘର ଶାଖା ପରିଚାଳକଙ୍କ ନିକଟରେ ଦାବି ଜଣାଇଛନ୍ତି।

# ବାଇକ ଦୁର୍ଘଟଣାରେ ଜଣେ ମୃତ ଓ ଜଣେ ଗୁରୁତର

କେନ୍ଦୁଝର:୧୨/୧୦(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଘଟଗାଁ–ହରିଚନ୍ଦନପୁର ରାସ୍ତାର କେନ୍ଦୁଆପଡ଼ା ନିକଟରେ ଗତ ରବିବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟିହେବା ପରେ ପ୍ରାୟ ୨୦ ଫୁଟ ତଳକୁ ଖସିପଡ଼ିଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାନୁଯାୟୀ, ଘଟଗାଁ–ହରିଚନ୍ଦନପୁର ରାସ୍ତାର କେନ୍ଦୁଆପଡ଼ା ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ବାଇକ୍‌ଟି ଯାଉଥିବା ସମୟରେ କୌଣସି କାରଣରୁ ଚାଳକ ବାଇକ ଉପରୁ ନିୟନ୍ତ୍ରଣ ହରାଇବା ଫଳରେ ବାଇକ୍‌ଟି ରାସ୍ତାକଡ଼ରେ ଥିବା ଗଛରେ ଧକ୍କା ଖାଇବା ପରେ ପ୍ରାୟ ୨୦ ଫୁଟ୍ ତଳକୁ ଖସିପଡ଼ିଥିଲା । ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ଯୁବକଙ୍କ ମୃତ୍ୟୁ



ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ସମ୍ପର୍କିତ ବିସ୍ତୃତ ସୂଚନା ଏବଂ ମୃତ ଓ ଆହତଙ୍କ ପରିଚୟ ସମ୍ପର୍କରେ ତଥ୍ୟ ମିଳିନାହିଁ । ତେବେ ଦୁର୍ଘଟଣାର ପ୍ରକୃତ କାରଣ କ'ଣ ଏବଂ କେଉଁ ପରିସ୍ଥିତିରେ ବାଇକ୍‌ଟି ଭାରସାମ୍ୟ ହରାଇଲା, ତାହା ସ୍ପଷ୍ଟ ହୋଇନାହିଁ । ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବାର ସୂଚନା ମିଳିଛି ।

# ୧୫ କେଜି ବରହା ମାଂସ ଓ ୪ ମୁଣ୍ଡ ଜବତ

ହରିଚନ୍ଦନପୁର,୧୨/୧୦(ଶୂନ୍ୟରଞ୍ଜନ ଘଣା ): ୧୫ କେଜି ବାର୍ହା ମାଂସ, ୪ ବାର୍ହା ମୁଣ୍ଡ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ଜଂଘିରା ବନପାଳ କୌଶଲ୍ୟା ମହାନ୍ତଙ୍କ ନେତୃତ୍ୱାଧୀନ ବନବିଭାଗର ଟିମ୍। ଗିରଫ ଶିକାରୀ ହରିଚନ୍ଦନପୁର ବ୍ଲକ ପିଠାଗୋଳ ଗ୍ରାମର ରମେଶ ମୁଣ୍ଡା ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ରମେଶ ଶିକାର ପାଇଁ ଶସ୍ୟକ୍ଷେତ୍ର ନିକଟରେ ଫାଶ ବସାଇଥିଲେ। ୪ ବାର୍ହା ଉକ୍ତ ଫାଶରେ ପଡିଥିବାବେଳେ ସେମାନଙ୍କୁ ଶିକାରୀ ରମେଶ ମୁଣ୍ଡା ମାରି ଦେଇଥିଲେ। ବାର୍ହା ଗୁଡିକୁ କାଟି ତାର ମାଂସ ବିକ୍ରି କରୁଥିବାବେଳେ ଖବର ପାଇ ଜଂଘିରା ବନପାଳ କୌଶଲ୍ୟା ମହାନ୍ତ, ବନରକ୍ଷୀ ଦିଲ୍ଲୀପ କୁମାର ମହାନ୍ତ ଏବଂ ବନସୁରକ୍ଷା ବାହିନୀର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଶିକାରୀକୁ କାବୁ କରିଥିଲେ । ଘଟଣାସ୍ଥଳରୁ ୧୫ କେଜି ବାରହା ମାଂସ, ୪ ବାରହା ମୁଣ୍ଡ ଜବତ ହୋଇଛି। ଏନେଇ ବନବିଭାଗ ତରଫରୁ ୧୭/୨୬ ମୂଳେ ଏକ ମାମଲା ରୁଜୁ ହୋଇଛି। ଶିକାରୀ ରମେଶ ମୁଣ୍ଡାକୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂଚନା ଦେଇଛି।

# ଗ୍ରାମୀଣ ଉଦ୍ୟୋଗୀ ସୃଷ୍ଟି ପାଇଁ ଇଡିଆଇଆଇ-ଡିଏମଏଫ୍ ପ୍ରକଳ୍ପର ସଚେତନତା କର୍ମଶାଳା

ହରିଚନ୍ଦନପୁର, ୧୨/୧୦ (ଶୂନ୍ୟରଞ୍ଜନ ଘଣା): ଗ୍ରାମାଞ୍ଚଳରେ ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ ଦେବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ ଲକ୍ଷ୍ୟରେ ହରିଚନ୍ଦନପୁର ବ୍ଲକରେ ଇଡିଆଇଆଇ-ଡିଏମଏଫ୍ ଉଦ୍ୟମୀ ପ୍ରକଳ୍ପ ପକ୍ଷରୁ ଏକ ଦିବସୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମିଳିତ ଭାବେ ଏହି କର୍ମଶାଳାର ଶୁଭାରମ୍ଭ କରିଥିଲେ।ଖଣି ପ୍ରଭାବିତ ଅଞ୍ଚଳର ଯୁବକ ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ଉପରେ ବିଡିଓ ଗୁରୁତ୍ୱାରୋପ କରିଥିଲେ। ଡିଏମଏଫ୍‌ର ସହାୟତାରେ ଏବଂ



ଇଡିଆଇଆଇ ଦ୍ୱାରା ପରିଚାଳିତ ଏହି ପ୍ରକଳ୍ପ ତୃଣମୂଳ ସ୍ତରରେ ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଅଧିକାରୀମାନେ ମତ ପ୍ରକାଶ କରିଥିଲେ।କର୍ମଶାଳାରେ ବିଭିନ୍ନ ବିଭାଗୀୟ ସମନ୍ୱୟ, ବ୍ୟାଙ୍କ ଋଣ ସୁବିଧା, ବଜାର ସଂଯୋଗ ଏବଂ ସମୂହ ସହଭାଗିତା ଆଦି ବିଷୟରେ ଆଲୋଚନା ହୋଇଥିଲା। କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ଶିଳ୍ପ ବିଭାଗର ବିଭିନ୍ନ ସରକାରୀ ଯୋଜନାକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା, ନୂତନ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଋଣ ଓ ଆର୍ଥିକ ସହାୟତା ଯୋଗାଇଦେବା ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ସ୍ଥାନୀୟ ବଜାର ସହ ସଂଯୋଗ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ରେଲୱେ ଓଭରବ୍ରିଜ୍‌ର ଡିଭାଇଡରରେ ପିଟିହେଲା ବାଇକ୍, ଯୁବକ ଗୁରୁତର

ହରିଚନ୍ଦନପୁର, ୧୨/୧୦ (ଶୂନ୍ୟରଞ୍ଜନ ଘଣା): ଘଟଗାଁ-ହରିଚନ୍ଦନପୁର ରାସ୍ତାର ରଘୁନାଥପୁର ରେଲୱେ ଓଭରବ୍ରିଜ୍‌ରେ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଓଭରବ୍ରିଜ୍‌ର ଡିଭାଇଡର ସୁରକ୍ଷା ବାଡ଼ାରେ ବାଇକ୍ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି। ଆହତ ଯୁବକ ଜଣକ ହେଲେ ଧଗୋଠା ଗ୍ରାମର କୈବଲ୍ୟ ମଲ୍ଲିକ।ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟା ସମୟରେ କୈବଲ୍ୟ ବାଇକ୍ ଯୋଗେ ହରିଚନ୍ଦନପୁର ଆଡ଼କୁ ଆସୁଥିବା ବେଳେ ରଘୁନାଥପୁର ରେଲୱେ ଓଭରବ୍ରିଜ୍‌ର ଡିଭାଇଡର ସୁରକ୍ଷା ବାଡ଼ାରେ ଧକ୍କା ଦେଇଥିଲେ। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିବା ସହ ଛାତିରେ ଗଭୀର ଆଘାତ ଲାଗିଥିଲା। ଏହାଦ୍ୱାରା ସେ ଗୁରୁତର ଆହତ ହୋଇଥିଲେ।ଦୁର୍ଘଟଣା ସମ୍ପର୍କରେ ଖବର ପାଇ ହରିଚନ୍ଦନପୁର ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ଆହତ ଯୁବକଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅନ୍ୟପକ୍ଷରେ, ହରିଚନ୍ଦନପୁର ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି।

# ଦେଶୀ ରନ୍ଧା ମଦ ସହ, ବୁଲେଟ ଗାଡ଼ି ଜବତ : ଦୁଇ ଗିରଫ



ହାଟଡିହି:୧୨/୧୦ (ଅମୀୟ ବରାଳ) – କେଉଁଝର ଜିଲ୍ଲାଅବକାରୀ ଅଧିକ୍ଷକ ତେଜରାଜ ଯାନୀ ନିର୍ଦ୍ଦେଶ କ୍ରମେ ଆନନ୍ଦ ପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଙ୍କ ତତ୍ୱାବଧାନରେ ଆନନ୍ଦପୁର ଓ ହାଟଡିହି ଅବକାରୀ ବିଭାଗ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଓସ୍ତ ପୁରା, ମାର୍ଶାପାଳ ଓ ଅଳତି ଅଞ୍ଚଳରେ ରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା ବେଳେ, ୯୦ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି।ଏଥିସହ ଏକ ରୟାଲ୍ ଏନଫିଲ୍ଡ୍ ବୁଲେଟ ଗାଡିକୁ ଜବତ କରାଯିବା ସହିତ ଅଳତି ଗାଁର ପ୍ରଫୁଲ ସେଠୀ ଓ ଘଷିପୁରା ଗାଁ ର ବିକାଶ କୁମାର ଜେନାଙ୍କୁ ଗିରଫ କରାଯାଇଛି ।ଜବତ ଦେଶୀ ରନ୍ଧା ମଦ ଓ ମଟର ସାଇକେଲ ର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହିପରି ଭାବେ ଆଗକୁ ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ ଚଢ଼ାଉ ଜାରୀ ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର:୧୨/୧୦(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ଭାରତୀୟ ରେଳବାଇ ସବୁବେଳେ ଅବହେଳା କରିଆସିଛି। ଆନନ୍ଦପୁରକୁ ରେଳପଥ ସଂଯୋଗ କରିବା ଦାବିରେ ଆଜି ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। ବାରିଗାଁସ୍ଥିତ ଧନେଇ ପୀଠରୁ ଏହି ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରେଳପଥ ସଂଯୋଗ ଦାବିନେଇ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ପାଇଁ ୨୦୧୪ ମସିହାରୁ ଦାବି ହୋଇଆସୁଛି। ଦୀର୍ଘ ବର୍ଷ ଧରି ଏହି ଦାବି ଉଠିଆସୁଥିଲେ ମଧ୍ୟ ଏଯାଏଁ ଏହା ପୂରଣ ହୋଇପାରିନାହିଁ। ଏହି ଦାବିକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଧର୍ମଘଟ, ସଂକୀର୍ତ୍ତନ ଯାତ୍ରା ଓ ଦଣ୍ଡବତ ଯାତ୍ରା ଭଳି ଅଭିନବ ପ୍ରତିବାଦ କରାଯାଇଛି।ତଥାପି ପ୍ରତିବର୍ଷ ରେଳ ବଜେଟ୍‌ରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନେଇ କୌଣସି ଆଶାଜନକ ଘୋଷଣା ନହେବାରୁ ଅଞ୍ଚଳବାସୀ ନିରାଶ ହୋଇଆସୁଛନ୍ତି। ରେଳପଥ ସଂଯୋଗ ହେଲେ ଯାତାୟାତ ସୁବିଧା ବୃଦ୍ଧି ସହ ଅଞ୍ଚଳର ବାଣିଜ୍ୟ, ପର୍ଯ୍ୟଟନ ଓ ଆର୍ଥିକ ବିକାଶକୁ ନୂଆ ଦିଗ ମିଳିପାରିବ ବୋଲି ଆଶା କରାଯାଉଛି। ଦୀର୍ଘ ୧୨ ବର୍ଷ ଧରି ଚାଲିଥିବା ଏହି ଦାବି ପ୍ରତି ସରକାର ଗୁରୁତ୍ୱ ଦେବା ସହ ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶାରଦୀୟ ନବରାତ୍ର ପୂଜାରମ୍ଭ
## ଚଳଚଞ୍ଚଳ ଶକ୍ତିପୀଠ

ପାରଳାଖେମୁଣ୍ଡି, ୧୨/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଗତକାଲି ରାତ୍ର ଠାରୁ ମା ଜଗତଜନନୀ ଦୁର୍ଗାଙ୍କ ଶାରଦୀୟ ନବରାତ୍ରୀ ପୂଜା ଆରମ୍ଭ ହୋଇଯାଇଛି । ଏନେଇ ପାରଳା ସହର ଉତ୍ସବ ମୁଖରିତ ହୋଇ ଉଠିବ ସହ ଚଳଚଞ୍ଚଳ ହୋଇଛି ବିଭିନ୍ନ ପୂଜାମଣ୍ଡପ ଓ ଶକ୍ତିପୀଠ । ଗଜପତି ଜିଲ୍ଲାରେ ଥିବା ବିଭିନ୍ନ ଶକ୍ତି ପୀଠ ତଥା ମା ଦୂର୍ଗା ପୂଜା ପାଉଥିବା ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଶାରଦୀୟ ନବରାତ୍ର ପୂଜା ପାରମ୍ପରିକ ରୀତିନୀତିରେ ଆୟୋଜିତ ହୋଇଛି ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା । ବିଭିନ୍ନ ଶକ୍ତିପୀଠ ତଥା ପୂଜା ମଣ୍ଡପ ଗୁଡିକରେ ୯ ଦିନ ଧରି ୯ ଟି ରୂପରେ ପୂଜା ପାଇବେ ମା' ଦୁର୍ଗା । ମା'ଙ୍କ ଆବାହନ ପାଇଁ ଚଳଚଞ୍ଚଳ ହୋଇ ଉଠିଛି ବିଭିନ୍ନ ଶକ୍ତିପୀଠ । ଏହି ଅବସରରେ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ପ୍ରସିଦ୍ଧ ମାଁ ମାଣିକେଶ୍ୱରୀ ଦେବୀଙ୍କ ପୀଠ, ମାଁ ଦାଣ୍ଡୁ ମାରାମ୍ମା ମନ୍ଦିରରେ ଶାରଦୀୟ ନବରାତ୍ର ପୂଜାପାଇଁ ପାରମ୍ପାରିକ ରୀତିନୀତିରେ ଆୟୋଜିତ ହୋଇଥିବାବେଳେ ନୀଳାମ୍ବା ଠାକୁରାଣୀ ମନ୍ଦିର ଆଦି ସମେତ ବଡବ୍ରାହ୍ମଣ ସାହି ଛକ, ଖଞ୍ଜାସାହି ଛକ ଆଦି ଠାରେ ହେଉଥିବା ପୂଜା ମଣ୍ଡପ ଠାରେ ଅତ୍ୟନ୍ତ ଆକାଷଣୀୟ ଭାବେ ମା ଦୁର୍ଗାଙ୍କ ବିରାଟ ମୂର୍ତ୍ତି ସ୍ଥାପନ କରାଯାଇ ମା'ଙ୍କ ସ୍ୱତନ୍ତ୍ର ନବରାତ୍ର ପୁଜାର୍ଚ୍ଚନା ଗତକାଲି ରାତିରେ ଆରମ୍ଭ ହୋଇଛି ।

## ପବିତ୍ର ଶାରଦୀୟ ଷୋଡ଼ଶ ଉପଚାରରେ ପୂଜା ଅନୁଷ୍ଠିତ

ନୂଆପଡା ୧୨/୧୦.( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ପରିବାର ଗଡ ରକ୍ଷକ ଦେବୀ ମାଁ ରକ୍ତାମ୍ବରୀଙ୍କ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେଉଥିବା ବେଳେ ପବିତ୍ର ଦଶହରା ରେ ଶାରଦୀୟ ଷୋଡ଼ଶ ଉପଚାରରେ ପୂଜା ଅନୁଷ୍ଠିତ ହେଉଅଛି । ମହାଳୟା ତିଥିରେ ମାଁ ନିଜ ପୀଠ ସ୍ଥଳୀ ରୁ ଛତର ଦେବାରେ ବିରାଜ୍ ମାନ ହୋଇ ନିଶି ରାତ୍ରରେ ମନ୍ଦିର କୁ ପ୍ରବେଶ କରିଥାନ୍ତି । ପ୍ରତିପଦା ରୁ ନବମୀ ପର୍ଯ୍ୟନ୍ତ ନବଦିନାତ୍ମକ ପୂଜା ହୋଇଥାଏ । ପବିତ୍ର ବିଜୟା ଦଶମୀ ରେ ମାଁ ଙ୍କ ଯୁଗଳ ଛତର ଯାତ୍ରା ଓଡ଼ିଶା ରେ ବିରଳ ପ୍ରାୟେ । ଦୁଇ ଗୋଟି ଶକ୍ତି ଏକତ୍ର ନଗର ପରିକ୍ରମା କରି ଭକ୍ତଙ୍କ ଦର୍ଶନ ଦେଇଥାନ୍ତି । ଦେବୀଙ୍କ ଅନନ୍ୟା ପରମ୍ପରା ।

## ପାର୍ବଣ ପୂର୍ବରେ ଦୁଗ୍ଧଜାତ ଖାଦ୍ୟର ମାନ ଯାଞ୍ଚ ଦାବି ଓ ନକଲି ପନିର୍ ଆତଙ୍କରେ ବୋଲଗଡ଼
# ଭୀମପଡା ଓ ରାଜସୁନାଖଳା ଅଞ୍ଚଳବାସୀ



ବୋଲଗଡ୧୨/୧୦(ଅକ୍ଷର ଓଡିଶା ) ସାମ୍ନାରେ ଦଶହରା ପାର୍ବଣ ପର୍ବ , ଘରେ ଘରେ ଉତ୍ସବର ମାହୋଲ । ହେଲେ ଏହି ଉତ୍ସବ ବେଳେ ହିଁ ଆପଣ ଯେଉଁ ମିଠା ନିଜ ପିଲା ହାତରେ ଦେଉଛନ୍ତି ଓ ତାହା ଅମୃତ ନା ବିଷ ଏହି ପ୍ରଶ୍ନ ଏବେ ବୋଲଗଡ଼,ଭୀମପଡା, ଧଳାପଥର ଓ ରାଜସୁନାଖଳା ଅଞ୍ଚଳରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି ।ପାର୍ବଣ ପୂର୍ବରେ ଦୁଗ୍ଧଜାତ ଖାଦ୍ୟର ମାନ ଯାଞ୍ଚ ପାଇଁ ଖାଉଟି ମହଲରୁ ଜୋରଦାର ଦାବି ଉଠିଛି । ବୋଲଗଡ଼,ଭୀମପଡା ରାଜସୁନାଖଳା, ପିଚୁକୁଳି, ଧଳାପଥର ସମେତ ଗ୍ରାମାଞ୍ଚଳର ଛୋଟ ବଜାର ଓ ଜଳଖିଆ ଦୋକାନମାନଙ୍କରେ ବିକ୍ରି ହେଉଥିବା ପନିର୍ ଓ ଛେନାର ଗୁଣବତ୍ତାକୁ ନେଇ ସନ୍ଦେହ ଘନୀଭୂତ ହେଉଛି । ନିକଟରେ କଟକ ଓ ପାହାଳ ସହିତ ଅନେକ ସ୍ଥାନରେ ବିପୁଳ ପରିମାଣର ନକଲି ପନିର୍ ଜବତ ହେବା ପରେ ଏହି ଭୟ ଆହୁରି ବଢିଯାଇଛି ।ସୂଚନା ଅନୁସାରେ, ଅଧିକ ମୁନାଫା ଲୋଭରେ କେତେକ ଅସାଧୁ ବ୍ୟବସାୟୀ ନିମ୍ନମାନର ଛେନା ଯୋଗାଣ କରୁଛନ୍ତି, ଯେଉଁଥିରେ ପାଉଡର ଓ ରାସାୟନିକ ଦ୍ରବ୍ୟ ମିଶ୍ରଣ ହେଉଥିବା ସନ୍ଦେହ କରାଯାଉଛି । ସେହି ନକଲି ଛେନାରୁ ହିଁ ରଙ୍ଗ-ବେରଙ୍ଗର ମିଠା ପ୍ରସ୍ତୁତ ହୋଇ ବଜାରକୁ ଆସୁଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପାର୍ବଣ ପର୍ବରେ ପିଲାଙ୍କ ପାଇଁ ଘରକୁ ମିଠା ନେଉ । ଯଦି ସେଇଟା ବିଷ ହୋଇଥାଏ,ତେବେ ସେଥିପାଇଁ କିଏ ଦାୟୀ ରହିବେ ପ୍ରଶାସନ ଯାଞ୍ଚ କରିବା ଦରକାର'ବୋଲି ସ୍ଥାନୀୟ ଖାଉଟିମାନେ କହିଛନ୍ତି ।ତେଣୁ ସାମାଜିକ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ତୁରନ୍ତ ବୋଲଗଡ଼,ଭୀମପଡା ରାଜସୁନାଖଳା ଓ ଧଳାପଥର ଅଞ୍ଚଳରେ ବିଭିନ୍ନ ମିଠା ଦୋକାନରୁ ପର୍ନି, ଛେନା ଓ ମିଠାର ନମୁନା ସଂଗ୍ରହ କରି ଲାବୋରେଟୋରୀକୁ ପଠାଇ ରିପୋର୍ଟ ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । କାରଣ ମୁନାଫା ପାଇଁ କାହା ସ୍ୱାସ୍ଥ୍ୟ ସହ ଖେଳିବାକୁ ଦିଆଯାଇ ପାରିବ ନାହିଁ ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର

ସୁବର୍ଣ୍ଣପୁର:୧୨ ।୧୦(ସଂଗ୍ରାମ ମହାପାତ୍ର ) ପତଞ୍ଜଳି ଯୋଗ ସମିତି ଓ ଦିବ୍ୟ ଉର୍ଜା ଯୋଗ ସେବା ସମିତି ସୁବର୍ଣ୍ଣପୁର ଆନୁକୁଲ୍ୟରେ ଏକ ସଙ୍ଗୀତ ମୟ ଧ୍ୟାନ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଗ ସମିତି ପ୍ରଭାରୀ ସତ୍ୟବାନ ମିଶ୍ର ଙ୍କ ନେତୃତ୍ୱ ରେ ଦୀର୍ଘ ଏକ ଘଂଟା ଧରି ଏହି ଧ୍ୟାନ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । କର୍ମ ଚାପ ରେ ବଢୁଥିବା ସମସ୍ତ ପ୍ରକାର ଚାପକୁ ନିୟନ୍ତ୍ରଣ କରିବାକୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପତଞ୍ଜଳୀ ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ କୁମାର ପଣ୍ଡା ଙ୍କ ସଂଯୋଜନା ରେ ଏକ ସଭା କାର୍ଯ୍ୟ ଆରମ୍ଭ କରାଯିବା ସହ ପୂଜ୍ୟ ସ୍ୱାମୀ ନିରଞ୍ଜନ ଦାସ ଜୀ, ଋଷିକେଶ–ହରିଦ୍ୱାରଙ୍କ ଦ୍ୱାରା ସଙ୍ଗୀତମୟ ଧ୍ୟାନ ଯୋଗର ଆଧ୍ୟାତ୍ମିକ ଅନୁଭୂତି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତ ଯୋଗସାଧକ, ସାଧିକା, ଯୁବପିଢ଼ି, ମାତୃଶକ୍ତି, ବରିଷ୍ଠ ନାଗରିକ ଏବଂ ଯୋଗପ୍ରେମୀ ଉପସ୍ଥିତ ଥିଲେ । ଗୋ ସେବା ଓ ଜୀବନ ଚର୍ଯ୍ୟା ବିଷୟ ରେ ମଧ୍ୟ ଆଲୋଚନା କରାଯାଇ ଥିଲା । ଶେଷରେ ସଂଗଠନ ସଂଯୋଜକ ରବୀନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଶ୍ରୀଶକ୍ତି କଲ୍ୟାଣ ସଂଗଠନର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ



କଟକସଦର ୧୧/୧୦(ଅକ୍ଷର ଓଡିଶା ) ସମାଜ ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ମହିଳା ଓ ଶିଶୁ ମାନଙ୍କର ଉନ୍ନତି କରୁଥିବା ସଂଗଠନ ଶ୍ରୀଶକ୍ତି କଲ୍ୟାଣ ସଂଗଠନର ଚତୁର୍ଥ ବାର୍ଷିକ ଉତ୍ସବ ଏବଂ ପୂର୍ଣ୍ଣଶ୍ଲୋକ ସେବା ସମ୍ମାନ ପୁରସ୍କାର ସମାରୋହ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି ।ମହିଳାଙ୍କୁ ସଶକ୍ତ କରିବା, ପିଲାମାନଙ୍କର ଉନ୍ନତ ଭବିଷ୍ୟତ, ଏକ ଉତ୍ତମ ସମାଜ ଗଠନ କରିବା ଦିଗରେ ଏହି ସଂଗଠନ ଏକ ବିଶେଷ କାର୍ଯ୍ୟଦକ୍ଷତା,ତ୍ୟାଗ ଓ କର୍ତ୍ତବ୍ୟ ସମ୍ପାଦନ କରୁଅଛି । ଏହି କାର୍ଯ୍ୟକ୍ରମରେ ସମାଜରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମାନଙ୍କ ସହିତ ବରିଷ୍ଠ ମହିଳା ମାନଙ୍କୁ ପୂର୍ଣ୍ଣଶ୍ଲୋକ ସମ୍ମାନ ଏବଂ ବହୁ ସମାଜସେବା ସଂଗଠକ ମାନଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ଉଦ୍ଘାଟକ ଭାବରେ କେ ଏମ୍ ସି ମେୟର ସୁଭାଷ ଚନ୍ଦ୍ର ସିଂହ, ସମ୍ମାନିତ ଅତିଥି ଭାବରେ ସମାଜ ସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, କଟକ ଆକାଶବାଣୀର ସହକାରୀ ଇଞ୍ଜିନିୟର ଶ୍ରୀମତୀ ସଞ୍ଜୁଲତା ନାୟକ, ସାମାଜିକ କର୍ମୀ ସମ୍ବିତ୍ ନନ୍ଦ, ସମାଜିକ କର୍ମୀ ଶ୍ରୀମତୀ ରଞ୍ଜିତା ଧଳ,ଇନଫିନିଟ ଲଭ୍ ଏକାଡେମୀର ବ୍ରାଣ୍ଡ ଆମ୍ବାସାଡର ରାଜୀବ ଲୋଚନ ପଣ୍ଡା, ସାକ୍ରିଡ ରୁଟ୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଓ ପରିଚାଳନା ସମ୍ପାଦକ ରିତେଶ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବରେ ସ୍ୱାମୀ ଆନନ୍ଦ ରାଜା ବାବା , ଏସ ଏସ ଡବ୍ଲ୍ୟୁ ଓ ର ପ୍ରତିଷ୍ଠାତା ଓ ସମ୍ପାଦିକା ଶ୍ରୀମତୀ ମୋଲିନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳନା ହୋଇଥିଲା ।

# ଧର୍ମଶାଳା ଏବିଇଓଙ୍କ ଘରେ ଭିଜିଲାନ୍ସ ରେଡ୍
## ୧୯ ପ୍ଲଟ୍, ୩ଟି ବହୁତଳ କୋଠା ସହ ବିପୁଳ ସମ୍ପତ୍ତି ଠାବ

ଯାଜପୁର/ଧର୍ମଶାଳା , ୧୨/୧୦ (ଅକ୍ଷର ଓଡ଼ିଶା):ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ସହକାରୀ ଶିକ୍ଷା ଅଧିକାରୀ ଜୟଦେବ ଜେନାଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି । ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାରେ ଚାଲିଥିବା ଏହି ଯାଞ୍ଚ ବେଳେ ଶ୍ରୀ ଜେନା ଓ ତାଙ୍କ ପରିବାର ନାମରେ ରହିଥିବା କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଖୁଲାସା ହୋଇଛି ।ଚଢ଼ାଉ ବେଳେ ଏପର୍ଯ୍ୟନ୍ତ ଭୁବନେଶ୍ୱର ପାତ୍ରପଡ଼ାରେ ପ୍ରାୟ ୪,୩୦୦ ବର୍ଗଫୁଟର ଏକ ଆଲିସାନ ତିନି ମହଲା କୋଠା ଏବଂ ଗଞ୍ଜାମ ଜିଲ୍ଲା ପି. ନୂଆଗାଁରେ ୩,୮୫୦ ବର୍ଗଫୁଟ ଓ ୭,୧୦୦ ବର୍ଗଫୁଟର ଦୁଇଟି ବହୁତଳ କୋଠା ଠାବ ହୋଇଛି । ଏହାବ୍ୟତୀତ ଭୁବନେଶ୍ୱର, ଖଲ୍ଲିକୋଟ ଓ କୋଦଳା ଅଞ୍ଚଳରେ ୧୯ଟି ମୂଲ୍ୟବାନ ପ୍ଲଟ୍ ଥିବା ଜଣାପଡ଼ିଛି । ସେହିପରି



ଗୋଟିଏ ଟାଟା ନେକ୍ସନ ଚାରିଚକିଆ ଯାନ ଓ ଦୁଇଟି ଦୁଇଚକିଆ ଯାନ ଠାବ କରାଯାଇଛି । ସୁନାଗହଣା ଓଜନ ସହ ବ୍ୟାଙ୍କ ଜମା ଏବଂ ଅନ୍ୟାନ୍ୟ ଆର୍ଥିକ ନିବେଶର ହିସାବ କରାଯାଉଛି । ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ଦ୍ୱାରା ଏହି ସବୁ କୋଠା ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ତଥା ମୂଲ୍ୟାୟନ ଜାରି ରହିଛି ।ସୂଚନାଯୋଗ୍ୟ, ୧୯୮୭ ମସିହାରେ ଥଇଥାନ ଯୋଜନାରେ ମାସିକ ମାତ୍ର ୧,୦୦୦ ଟଙ୍କା ଦରମାରେ ସହକାରୀ ଶିକ୍ଷକ ଭାବେ ଚାକିରି ଆରମ୍ଭ କରିଥିବା ଶ୍ରୀ ଜେନା ପରବର୍ତ୍ତୀ ସମୟରେ ପ୍ରଧାନ ଶିକ୍ଷକ ଓ ପରେ ଏବିଇଓ ଭାବେ ପଦୋନ୍ନତି ପାଇଥିଲେ । ୨୦୨୪ ନଭେମ୍ବରରୁ ସେ ଧର୍ମଶାଳା ଏବିଇଓ ଭାବେ କାର୍ଯ୍ୟରତ ଅଛନ୍ତି । ଏହି ଚଢ଼ାଉରେ ଭିଜିଲାନ୍ସର ୩ ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି ଓ ୯ ଜଣ ଇନ୍ସପେକ୍ଟର ସାମିଲ ଥିବା ବେଳେ ଯାଞ୍ଚ ଶେଷ ହେବା ପରେ ମୋଟ ଆକଳନ ସମ୍ପର୍କରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

# ସାମପାଲି ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ଚଢ଼ାଉ
## ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବା ବେଳେ ୨ ଅଟକ

ରିଆମାଳ,୧୨।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ରିଆମାଳ ବନାଞ୍ଚଳର ତାରଙ୍ଗ ସେକ୍ସନ ସାମପାଲି ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବା ବେଳେ ବନ ବିଭାଗ ଚଢ଼ାଉ କରି ଦୁଇ ଜଣଙ୍କୁ ଅଟକ ରଖିଛି । ଅଟକ ଦୁଇ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ଅନ୍ୟ ଜଣକ ଜରିପାଳ ଗ୍ରାମର ପିଣ୍ଟୁ କିସାନ ବୋଲି ଜଣାପଡ଼ିଛି । ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଯାଉଥିବା ନେଇ ରିଆମାଳ ବନ ବିଭାଗକୁ ନିୟମିତ ସୂଚନା ମିଳୁଥିଲା । ଏହି ସୂଚନା ଆଧାରରେ ଗତ ରାତିରେ ଫରେଷ୍ଟର ଅମିର କୁମାର ପ୍ରଧାନ ଓ ବନ କର୍ମଚାରୀଙ୍କ ଏକ ଟିମ୍ ସାମପାଲି ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ଶିକାର ପାଇଁ ବ୍ୟବହୃତ ବିଦ୍ୟୁତ୍ ତାର, ପ୍ଲାଷ୍ଟିକ୍ ପାଇପ୍, ବାଉଁଶ ବାଡ଼ି ଓ ଗୋଟିଏ ବାଇକ୍ ଜବତ କରାଯାଇଥିବା ଜଣାପଡ଼ିଛି । ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି ।ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର କରିବା ଦ୍ୱାରା ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଛି । ଏଭଳି ବେଆଇନ କାର୍ଯ୍ୟ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ନଜର ରଖାଯାଉଛି ।

## ୧୦ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧ ହଜାରରୁ ଉର୍ଦ୍ଧ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ବିକ୍ଷୋଭ



ପାରଳାଖେମୁଣ୍ଡି, ୧୨/୧୦(ତାରିଣୀ ପ୍ରସାଦ ପଣ୍ଡା): : ବିଭିନ୍ନ ସମସ୍ୟାର ସମାଧାନ ଓ ୧୦ ଦଫା ଦାବି ପୂରଣ ପାଇଁ ଆଜି ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟସମିତିର ନିଷ୍ପତ୍ତି ଅନୁଯାୟୀ ଗଜପତି ଜିଲ୍ଲା ଶାଖା ପକ୍ଷରୁ ଏହି ଆନ୍ଦୋଳନ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୧,୦୦୦ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏଥିରେ ଯୋଗ ଦେଇଥିଲେ. ଜିଲ୍ଲା ସଭାନେତ୍ରୀ କୁନି ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆସୋସିଏସନର ରାଜ୍ୟ ସହସମ୍ପାଦିକା ଅଞ୍ଜଳୀ ନାୟକ ଓ ଭାରତୀୟ ମଜଦୁର ସଂଘର ସଭାପତି ସୁଜିତ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

## ଅଲଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ଆସୋସେଶନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କଳାହାଣ୍ଡି/୧୨/୧୦/( ରାମ କୁମାର ସେନାପତି) କଳାହାଣ୍ଡି ଜିଲ୍ଲା ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କାସ ଆସୋଷେଶନ ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଓଡିଶାଙ୍କୁ ଦଶ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ, ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କ କାର୍ଯ୍ୟକାଳ ଏବଂ ପାରିଶ୍ରମିକ ସମ୍ପର୍କରେ ପୁର୍ନବିଚାର ପ୍ରସଙ୍ଗରେ, ଦାବି ଗୁଡିକ ହେଉଛି,ସମନିତ୍ୟ ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟରତ ଅଙ୍ଗନୱାଡ଼ି ଓ ସହାୟିକା କର୍ମଚାରୀ ଭାବେ ମାନ୍ୟତା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ତିରିଶ ହଜାର ଓ ସହାୟିକାଙ୍କୁ ୧୫ ହଜାର ପ୍ରଦାନ କରାଯାଉ, ଗତ ୨୦୨୪ମସିହାରେ ନ୍ର୍ବିଚନ ଇସ୍ତାହାର ଅନୁଯାୟୀ ପାରିଶ୍ରମିକ ବୃଦ୍ଧି ପ୍ରଦାନ କରାଯାଉ, ଗତ ୩୧/୮/୨୦୨୧ର ବିଜ୍ଞପିତ ଇସ୍ତାହାର ଲାଗୁ କରାଯାଉ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ୬୦ବର୍ଷ ସେବା ପରେ ଅଙ୍ଗନୱାଡ଼ି କର୍ମୀଙ୍କୁ ଦୁଇ ବର୍ଷୀୟା ସମ୍ପ୍ରସାରିତ ନିଯୁକ୍ତି କରାଯାଉନାହିଁ, ଏହାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ, ନେଟୱାର୍କ ସମସ୍ୟାରୁ ପୋଷଣ ଟ୍ରାକର ତଥ୍ୟ ଏଣ୍ଟ୍ରି ହୋଇ ନ ପାରିବା କାରଣରୁ ପାରିଶ୍ରମିକ କାଟି ଦେଇ ଥିବା ପାରିଶ୍ରମିକ ପ୍ରଦାନ କରାଯାଉ, ଅଙ୍ଗନୱାଡ଼ି କର୍ମୀଙ୍କୁ ସୂପର ଭାଇଯର ପଦନିତ ପ୍ରକ୍ରିୟା ପ୍ରତିବର୍ଷ ନିୟମିତ ଭାବେ ବାଧକ ସାଜିଛି ତାହା ଉଚ୍ଛେଦ କରାଯାଉ, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କ ତିନି ବର୍ଷ ର ବକେୟା ଥିବା ୟୁନିଫର୍ମ ରାଶି ତୁରନ୍ତ ପ୍ରଦାନ କରିବା ସହ ମୋବାଇଲ ରିଚାର୍ଜ୍ ଓ ନେଟ ପ୍ୟାକ ରାଶି ନିୟମିତ ଭାବେ ପ୍ରଦାନ କରା ଯାଉ, ବାବଦ ରାଶି ପାଞ୍ଚ ମାସର ବକେୟା ରହିଛି ତାହା ତୁରନ୍ତ



ପ୍ରଦାନ କରାଯାଉ, ରାଜ୍ୟର ବିଭିନ୍ନ ଜିଲାରେ ଝଘଚ, ଓ ଗଝଚଣ ବାବଦ ଅର୍ଥ ରାଶି ଓ ଚାଉଳ ସଠିକ୍ ସମୟରେ କେନ୍ଦ୍ର ଗୁଡିକକୁ ଯୋଗାଇ ଦିଆ ଯାଉ, ଏବଂ ଔକ୍ଟସଭଙ୍ଗ ବମ-ମକ୍ଟଙ୍କଭଙ୍ଗ ମାଧ୍ୟମରେ ଆସୁଥିବା ଅର୍ଥ ରାଶି ଅଙ୍ଗନୱାଡ଼ି କର୍ମୀ ଙ୍କୁ ପ୍ରଦାନ କରାଯାଉ, ନମ୍ବର ରେ ରାଜ୍ୟର ବିଭିନ୍ନ ଜିଲାରେ ବକେୟା ରହି ଥିବା ରାଶି ତୁରନ୍ତ ପ୍ରଦାନ କରାଯାଉ, ଏଭଳୀ ସମସ୍ୟା ଗୁଡିକ ପ୍ରତି ସଦୟ ବିଚାରୀ କରି ଦୁସ୍ଥ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କ ଦୀର୍ଘଦିନର ନ୍ୟାର୍ଯ୍ୟ ଦାବି କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଜି ହଜାର ହଜାର ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନେ କଳାହାଣ୍ଡି ଜିଲ୍ଲା ପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଉପସ୍ଥିତ ହୋଇ ସମ୍ପାଦିକା ପ୍ରେମଲତା ସାମନ୍ତରାୟ ପ୍ରମୁଖ ଙ୍କ ସମେତ ଦାବି ପତ୍ର ପ୍ରଦାନ କରିଥିଲେ ।

## ବିନା ଟେଣ୍ଡରରେ ଚାଲିଛି ମାଧବ ବାଲିଘାଇ ୬୦ ନା।ଜାତୀୟ ରାଜପଥ କାମ
# ଭିଜିଲାସନ୍ସ ତଦନ୍ତ ଦାବୀ

ନିମାପଡ଼ା ୧୨/୧୦(ଅକ୍ଷର ଓଡ଼ିଶା) ଚାରିଛକ ବଜାରଠାରୁ ନିଆଳି ଟୋଲା, ବାଲିକୁଦା ବେହେରା ସାହି ହୋଇ ପୁରୀ ପର୍ଯ୍ୟନ୍ତ ଯାଉଥିବା ପୂର୍ତ୍ତ ବିଭାଗ ଅଧୀନ ଜାତୀୟ ରାଜପଥ ନିର୍ମାଣକୁ ନେଇ ବଡ଼ ଧରଣର ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି । ଏହି ରାସ୍ତାଟି ନିଆଳି ବ୍ଲକରେ ୪ କିଲୋମିଟର ଏବଂ ନିମାପଡ଼ା ବ୍ଲକରେ ୪ କିଲୋମିଟର ରହିଛି ।ରାସ୍ତାଟି ଦୁଇଟି ବିଧାନସଭା ମଣ୍ଡଳୀ ଅଧୀନରେ ଆସୁଥିବାରୁ, ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ପ୍ରରୋଚନାରେ ବିନା ଟେଣ୍ଡରରେ କୋଟି କୋଟି ଟଙ୍କାର କାମ ଠିକାଦାର ଓ ଯନ୍ତ୍ରୀମାନଙ୍କ ମଧ୍ୟରେ ମସୁଧା ହୋଇ ଚାଲିଥିବା ଅଭିଯୋଗ ହୋଇଛି । ବାରମ୍ବାର ଗଣମାଧ୍ୟମରେ ଏହା ପ୍ରକାଶ ପାଉଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀମାନେ ସରକାରୀ ନୀତିନିୟମକୁ ବେଖାତିର କରି ନିଜ ଇଚ୍ଛାରେ କାମ ଚଳାଇଛନ୍ତି ।ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇ ଠିକାଦାର ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ମାଲାମାଲ ହେଉଥିବା ବେଳେ



ଏହାର ଏକ ଉଚ୍ଚସ୍ତରୀୟ ଭିଜିଲାସନ୍ସ ତଦନ୍ତ ଦାବୀ କରାଯାଇଛି । ଆଗାମୀ ଦିନରେ ଚାରିଛକ ବିକାଶ ପରିଷଦ ପକ୍ଷରୁ ଭିଜିଲାସନ୍ସ ବିଭାଗକୁ ଏକ ଦାବିପତ୍ର ଦିଆଯାଇ ପ୍ରକୃତ ସତ୍ୟ ଜନସାଧାରଣଙ୍କ ସାମ୍ନାକୁ ଅଣାଯିବ ବୋଲି ପରିଷଦର ପ୍ରେସ୍ ବିବୃତିରେ ଜଣାଇ ଦିଆଯାଇଛି ।

## ଖଡ଼ିଆଳରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ
# ୬୪ଟି ଅଭିଯୋଗ ପଞ୍ଜୀକୃତ




ନୂଆପଡ଼ା, ୧୨/୧୦( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ମୋଟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଓ ୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା ।ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନୀ ମିତ୍ର, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର, ଏ. ମାଧବୀଲତା ଏବଂ ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଓ ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ସହ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜିତ ହୋଇଥିଲା ।

## ପ୍ରାଣନାଥ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉଷ୍ମତା

ଖୋର୍ଦ୍ଧା, ୧୨/୧୦( ଅକ୍ଷର ଓଡିଶା ): ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପରେ ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି । ବିଭିନ୍ନ ଛାତ୍ର ସଂଗଠନ ନିଜ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ପ୍ରଚାର ଜୋରଦାର କରୁଥିବା ବେଳେ ସ୍ଥାନୀୟ ପ୍ରାର୍ଥୀଙ୍କୁ ନେଇ ବିଶେଷ ଚର୍ଚ୍ଚା ହେଉଛି । ଚଳିତ ନିର୍ବାଚନରେ ସଭାପତି ପଦ ପାଇଁ ଏବିଭିପି, ବିଜୁ ଛାତ୍ର ଜନତା ଦଳ ଓ ପ୍ରାଣନାଥ ଷ୍ଟୁଡେଂଟ ୟୁନିଅନ୍ (ପି.ଏନ.ଏସ.ୟୁ) ସମର୍ଥିତ ତିନିଜଣ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରୀମୁଖୀ ଲଢ଼େଇ ହେଉଛି । ସ୍ଥାନୀୟ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଯୋଗାଯୋଗ ରଖିବା ସହ ସେମାନଙ୍କ ସମସ୍ୟା ବୁଝିବାରେ ସୁବିଧା ପାଇବେ ବୋଲି ପି.ଏନ.ଏସ.ୟୁ ଓ ବିସିଜେଡି ସମର୍ଥକମାନେ ଆଶା ପ୍ରକାଶ କରିଛନ୍ତି ।

# ଉତ୍କଳ ସାମ୍ବାଦିକ ସଂଘ ପରିଚାଳନା କମିଟି ବୈଠକ
## ନୂତନ ସଭାପତି ଭାବେ ଦାୟିତ୍ୱ ନେଲେ ଚିତ୍ତରଞ୍ଜନ,ରବୀନ୍ଦ୍ର କାର୍ଯ୍ୟକାରୀ ସଭାପତି, ବୈଦ୍ୟ ସମ୍ପାଦକ

ଖଣ୍ଡପଡ଼ା, ୧୨।୧୦(ଅକ୍ଷର ଓଡ଼ିଶା): ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଶାଖା ପରିଚାଳନା କମିଟି ବୈଠକ ଫତେଗଡ ଶ୍ରୀରାମ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ଭାପୁର ଶାଖା ପକ୍ଷରୁ ପରିଚାଳନା କରିଥିଲେ । ଆଗାମୀ ବର୍ଷ ପାଇଁ ସଦସ୍ୟତା ନବୀକରଣ ପ୍ରସଙ୍ଗ ଆଲୋଚନା କରାଯାଇ ବ୍ଲକ୍ ସଂଯୋଜକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବ୍ଲକ୍ ସଂଯୋଜକମାନେ ଚଳିତ ବର୍ଷର ସଦସ୍ୟ ତାଲିକା ଏବଂ ନବୀକରଣ ଦେୟ ବୈଠକରେ ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ଶାଖା ପରିଚାଳନା କମିଟି ପୁର୍ନଗଠନ କରାଯାଇଛି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ନୂତନ ଜିଲ୍ଲା ଶାଖା ସଭାପତି ଭାବେ ଚିତ୍ତରଞ୍ଜନ ମିଶ୍ରଙ୍କ ନାମ ପ୍ରସ୍ତାବ ଦେଇଥିଲେ । ଏହାକୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । କାର୍ଯ୍ୟକାରୀ ସଭାପତି ଭାବେ ରବୀନ୍ଦ୍ର କୁମାର ଦାସ, ଉପ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ଶୁଭେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଭାବେ ବୈଦ୍ୟ ଭୂଷଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ଅଶୋକ ମହାପାତ୍ର, ଅନୀଲ କୁମାର ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, କୋଷାଧକ୍ଷ



ଭାବେ ବିଶ୍ୱଜିତ୍ ନାୟକ, ସାଂଗଠନିକ ସମ୍ପାଦକ ଭାବେ ଦେବୀ ପ୍ରସାଦ ଦାଶ, ଶିବଦତ୍ତ ପାତ୍ର, ପ୍ରଭାତ ବରାଡ଼, ଚିରଞ୍ଜିବୀ ଦାଶ, ନିହାର ପଟ୍ଟନାୟକ, ସାରସ କୁମାର ମିଶ୍ର, ସମୀକ୍ଷକ ଭାବେ ରାମକୃଷ୍ଣ ରଥ, ଚନ୍ଦ୍ର ବିଜୟୀ ମିଶ୍ର, ଗଣମାଧ୍ୟମ ସଂଯୋଜକ ଭାବେ ବିଭୂତି ଭୂଷଣ ସ୍ୱାଇଁ, ଜନ୍ମେଜୟ ଦଳେଇଙ୍କୁ ଚୟନ କରାଯାଇଛି । ଜିଲ୍ଲା ଶାଖା ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଏସ ଏ ମନାନ, ପ୍ରଦୀପ୍ତ ପଟ୍ଟନାୟକ, ରବୀନ୍ଦ୍ର ପଟ୍ଟନାୟକ, ସନାତନ ଷଡ଼ଙ୍ଗୀଙ୍କୁ ଚୟନ କରାଯାଇଛି । ଆଗାମୀ ଦୁଇ ବର୍ଷ ପାଇଁ ଏହି କମିଟି କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି । ପୂର୍ବତନ ସଭାପତି ଶ୍ରୀଯୁକ୍ତ ଶ୍ରୀକାନ୍ତ ଖଟେଇ ବ୍ୟକ୍ତିଗତ କାରଣରୁ ରାଜ୍ୟ ସଭାପତିଙ୍କୁ ଇସ୍ତଫା ଦେଇଛନ୍ତି । ସେ ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ ବୋଲି ରାଜ୍ୟ ସଭାପତିଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟ ସଭାପତି ଭିସି ମାଧ୍ୟମରେ ବୈଠକରେ ଯୋଡ଼ି ହୋଇ ଏହି ସୂଚନା ଦେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ପୂର୍ବ ଭଳି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଛି । ରାଜ୍ୟ ସଂଘ ନିର୍ବାଚନ ଶେଷ ହେବା ପରେ ଜିଲ୍ଲା ଶାଖା ପକ୍ଷରୁ ଆସନ୍ତା ଡିସେମ୍ବର ମାସରେ ସାଧାରଣ ସଭା କରିବାକୁ ନିଷ୍ପତ୍ତି ହୋଇଛି । ପ୍ରତ୍ୟେକ ବ୍ଲକରେ ସଂଗଠନ ମଜବୁତ କରିବାକୁ ଆଲୋଚନା ହୋଇଛି । ତିନିମାସ ବ୍ୟବଧାନରେ ଭିନ୍ନ ଭିନ୍ନ ବ୍ଲକରେ ବୈଠକ କରିବାକୁ ଆଲୋଚନା ହୋଇଛି । ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲ୍ଲା ଶାଖା ଆଗାମୀ ଦିନରେ ସାମ୍ବାଦିକ କଲ୍ୟାଣ ସହ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ସବୁ ବ୍ଲକ୍ ସଭାପତି ଓ ସଂଯୋଜକ ଯୋଗ ଦେଇଥିଲେ । ବୈଠକ ଶେଷରେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ ଆର୍ଶିବଚନ ପ୍ରଦାନ କରିଥିଲେ ।

## ଦିଲ୍ଲୀରୁ ସ୍ଥାନାନ୍ତର ହେବନି ଭାରତ-ଶ୍ରୀଲଙ୍କା ଦିନିକିଆ: ବିସିସିଆଇ ସମ୍ପାଦକ



ନୂଆଦିଲ୍ଲୀ, ୧୨/୧୦ : ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଡିସେମ୍ବର ୧୩ରେ ଦିଲ୍ଲୀରେ ହେବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ହେବା ନେଇ ପ୍ରକାଶିତ ଖବରକୁ ଖଣ୍ଡନ କରିଛନ୍ତି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ସୋମବାର ସେ କହିଛନ୍ତି ଯେ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ପ୍ରଚଳିତ ନୀତି ଅନୁଯାୟୀ ଏହି ମ୍ୟାଚ୍ ଦିଲ୍ଲୀକୁ ଆବଣ୍ଟନ କରାଯାଇଛି ଏବଂ ସେଠାରେ ହିଁ ଖେଳାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ମ୍ୟାଚ୍‌କୁ ଅହମ୍ମଦାବାଦକୁ ସ୍ଥାନାନ୍ତର କରାଯାଇପାରେ ବୋଲି ପ୍ରକାଶିତ ଖବରକୁ ସାଇକିଆ ଅସ୍ୱୀକାର କରିଛନ୍ତି। ଏହି ଶୃଙ୍ଖଳାର ଶେଷ ଦିନିକିଆ ଡିସେମ୍ବର ୧୯ରେ ଅହମ୍ମଦାବାଦରେ ଖେଳାଯିବ। ଦିନିକିଆ ଶୃଙ୍ଖଳା ବ୍ୟତୀତ ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ତିନିଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଖେଳିବ।

# ଟି-୨୦ କ୍ରିକେଟରେ ଛକାରେ ଅଭିଷେକଙ୍କ ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ, ୧୨/୧୦ : ଭାରତୀୟ ଯୁବ କ୍ରିକେଟ୍‌ର ଅଭିଷେକ ଶର୍ମା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏକ ବିରଳ ରେକର୍ଡଧାରୀ ହୋଇଛନ୍ତି। ବିସ୍ଫୋରକ ବ୍ୟାଟିଂ ବଳରେ ସେ ଛକା ମାରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ମାରି ସୂର୍ଯ୍ୟକୁମାର ଯାଦବଙ୍କ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ପାଞ୍ଚଟି ଛକା ମାରି ଏହି ସଫଳତାରେ ପହଞ୍ଚିଛନ୍ତି। ୨୦୨୬ରେ ସେ ମୋଟ ୬୮ଟି ଛକା ମାରିଛନ୍ତି। ଇନ୍ଦୋରସ୍ଥିତ ହୋଲକର ଷ୍ଟାଡିୟମରେ ରବିବାର ରାତିରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ଅଭିଷେକ ୩୦ ବଲ୍‌ରେ ୬୯ ରନ୍ କରିଥିଲେ। ଏହି ଧମାକାଦାର ଇନିଂସରେ ସେ ପାଞ୍ଚଟି ଛକା ମାରିଥିଲେ। ଏହି ବର୍ଷ ସେ ୬୮ଟି ଛକା ମାରିସାରିଛନ୍ତି, ଯାହା ଟି-୨୦ କ୍ରିକେଟରେ ଏକ କ୍ୟାଲେଣ୍ଡର ବର୍ଷରେ ଜଣେ ବ୍ୟାଟସମ୍ୟାନଙ୍କ ଦ୍ୱାରା ସର୍ବାଧିକ। ପୂର୍ବରୁ, ସୂର୍ଯ୍ୟକୁମାର ଯାଦବ ୨୦୨୨ରେ ସମାନ ସଂଖ୍ୟକ ଛକା ମାରିଥିଲେ।

### ସୂର୍ଯ୍ୟକୁମାରଙ୍କ ସମକକ୍ଷ

ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏକ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ମାରିବାର ବିଶ୍ୱ ରେକର୍ଡ ବର୍ତ୍ତମାନ ଅଭିଷେକ ଶର୍ମା ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ନାମରେ ଅଛି। ଅଭିଷେକ ଶର୍ମା ଏହି ବର୍ଷ ମୋଟ ୬୮ଟି ଛକା ମାରିଛନ୍ତି। ସୂର୍ଯ୍ୟକୁମାର ଯାଦବ ୨୦୨୨ରେ ମଧ୍ୟ ସେହିପରି କରିଥିଲେ। ଏହି ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି ଅଭିଷେକ ଶର୍ମା, ଯିଏ ଗତ ବର୍ଷ ୫୪ଟି ଛକା ମାରିଥିଲେ।

### ଏକ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା

ଅଭିଷେକ ଶର୍ମା: ୬୮ (୨୦୨୬), ସୂର୍ଯ୍ୟକୁମାର ଯାଦବ: ୬୮ (୨୦୨୨), ଅଭିଷେକ ଶର୍ମା: ୫୪ (୨୦୨୫), ଇଶାନ କିଷାନ: ୫୨ (୨୦୨୬), ସାହିବଜାଦା ଫରହାନ: ୪୫ (୨୦୨୫)

### ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ୍

ଅଭିଷେକ ଶର୍ମା ମଧ୍ୟ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଦୁଇଥର ୫୦ରୁ ଅଧିକ ଛକା ମାରିଥିବା ବିଶ୍ୱର ପ୍ରଥମ ବ୍ୟାଟସମ୍ୟାନ୍। ସେ ୨୦୨୫ ଏବଂ ୨୦୨୬ରେ ଏପରି କରିଛନ୍ତି। ଅଭିଷେକ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟସମ୍ୟାନଙ୍କ ତାଲିକାରେ ଦ୍ରୁତ ଗତିରେ ଉପରକୁ ଉଠିଛନ୍ତି। ଏପର୍ଯ୍ୟନ୍ତ ସେ ଏହି ଫର୍ମାଟରେ ୧୪୧ଟି ଛକା ମାରିଛନ୍ତି ଏବଂ ରୋହିତ ଶର୍ମା ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ପରେ ଭାରତୀୟଙ୍କ ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି।



## ରଣଜୀ ବେଳେ 'ଭାରତ-ଏ'ର ବିଦେଶ ଗସ୍ତ ନେଇ ଭେଙ୍ଗସରକାରଙ୍କ ସମାଲୋଚନା



ମୁମ୍ବାଇ, ୧୨/୧୦ : ରଣଜୀ ଟ୍ରଫି ଚାଲିଥିବା ସମୟରେ 'ଭାରତ-ଏ' ଦଳକୁ ନ୍ୟୁଜିଲାଣ୍ଡ ଗସ୍ତରେ ପଠାଇବା ନିଷ୍ପତ୍ତିର ସମାଲୋଚନା କରିଛନ୍ତି ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର। ଏହାଦ୍ୱାରା ଦେଶର ଏହି ପ୍ରମୁଖ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ଗୁରୁତ୍ୱ କମୁଥିବା ସେ କହିଛନ୍ତି। ପୂର୍ବରୁ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟକରିଥିବା ଭେଙ୍ଗସରକାର କହିଛନ୍ତି, ରଣଜୀ ଟ୍ରଫି ଚାଲିଥିବାବେଳେ ଏଭଳି ଗସ୍ତ ଆୟୋଜନ କରିବା ଅଯୌକ୍ତିକ। ରଣଜୀ ଟ୍ରଫି ଆୟୋଜନର ଆଉ ମୂଲ୍ୟ କ'ଣ ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଘରୋଇ ଋତୁ ବେଳେ ଦେଶର ଶ୍ରେଷ୍ଠ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ବିଦେଶ ଗସ୍ତରେ ପଠାଯିବା ଦ୍ୱାରା ରଣଜୀ ଟ୍ରଫିରେ ରନ୍ କରୁଥିବା ଓ ୱିକେଟ୍ ନେଉଥିବା ଖେଳାଳିଙ୍କ ପ୍ରଦର୍ଶନର ମୂଲ୍ୟ କମିଯାଉଛି। ବିଦେଶୀ ପରିବେଶ ସହ ଖାପ ଖୁଆଇବା ଲକ୍ଷ୍ୟ ଥିଲେ ମୁଖ୍ୟ ଦଳକୁ ଆଗୁଆ ପଠାଇବା ଉଚିତ, ଟେଷ୍ଟ ଦଳରେ ଖେଳିବାର ସମ୍ଭାବନା ନଥିବା ଖେଳାଳିଙ୍କୁ ନୁହେଁ ବୋଲି ସେ ମତ ଦେଇଛନ୍ତି। ଧ୍ରୁବ ଜୁରେଲଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତ-ଏ' ଦଳ ଅକ୍ଟୋବର ୨୪ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଗସ୍ତ କରି ତିନୋଟି ଚାରିଦିନିଆ ମ୍ୟାଚ୍ ଖେଳିବ।

## ଦଳ ଚୟନକୁ ନେଇ ମନ୍ତବ୍ୟ ଦେବା ବନ୍ଦ କରିଦେଇଛି: ସାମି



ନୂଆଦିଲ୍ଲୀ, ୧୨/୧୦ : ନିଜ ଫିଟ୍‌ନେସ୍ ଓ ବୋଲିଂର ଲୟକୁ ନେଇ ହେଉଥିବା ସମାଲୋଚନାର ଜବାବ ଦେଇଛନ୍ତି ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି। ବାହାରର ସମାଲୋଚନା ଉପରେ ଧ୍ୟାନ ନଦେଇ କ୍ରିକେଟ୍ ଖେଳିବା ଉପରେ ସେ ଗୁରୁତ୍ୱ ଦେଉଥିବା କହିଛନ୍ତି। ଜାତୀୟ ଦଳରେ ଚୟନ ନହେବା ସମ୍ପର୍କରେ ସେ କହିଛନ୍ତି ଯେ ଏବେ ଚୟନକୁ ନେଇ ମନ୍ତବ୍ୟ ଦେବା ବନ୍ଦ କରିଦେଇଛନ୍ତି। ତାଙ୍କର କାମ ହେଉଛି କ୍ରିକେଟ୍ ଖେଳିବା ଏବଂ ସେଥିରେ ହିଁ ସେ ଧ୍ୟାନ ଦେବେ। ରବିବାର କଲ୍ୟାଣୀରେ ୨୦୨୬-୨୭ ରଣଜୀ ଟ୍ରଫି ସିଜିନ୍‌ର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ବିପକ୍ଷରେ ବେଙ୍ଗଲ ପାଇଁ ଖେଳି ସାମି ୪ଟି ୱିକେଟ୍ ନେଇଥିଲେ। ତାଙ୍କର ୩୦ ରନ୍ ବିନିମୟରେ ୪ ୱିକେଟ୍ ସଫଳତା ଯୋଗୁଁ ପ୍ରଥମ ଦିନରେ ଦିଲ୍ଲୀ ୨୪୦ ରନ୍‌ରେ ଅଲଆଉଟ୍ ହୋଇଥିଲା। ଏହି ପ୍ରଦର୍ଶନ ସହ ସେ ପୁଣି ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଚେଷ୍ଟା କରିଛନ୍ତି। ୩୬ ବର୍ଷୀୟ ସାମି ଦୀର୍ଘଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ଅନ୍ତର୍ଜାତୀୟ ସିରିଜ୍ ପାଇଁ ମଧ୍ୟ ତାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନାହିଁ। କିନ୍ତୁ ବରିଷ୍ଠ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଚାରି ବର୍ଷ ପରେ ଜାତୀୟ ଦଳକୁ ଫେରିଛନ୍ତି। ଭୁବନେଶ୍ୱରଙ୍କ ଏହି ପ୍ରତ୍ୟାବର୍ତ୍ତନକୁ ସାମି ସମର୍ଥନ କରିଛନ୍ତି।

## ଇଗଲ ସ୍ପୋର୍ଟି ମେଣ୍ଢାଶାଳ ଓ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦ ପ୍ରସାଦ ବିଜୟୀ



ଖୋର୍ଦ୍ଧା, ୧୨/୧୦ (ଅକ୍ଷର ଓଡ଼ିଶା) : ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ଆଜିର ଚତୁର୍ଥ ଦିବସ ର ପ୍ରଥମ ମ୍ୟାଚ୍‌ରେ ବାଲୁଙ୍କେଶ୍ୱର ୱାରିଅର୍ସ ଇଗଲ ସ୍ପୋର୍ଟି ମେଣ୍ଢାଶାଳକୁ ଭେଟିଥିଲା । ଟସ୍ ରେ ବିଜୟ ଲାଭ କରି ଇଗଲ ସ୍ପୋର୍ଟି ମେଣ୍ଢାଶାଳ ପ୍ରଥମେ ବ୍ୟାଟିଂ କରି ଦଳ ୧୬ ଓଭର ରେ ୧୬୪ ରନ୍ କରିଥିଲା । ଦଳ ପକ୍ଷରୁ ରଶ୍ମିରଞ୍ଜନ ସର୍ବାଧିକ ୩୦ରନ୍ କରିଥିଲେ । ତମାଣ୍ଡୋ ପକ୍ଷରୁ ସିପୁନ ପଟ୍ଟନାୟକ ୩ ଟି ୱିକେଟ ହାସଲ କରିଥିଲେ । ଜବାବ୍ ରେ ତମାଣ୍ଡୋ ଦଳ ୧୪ ଓଭର ରେ୧୪୨ରନ୍ ରେ ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା । ଅଲ ରାଉଣ୍ଡ ପ୍ରଦର୍ଶନ କରିଥିବା ଅମିତ୍ ବଡ଼ଜେନା ଙ୍କୁ ଅତିଥି ରାକେଶ ମହାପାତ୍ର ଓ ସୁନୀଲ ବରାଳ ପୁରସ୍କୃତ କରିଥିଲେ । ଦ୍ୱିତୀୟ ମ୍ୟାଚ୍ ରେ ଗୁରୁଜଙ୍ଗ ଡେଆରବୁଲ୍‌ସ କୁ ଭେଟିଥିଲା । ଟସ୍ ରେ ବିଜୟ ଲାଭ କରି ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା । ଗୁରୁଜଙ୍ଗ ଦଳ ୧୬ ଓଭର ରେ ୧୦ ୱିକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୁବାଷ ଖଟୁଆ ସର୍ବାଧିକ ୫୬ ରନ୍ ସଂଗ୍ରହ କରିଥିଲେ ।ମୁକୁନ୍ଦ ପ୍ରସାଦ ପକ୍ଷରୁ ସୌମ୍ୟ ରଂଜନ ୬ଟି ୱିକେଟ ହାସଲ କରିଥିଲେ ।ଜବାବରେ ମୁକୁନ୍ଦପ୍ରସାଦ ନିଖିଲ୍ ନାୟକଙ୍କ ବିସ୍ଫୋରକ ୬୪ରନ ସହାୟତା ରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୁକୁନ୍ଦପ୍ରସାଦ ଦଳର ନିଖିଲ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଅମୀୟ ରଂଜନ ମହାନ୍ତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଆଜିର ମ୍ୟାଚ୍ କୁ ଅସିତ୍ ଶତପଥୀ, ଜୟନ୍ତ ମାର୍ଥା, ପ୍ରଶାନ୍ତ ବେହେରା, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ । ସେହିପରି ଭାଷ୍ୟକାର ଭାବରେ ଏସ୍.କେ କାସିମ୍ ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର କାର୍ଯ୍ୟ ତୁଲାଇଥିଲେ ।

# ମହିଳା ଏସୀୟ କପ୍ ଯୋଗ୍ୟତା ହାସଲ କଲେ ଭାରତୀୟ ବାଳିକା



ସେଲାୟାଙ୍ଗ, ୧୨/୧୦ : ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ ପାଇଁ ଯୋଗ୍ୟତା ହାସଲ କରିଛି ଭାରତ। ରବିବାର ମାଲେସିଆର ସେଲାୟାଙ୍ଗସ୍ଥିତ ଏମ୍ପି ସେଲାୟାଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନିଜର ଶେଷ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ 'ଇ' ମ୍ୟାଚ୍‌ରେ ଭାରତ ୪-୦ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ରେଦିମା ଦେବୀ ୩୦ତମ ମିନିଟ୍‌ରେ ପେନାଲ୍ଟି ବକ୍ସ ବାହାରୁ ଏକ ଚମତ୍କାର ସଟ୍ ମାଧ୍ୟମରେ ପ୍ରଥମ ଗୋଲ୍ ଦେଇଥିଲେ। ଏହି ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ପ୍ରୀତିକା ବର୍ମନ ନିକଟରୁ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ଏହାର ମାତ୍ର ୬ ମିନିଟ୍ ପରେ ଅନୁଷ୍କା କୁମାରୀ ଆଉ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ୮୭ତମ ମିନିଟ୍‌ରେ ନିଧି ପବନ କୁମାର ପ୍ରତିପକ୍ଷ ଗୋଲ୍‌ରକ୍ଷକଙ୍କୁ ଚକ୍‌ମା ଦେଇ ଖାଲି ଗୋଲ୍‌ପୋଷ୍ଟରେ ବଲ୍ ପକାଇ ଭାରତର ବିଜୟକୁ ୪-୦ରେ ପହଞ୍ଚାଇଥିଲେ। ଏହି ବିଜୟ ସହ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍‌ରେ ସ୍ଥାନ ସୁନିଶ୍ଚିତ କରିଛି। ଚଳିତ ବର୍ଷ ଆୟୋଜିତ ପୂର୍ବ ସଂସ୍କରଣରେ ଭାରତ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲା। ଏଥରର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଦଳ ମୋଟ ୩ ମ୍ୟାଚ୍ ଖେଳିଥିବାବେଳେ ସବୁ ମ୍ୟାଚ୍‌ରେ ବିଜୟ ସହ ମୋଟ ୯ ପଏଣ୍ଟ ହାସଲ କରିଛି। ଏହି ତିନି ମ୍ୟାଚ୍‌ରେ ଭାରତ ପକ୍ଷରୁ ମୋଟ ୨୦ ଗୋଲ୍ ଦିଆଯାଇଥିଲା। ଇରାକ୍ ବିପକ୍ଷ ମ୍ୟାଚ୍‌ରେ ଭାରତ ୧୪-୦ରେ ଓ ସିରିୟା ବିପକ୍ଷରେ ୨-୦ରେ ବିଜୟ ହାସଲ କରିଥିଲା। ୨୦୨୭ ଏସୀୟ କପ୍ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ପର୍ଯ୍ୟନ୍ତ ଚୀନ୍‌ରେ ଅନୁଷ୍ଠିତ ହେବ।

## ତାସଖେଳ ବେଳେ ଖଣ୍ଡାରେ ଆକ୍ରମଣ, ଜଣେ ଗୁରୁତର

ବୁଗୁଡ଼ା, ୧୨/୧୦ (ଅକ୍ଷର ଓଡିଶା ) : ବୁଗୁଡ଼ା ଥାନା ଖୋଲଖାଲି ଗ୍ରାମରେ ତାସଖେଳ ବେଳେ ଖଣ୍ଡାରେ ଆକ୍ରମଣ ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ଜିତୁ ବେହେରା (୩୮) ବୋଲି ଜଣାପଡ଼ିଛି। ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଜିତୁ ଓ ଚନ୍ଦନ ଗତକାଲି ପାଙ୍ଗିଡ଼ି ଗ୍ରାମକୁ ଯାଇଥିଲେ। ସେଠାରେ ଉଭୟେ ମଦ୍ୟପାନ କଲା ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ତାଙ୍କୁ ଅତର୍କିତ ଭାବେ ଏକ ଖଣ୍ଡାରେ ଆକ୍ରମଣ କରିବାରୁ ଜିତୁର ନାକ ଛିଣ୍ଡି ଯାଇଥିବା ବେଳେ ମୁହଁରେ ଗଭୀର ଆଘାତ ଲାଗିଥିଲା । ପୋଲିସ ଖଣ୍ଡା ଜବତ କରିବା ସହ ଆକ୍ରମଣକାରି ଖୋଲଖାଲି ଗ୍ରାମର ଚନ୍ଦନ ବେହେରା (୨୩)କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣା ପଡିଛି।

# ଚିତ୍ରକୋଣ୍ଡା ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି




ମାଲକାନଗିରି, ୧୨/୧୦ (ପ୍ରଦୀପ ରାଉଳ) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଶୁଣାଣି କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କଠାରୁ ମୋଟ ୫୧ଟି ଅଭିଯୋଗ ପତ୍ର ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୨୮ଟି ବିଭିନ୍ନ ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ପର୍କିତ ରହିଥିଲା। ଉପସ୍ଥିତ ଅଧିକାରୀମାନଙ୍କ ଦ୍ୱାରା ଘଟଣାସ୍ଥଳରେ ହିଁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ୪୮ଟି ଆବେଦନକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ଶିବିରରେ ମୁଖ୍ୟତଃ ଗ୍ରାମୀଣ ଗୃହ ନିର୍ମାଣ, ପାନୀୟ ଜଳ ଯୋଗାଣ, ଗମନାଗମନ, ସାମାଜିକ ସୁରକ୍ଷା ଭତ୍ତା ଏବଂ ଅନ୍ୟାନ୍ୟ ଜନହିତକର ଯୋଜନା ସମ୍ପର୍କିତ ଦାବିପତ୍ର ପ୍ରଶାସନ ନିକଟରେ ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତା କୁମାରଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।

**୫୧ଟି ଅଭିଯୋଗ ମଧ୍ୟରୁ ୩ଟିର ସଦ୍ୟ ସମାଧାନ**

# ତିଖାଲି ଗାଁକୁ ପାଇପ୍ ଯୋଗେ ପାଣି ଯୋଗାଣ ଦାବି




ନୂଆପଡ଼ା, ୧୨/୧୦( ଅକ୍ଷର ଓଡିଶା )ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ଗ୍ରାମ ପଞ୍ଚାୟତର ତିଖାଲି ଗାଁରେ ଦୀର୍ଘଦିନ ଧରି ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉନଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମବାସୀଙ୍କୁ ପାଣି ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟାର ସମାଧାନ ଦାବିରେ ଆଜି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଅଭିଯୋଗ ଶିବିରରେ ତିଖାଲି ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଅଭିଯୋଗ ଉପସ୍ଥାପନ କରାଯାଇଥିଲା। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଗାଁକୁ ପାଣି ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଯଦି ତିଖାଲି ଗାଁକୁ ପାଣି ଯୋଗାଣ ଆରମ୍ଭ ନହୁଏ, ତେବେ ନିଜେ ଏବଂ ସମସ୍ତ ଗ୍ରାମବାସୀଙ୍କ ସହ ମିଶି ଜଡଝଝ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଗ୍ରାମବାସୀଙ୍କ ମୁଖ୍ୟ ଦାବି ହେଉଛି, ତିଖାଲି ଗାଁର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରି ଶୀଘ୍ର ପାଇପ୍ ଯୋଗେ ପାଣି ଯୋଗାଣ ସୁନିଶ୍ଚିତ କରାଯାଉ। ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି କେତେ ଶୀଘ୍ର କାର୍ଯ୍ୟକାରୀ ହେଉଛି, ତାହା ଉପରେ ରହିଛି।

## ନୟାଗଡ଼ ଜିଲ୍ଲା ଲେଖକ ପରିଷଦ

# ନୂତନ କର୍ମକର୍ତ୍ତା ଚୟନ ଓ ଅଣୁ କବିତା ଆସର



ନୟାଗଡ଼, ୧୨/୧୦ (ଅକ୍ଷର ଓଡ଼ିଶା) : ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ତ୍ରୟବାର୍ଷିକ ସାମ୍ବିଧାନିକ ବୈଠକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହେବା ସହିତ ଅଣୁ କବିତା ଆସର ଆୟୋଜିତ ହେଇଥିଲା । ଆଜିର ପ୍ରଥମାର୍ଦ୍ଧ ଅଣୁ କବିତା ଆସରରେ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ନୟାଗଡ଼ ଜିଲ୍‌ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡ.ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ମୁଖ୍ୟବକ୍ତା ଭାବରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧାପିକା ଡ. ବିଦ୍ୟୁଲତା ଷଣ୍ଢ ଯୋଗ ଦେଇଥିବା ବେଳେ ଶତାଧିକ କବି, କବୟିତ୍ରୀ ଉପସ୍ଥିତ ହୋଇ ନିଜର ସ୍ୱରଚିତ ଅଣୁ କବିତା ପାଠ କରିଥିଲେ । ସେଥିମଧ୍ୟରୁ ଶ୍ରେଷ୍ଠ ତିନୋଟି କବିତାକୁ ଚୟନ କରାଯାଇ କବିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଶ୍ରେଷ୍ଠ କବିତା ପାଇଁ ସମ୍ବର୍ଦ୍ଧିତ ହେଲେ କବୟିତ୍ରୀ ଡ.ସୁକାନ୍ତି ମହାନ୍ତି, ଡ.ସୀତୁ ପ୍ରକାଶ ରଥ ଓ ପ୍ରିୟଦର୍ଶିନୀ ମହାପାତ୍ର । କବିତା ଆସରରେ ବିଚାରପତି ଭାବରେ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫୁଲ୍ଲ କୁମାର୍ ମାଝୀ, ଓଡ଼ଗାଁ ଓ ଡକ୍ଟର ବିଧୁତ୍ ଶେଖର ମିଶ୍ର, ଶ୍ରୀକ୍ଷେତ୍ର, ପୁରୀ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଥମ ପରୟ୍ୟାୟ କବିତା ଆସର ପରେ ବିଗତ ତିନିବର୍ଷର କାରୟ୍ୟକ୍ରମ ଉପରେ ସବିଶେଷ ତଥ୍ୟ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ଉପସ୍ଥାପନ କରିବା ପରେ ସଭାପତି ଗତ କମିଟିକୁ ଭଙ୍ଗକରି ନୂତନ କମିଟି ଚୟନ ପାଇଁ ପ୍ରସ୍ତାବ ଦେଇଥିଲେ । ସଭାପତିଙ୍କ ପ୍ରସ୍ତାବ କ୍ରମେ ବରିଷ୍ଠ କବି ପ୍ରଫୁଲ୍ଲ କୁମାର୍ ମାଝୀଙ୍କୁ ଅସ୍ଥାୟୀ ସଭାପତିର ଦାୟିତ୍ୱ ଦିଆଯାଇଥିଲା । ନୂତନ କର୍ମକର୍ତ୍ତା ଚୟନ ପ୍ରସ୍ତାବ ଉପରେ ବରିଷ୍ଠ କବି ଗୋଦାବରୀ ବସନ୍ତିଆ ପ୍ରସ୍ତାବ ଆଗତ କରି କହିଥିଲେ ଯେ, ପୁରାତନ କମିଟି ସମ୍ପୂର୍ଣ୍ଣ ଭାବରେ ନିଷ୍ଠା ସହ କାମ କରୁଥିବାରୁ ଉକ୍ତ କମିଟିରେ ଥିବା କର୍ମକର୍ତ୍ତାଙ୍କୁ ପୁନଃ ଦାୟିତ୍ୱ ଦିଆଯାଉ । କବି ଗୋଦାବଗରୀ ବସନ୍ତିଆଙ୍କ ପ୍ରସ୍ତାବକୁ ସଭିଁଏ କରତାଳି ଦେଇ ସମର୍ଥନ କରିବାରୁ ସାମାନ୍ୟ ପରିବର୍ତ୍ତନ ସହିତ ଯଥାକ୍ରମେ ସଭାପତି ଭାବରେ ପୁନର୍ବାର ପ୍ରଧାନୀ ବୃନ୍ଦାବନ ମହାପାତ୍ର, ବରିଷ୍ଠ ଉପସଭାନେତ୍ରୀ ଭାବରେ ଡ. ସୁକାନ୍ତି ମହାନ୍ତି, ଉପସଭାପତି ଭାବରେ ହାଡ଼ିବନ୍ଧୁ ମହାଖୁଡ଼, ନୀଳିମା ନନ୍ଦ, ସୀମାଞ୍ଚଳ ଦାଶ ଓ ପ୍ରଶାନ୍ତ କୁମାର୍ ଦାଶ, ସଂପାଦକ ଭାବରେ ପୁନର୍ବାର ଶେଖ୍ ଅବଦୁଲ୍ ଖାଲିକ୍, ସାଧାରଣ ସମ୍ପାଦକ ଭାବରେ ନିରାକାର ସାଇଁ, ସ୍ନିଗ୍ଧାରାଣୀ ପଟ୍ଟନାୟକ, କୋଷାଧକ୍ଷ ଭାବରେ ଗୋପିନାଥ ପରିଡ଼ା, ସାଂସ୍କୃତିକ ସମ୍ପାଦକ ପଦବୀରେ ଡ. ସୀତୁ ପ୍ରକାଶ ରଥ ଓ ଗୋପୀନାଥ ସେଠୀ, ଗଣମାଧ୍ୟମ ସଂଯୋଜକ ଭାବରେ ଗୋକୁଳ କୁମାର୍ ଷଡ଼ଙ୍ଗୀ ମନୋନୀତ ହୋଇଥିବା ବେଳେ ବିଭିନ୍ନ ବ୍ଲକ୍ ସଂଯୋଜକ ଭାବରେ ଯଥାକ୍ରମେ ଓଡ଼ଗାଁ ବ୍ଲକ୍ ପାଇଁ ଗୋଦାବରୀ ବସନ୍ତିଆ, ରଣପୁର ବ୍ଲକ୍ ନବକିଶୋର ସାମନ୍ତରାୟ, ନୂଆଗାଁ ବ୍ଲକ୍ ଦୁରୟ୍ୟୋଧନ ସାହୁ, ଗଣିଆ ବ୍ଲକ୍ ପୂର୍ଣ୍ଣଚନ୍ଦ୍ର ସାହୁ, ଭାପୁର ବ୍ଲକ୍ ନାରାୟଣ ଶୁକ୍ଳ, ଖଣ୍ଡପଡ଼ା ବ୍ଲକ୍ ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ଦଶପଲ୍ଲା ବ୍ଲକ୍ ବିଘ୍ନେଶ୍ୱର ବେହେରା ଓ ନୟାଗଡ଼ ବ୍ଲକ୍ ପାଇଁ ପ୍ରତାପ କୁମାର୍ ସାହୁ ପ୍ରମୁଖ ମନୋନୀତ ହେଲେ । ସେହିପରି ପରିଷଦ ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ କବୟିତ୍ରୀ ବସିରନ୍ ବିବି, ପ୍ରଫୁଲ୍ଲ କୁମାର୍ ମାଝୀ, ନିରଞ୍ଜନ ନାୟକ, ସୁଦର୍ଶନ ପ୍ରଧାନ ଓ ସୌଦାମିନୀ ସାଇଁ ସ୍ଥାନ ପାଇଛନ୍ତି । ଆଜିର ଉଭୟ କାରୟ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ଉଭୟ ସୋପାନର ସଭାପତି ଓ ଉପସ୍ଥିତ କବି କବୟିତ୍ରୀଙ୍କୁ ସାଧାରଣ ସମ୍ପାଦକ ନିରାକାର ସାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera